ବର୍ଷ-୨୫, ସଂଖ୍ୟା-୨୦୦
ଭୁବନେଶ୍ୱର
୨୭, ଜୁଲାଇ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 200
Bhubaneswar
27, July, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ବିପଦ ସଂକେତ ଡେଇଁଲା ତିନି ନଦୀ

**ଭୁବନେଶ୍ୱର,୨୬।୭(ମହାଭାରତ):** ଓଡ଼ିଶାର ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ଅତ୍ୟଧିକ ବର୍ଷା ହେତୁ ସୁବର୍ଣ୍ଣରେଖା, ଜଳକା ଏବଂ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଉଥିବା ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବୈତରଣୀ ନଦୀରେ ଆନନ୍ଦପୁର ଠାରେ ଜଳ ସ୍ତର ୩୮.୮୨ ମିଟର ଅଛି ଓ ଏହା କ୍ରମାଗତ ବୃଦ୍ଧି ପାଉଛି, ଏହାର ବିପଦ ସଂକେତ ସ୍ତର ୩୮.୩୬ ମିଟର। ସେହିପରି, ଆଖୁଆପଦା ଠାରେ ଜଳସ୍ତର ୧୭.୯୮ ମିଟର ରହିଛି ଓ ଏହା କ୍ରମାଗତ ବୃଦ୍ଧି ସ୍ଥିତିରେ ଅଛି। ଏହାର ବିପଦ ସଂକେତ ସ୍ତର ୧୮.୩୩ ମିଟର। ସିଡବ୍ଲୁସିର ଅନୁମାନ ଅନୁଯାୟୀ, ଏହି ସ୍ତର ଆଜି ରାତି ୧୦ଟା ସୁଦ୍ଧା ୧୮.୬୫ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ।

ଜଳକା ନଦୀରେ ମଥାନୀ ଠାରେ ଜଳସ୍ତର ୭.୨୦ ମିଟର (ସ୍ଥିର ରହିଛି), ଯାହାକି ବିପଦ ସଂକେତ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ଏଠାରେ ବିପଦ ସଂକେତ ସ୍ତର ୬.୫୦ ମିଟର। ସୁବର୍ଣ୍ଣରେଖା ନଦୀର ଜାମଶୋଳା ଘାଟ ଠାରେ ଜଳସ୍ତର ୪୭.୯୨ ମିଟର ରହିଛି ଓ ଏହା ବୃଦ୍ଧି ପାଉଥିବା ସ୍ଥିତିରେ ଅଛି। ଏହାର ବିପଦ ସଂକେତ ୪୯.୧୬ ମିଟର। ସେହିପରି ରାଜଘାଟ ଠାରେ ଏହି ସ୍ତର ୭.୨୬ ମିଟର ରହିଛି ଓ ଏହା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ଏହାର, ବିପଦ ସଂକେତ ସ୍ତର ୧୦.୩୬ ମିଟର। ଏହି ପରିପ୍ରେକ୍ଷୀରେ ୨୭.୦୭.୨୦୨୫ ର ସକାଳ ୧୦.୦୦ ସୁଦ୍ଧା ସୁବର୍ଣ୍ଣରେଖା ନଦୀରେ ସର୍ବୋଚ୍ଚ



ବନ୍ୟା ଜଳ ପ୍ରବାହିତ ହୋଇପାରେ ଏବଂ ଜଳ ସ୍ତର ୧୧.୭ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ।

ଏଥିପାଇଁ ଜଳସମ୍ପଦ ବିଭାଗର ରାଜ୍ୟ ବନ୍ୟା ନିୟନ୍ତ୍ରଣ କକ୍ଷ ଚବିଶ ଘଂଟିଆ କାର୍ଯ୍ୟରତ ଅଛି ଓ ସ୍ଥିତି ଉପରେ ନିକଟରୁ ନିରୀକ୍ଷଣ କରାଯାଉଛି। ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାପାଳମାନଙ୍କୁ ଯେଉଁଠି ଆବଶ୍ୟକ, ସ୍ଥାନୀୟ ବନ୍ୟା ସ୍ଥିତିକୁ ଦେଖି ତଳିଆ ଅଂଚଳର ଲୋକମାନଙ୍କୁ ଶୀଘ୍ର ନିରାପଦ ଉଚ୍ଚସ୍ଥାନକୁ ସ୍ଥାନାନ୍ତରଣ ଓ ରିଲିଫ କାର୍ଯ୍ୟ ପରିଚାଳନା କରିବାକୁ ସତର୍କ କରାଯାଇଛି। ମୁଖ୍ୟ ଯନ୍ତ୍ରୀ ତଥା ଅବବାହିକା ପରିଚାଳକ (ଚିଫ୍ ଇଞ୍ଜିନିୟର ତଥା ବେସିନ୍ ମ୍ୟାନେଜର)- ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ବେସିନ୍), ମହାନଦୀ-ବ୍ରାହ୍ମଣୀ-ବୈତରଣୀ ସିଷ୍ଟମର ଚିଫ୍ ଇଞ୍ଜିନିୟର ତଥା ବେସିନ୍ ମ୍ୟାନେଜର, ମୁଖ୍ୟ ଯନ୍ତ୍ରୀ ଓ ବେସିନ୍ ମ୍ୟାନେଜର, ବୈତରଣୀ ବେସିନ୍ କ୍ଷେତ୍ରସ୍ତରରେ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରଖି ବନ୍ୟାସ୍ଥିତି ତଦାରଖ କରୁଛନ୍ତି। ସୁବର୍ଣ୍ଣରେଖା ଓ ବୈତରଣୀରେ ଜଳସ୍ତର ବୃଦ୍ଧିପାଉଥିବାକୁ ଦୃଷ୍ଟିରେ ରଖି ଜଳ ସମ୍ପଦ ବିଭାଗର ଦୁଇଜଣ ସର୍ବୋଚ୍ଚ ଯନ୍ତ୍ରୀ ଭୁବନେଶ୍ୱରରୁ ସୁବର୍ଣ୍ଣରେଖା ବେସିନ୍ ଓ ବୈତରଣୀ ବେସିନକୁ ଯାଇଛନ୍ତି। ସେମାନେ ସେହି ସଂପୃକ୍ତ ବେସିନ୍ ଗୁଡ଼ିକରେ ବନ୍ୟା ପରିଚାଳନା କରିବେ।

ହୀରାକୁଦର ୨୦ଟି ଗେଟ ଖୋଲାଯାଇ ପାଣି ନିଷ୍କାସନ ଜାରି ରହିଥିବା ବେଳେ ଅନୁଗୁଳଜିଲ୍ଲା କଣିହାଁ ବ୍ଲକ୍ ରେଙ୍ଗାଳି ଡ୍ୟାମର ୩ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ରେଙ୍ଗାଳି ଡ୍ୟାମ୍ ଜଳଭଣ୍ଡାରରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ରେଙ୍ଗାଳି ଡ୍ୟାମ୍ ଜଳଭଣ୍ଡାରର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩. ୫୦ ମିଟର ଥିବା ବେଳେ ଡ୍ୟାମ୍ ଜଳଧାରଣ ସାରଣୀ ଅନୁଯାୟୀ ଜଳସ୍ତର ୧୧୪.୦୫ ମିଟର ରହିବା କଥା। ଆଜି ଅପରାହ୍ଣ ୪ଟା ସୁଦ୍ଧା ରେଙ୍ଗାଳି ଡ୍ୟାମରେ ବ୍ରାହ୍ମଣୀ ନଦୀର ଜଳସ୍ତର ୧୨୦.୬୨ ମିଟର ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୪୮୫୬.୪୩ ଘନ ମିଟର ବନ୍ୟା ଜଳ ପ୍ରବେଶ କରୁଛି। ଖୋଲା ଯାଇଥିବା ତିନୋଟି ଗେଟ୍ ଓ ପାୱାର୍ ଚ୍ୟାନେଲ୍ ମାଧ୍ୟମରେ ମୋଟ ୪୦୦୧.୫୧ ଘନ ମିଟର ବନ୍ୟା ଜଳ ନିଷ୍କାସିତ ହେଉଛି।

ବୈତରଣୀ ନଦୀରେ ବନ୍ୟାକୁ ନେଇ ନଦୀକୂଳିଆ ଆତଙ୍କିତ, କୁଆଖିଆ-ଆଖଣ୍ଡଳମଣି ଜାତୀୟ ରାଜପଥ ବିଛିନ୍ନ ହେବା ଆଶଙ୍କା, ମୁଆଁ ସମେତ ୩ଟି ସ୍ଥାନରେ ନଦୀବନ୍ଧ ଦୁର୍ବଳ ଭଦ୍ରକ - ଲଘୁଚାପ ପ୍ରଭାବରେ ବୈତରଣୀ ନଦୀର ଉପରମୁଣ୍ଡରେ ଲଗାଣବର୍ଷା ଯୋଗୁ ବୈତରଣୀ ନଦୀରେ ବଡଧରଣ ବନ୍ୟା ଦେଖାଦେଇଛି।

## ମେଟ୍ରୋ ପ୍ରକଳ୍ପ ଟେଣ୍ଡର ବାତିଲ

**ଭୁବନେଶ୍ୱର,୨୬।୭ (ମହାଭାରତ):**ରାଜ୍ୟରେ ଦୀର୍ଘ ୮ମାସରୁ ଅଧିକ ସମୟ ଧରି ବନ୍ଦ ପଡ଼ିଥିବା 'ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ' କାର୍ଯ୍ୟରେ ଆଜି ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦାୟିତ୍ୱରେ ଥିବା ଦିଲ୍ଲୀ ମେଟ୍ରୋ ରେଳ ନିଗମ ଜୁଲାଇ ୨୫ତାରିଖରେ ସମସ୍ତ ଟେଣ୍ଡରକୁ ବାତିଲ କରିଦେଇଛି। ରେଳ ପ୍ରକଳ୍ପକୁ ବ୍ୟାପକ କରି କେନ୍ଦ୍ର ସରକାରଙ୍କ ସହଭାଗିତାରେ କାର୍ଯ୍ୟାନ୍ୱୟନ ନିମନ୍ତେ ପଦକ୍ଷେପ ନେଉଥିବା ଜଣାପଡ଼ିଛି।

ପ୍ରାୟ ୬୨୫୬ କୋଟି ଟଙ୍କାର ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ଫେଜ-୧ କାର୍ଯ୍ୟ ସମ୍ପାଦନ ନିମନ୍ତେ ଚୁକ୍ତିବଦ୍ଧ ହୋଇଥିବା ଦିଲ୍ଲୀ ମେଟ୍ରୋ ରେଳ ନିଗମ ଜୁଲାଇ ୨୫ତାରିଖରେ ସମସ୍ତ



ପ୍ରକଳ୍ପ କାର୍ଯ୍ୟ ଆରମ୍ଭରେ ବିଳମ୍ବ ଦର୍ଶାଇ ଏହି ଟେଣ୍ଡରଗୁଡ଼ିକୁ ବାତିଲ କରାଯାଇଥିବାବେଳେ ପ୍ରକଳ୍ପ କାର୍ଯ୍ୟ କରୁଥିବା କମ୍ପାନୀ 'ସୈଗଲ୍ ଇଣ୍ଡିଆ' ଓ ରଞ୍ଜିତ ବିଲଡନ୍ ସମେତ ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ନିଜର କ୍ଷତି ଭରଣା ପାଇଁ ଆଇନଗତ ପଦକ୍ଷେପ ନେବେ ବୋଲି ସୂଚନା ମିଳିଛି। ଏପଟେ ରାଜ୍ୟର ବିଜେପି ସରକାର ଭୁବନେଶ୍ୱର ମେଟ୍ରୋ ଟେଣ୍ଡର ବାତିଲ କରିଦେଇଥିବା ଜଣାପଡ଼ିଛି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ୨୦୨୪ ଜୁନରୁ ଅଗଷ୍ଟ ମାସ ମଧ୍ୟରେ ଟେଣ୍ଡର ହାସଲ କରିଥିବା ସୈଗଲ ଇଣ୍ଡିଆ,ରଞ୍ଜିତ ବିଲଡକନ୍ , ସାଇଷ୍ଟ୍ରା ଏମଭିଏ କନସଲଟାଣ୍ଟ ଇଣ୍ଡିଆ, ଆଇସିଟି, ଏମଆଇଏ କନଷ୍ଟ୍ରକସନ ପ୍ରାଇଭେଟ୍ ଲିମିଟେଡକୁ ଦିଆ ।ଯାଇଥିବା କାର୍ଯ୍ୟାଦେଶକୁ ରଦ୍ଦ କରିଦିଆଯାଇଛି।

## ପାଣିରେ ବୁଡ଼ି ୨ ଡ଼ାକ୍ତରୀ ଛାତ୍ର ମୃତ

**ସମ୍ବଲପୁର,୨୬।୭ (ମହାଭାରତ):** ଦେବଝରଣ ଜଳପ୍ରପାତରେ ହସଖୁସିରେ ଗାଧୋଇବା ବେଳେ ପାଣିରେ ବୁଡି ଯାଇ ଦୁଇ ଜଣ ଡ଼ାକ୍ତରୀ ଛାତ୍ରଙ୍କର ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ର ଓ ଅନ୍ୟ ଜଣେ ଛାତ୍ରୀ। ଛାତ୍ର ଜଣଙ୍କର ନାମ ଭୀମସାରର ସନ୍ଦୀପ ପୁରୀ, ତାଙ୍କର ବୟସ ୨୪ ବର୍ଷ ଓ ଛାତ୍ରୀ ଜଣଙ୍କ ହେଉଛନ୍ତି ମୋନିକା ମୀନା, ତାଙ୍କର ବୟସ ୨୪ ବର୍ଷ। ସନ୍ଦୀପ ନୂଆ ।ଦିଲ୍ଲୀର ନଜଫଗଡ଼ ଅଞ୍ଚଳର ଓ ମୋନିକା ରାଜସ୍ଥାନର ମାଉଣ୍ଟଆ ।ବୁର ବୋଲି ଜଣାପଡ଼ିଛି। ଆ ।ଜି ପୂର୍ବାହ୍ଣରେ ବୁର୍ଲାସ୍ଥିତ ଭୀମସାରର ୬ ଜଣ ଛାତ୍ରଛାତ୍ରୀ ଯୁଯୁମୁରା ଥାନା ଅଧୀନ ଦେବଝରଣ ଜଳପ୍ରପାତକୁ ବୁଲିବାକୁ ଆ ।ସିଥିଲେ। ପ୍ରାକୃତିକ ପରିବେଶ ମଧ୍ୟରେ କୁଳୁକୁଳୁ ଝରଣାରେ ଗାଧୋଇବେ ବୋଲି ବହୁତ ଖୁସି ଥିଲେ। ବର୍ଷାଦିନ ଯୋଗୁଁ ଏବେ ଝରଣାରେ ଜଳଧାରା ଅଧିକ ଥିବା ଏମାନେ ଜାଣିପାରି ନଥିଲେ। କୌଣସି କାରଣରୁ ସନ୍ଦୀପ ଓ ମୋନିକା ବୁଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ୬ ବନ୍ଧୁକ ବେପାରୀ ଗିରଫ



**କଟକ,୨୬।୭(ମହାଭାରତ):** କଟକ ପୁଲିସକୁ ବଡ଼ ସଫଳତା ମିଳିଛି। ୬ ଜଣିଆ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ଗ୍ୟାଙ୍ଗକୁ ଧରିଛି ମାଲଗୋଦାମ ଥାନା ପୁଲିସ ଓ ସ୍ପେସିଆ ।ଲ୍ ସ୍କ୍ୱାଡ୍। ଅଭିଯୁକ୍ତଙ୍କ ଠାରୁ ୫ଟି ବନ୍ଧୁକ ଓ ୧୩ଟି ଗୁଳି ଜବତ କରାଯାଇଛି। ଆ ।ଜି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସିପି ଏସ୍. ଦେବଦତ୍ତ ସିଂହ ସୂଚନା ଦେଇଛନ୍ତି।

କିଛି ଦିନ ହେବ କଟକ ସହରରେ ବେଆ ।ଇନ ବନ୍ଧୁକ କାରବାର ଚାଲୁଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ଏହାପରେ ସ୍ପେସିଆ ।ଲ ସ୍କ୍ୱାଡ୍ ଓ ମାଲଗୋଦାମ ପୁଲିସ ବିଭିନ୍ନ ସ୍ଥାନରେ ଛନଭିନ୍ ଚଳାଇଥିଲା। ଏହି ସମୟରେ ଜଣେ ବନ୍ଧୁକ ଯୋଗାଡ଼ିଆ । ହାବୁଡ଼ରେ ପଡ଼ିଥିଲା। ତାଠାରୁ କିଛି ବନ୍ଧୁକ ଓ ଗୁଳି ଜବତ କରାଯାଇଥିଲା। ଉକ୍ତ ବ୍ୟକ୍ତିଙ୍କୁ ଜେରା କରିବା ସମୟରେ ବନ୍ଧୁକ ବେପାରୀ ଗ୍ୟାଙ୍ଗ ବିଷୟରେ ଜଣାପଡ଼ିଥିଲା। ପୁଲିସ ଚଢାଉ କରି ଏବେ ଆ ।ନ୍ତଃ ରାଜ୍ୟ ବନ୍ଧୁକ ବେପାରୀ ଗ୍ୟାଙ୍ଗର ୬ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୫ ବନ୍ଧୁକ, ୧୩ ଗୁଳି ଓ ୪ଟି ବାଇକ୍ ଜବତ କରାଯାଇଛି।

## ବାପା-ପୁଅଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପୁରୀ୨୬।୭(ମହାଭାରତ):** ପୁରୀଜିଲ୍ଲା ପିପିଲି ଥାନା ପୋଟଳ ଗାଁରେ ଆ ।ଜି ରାତି ପ୍ରାୟ ୮ଟାବେଳେ ଏକ ଅଭାବନୀୟ ଘଟଣା ଘଟିଛି। ପୁଲିସ ଝୁଲନ୍ତା ଅବସ୍ଥାରେ ବନ୍ଦ କୋଠରୀରୁ ବାପା ଓ ତାଙ୍କ ୨ବର୍ଷର ନିଷ୍ପାପ ଶିଶୁପୁତ୍ରର ଶବ ଉଦ୍ଧାର କରିଛି। ଏହି ହୃଦୟ ବିଦାରକ ଘଟଣା ଅଂଚଳବାସୀଙ୍କୁ ମ୍ରୀୟମାଣ କରିଛି। ମୃତକ ହେଉଛନ୍ତି ଉକ୍ତ ଗାଁର ଦୀପକ କୁମାର ପାଣି(୩୦) ଓ ତାଙ୍କର ୨ବର୍ଷର ଶିଶୁପୁତ୍ର। ପାରିବାରିକ କଳହରୁ ଏହି ନାରକୀୟ ଘଟଣା ଘଟିଥିବା କୁହାଯାଉଛି। ଉକ୍ତ ଗାଁର ଦାଶରଥି ପାଣିଙ୍କର ପୁଅ ଦୀପକ ୫ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ପତ୍ନୀ ଅନ୍ୟ ସମ୍ପ୍ରଦାୟର ହୋଇଥିବାରୁ ଘର ସହ ସମ୍ପର୍କ ତିକ୍ତ ହୋଇଥିଲା। ଫଳରେ ଦୀପକ ଘର ନିକଟରେ ଅନ୍ୟତ୍ର ଏକ ଆ ।ଜବେଷ୍ଟସ ଘର କରି ରହୁଥିଲେ। କୌଣସି କାରଣରୁ ଆ ।ଜି ପତ୍ନୀ ଘରୁ ନିଜ ବାପଘର କେନ୍ଦ୍ରାପଡ଼ାକୁ ଚାଲିଯାଇଥିଲେ। ଖବରପାଇ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ପ୍ରମୁଖ ଘଟଣାସ୍ଥଳକୁ ଯାଇ ଶବ ଜବତ କରି ତଦନ୍ତ ଜାରି ରଖିଛନ୍ତି।

# ପରିମଳ କର୍ମଚାରୀଙ୍କ ପାଇଁ ୧୦ଲକ୍ଷର ବୀମା

**ଭୁବନେଶ୍ୱର,୨୬।୭(ମହାଭାରତ):** ଆଜି ଆୟୋଜିତ ହେଉଥିବା କର୍ମଶାଳା କେବଳ ଏକ ବୈଠକ ନୁହେଁ, ଏହା ଆମ ସହରକୁ ନିରନ୍ତର ଭାବରେ ପରିଚ୍ଛନ୍ନ ରଖୁଥିବା ପରିମଳ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ପ୍ରତି ଆମର ପ୍ରତିବଦ୍ଧତା। ସେମାନଙ୍କୁ ନ୍ୟାୟ, ସୁରକ୍ଷା ଓ ମର୍ଯ୍ୟାଦା ପ୍ରଦାନ କରିବା ହେଉଛି ଆମର ନୈତିକ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସଫେଇ କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ଜାତୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଏହି ଦୁଇ ଦିନିଆ କର୍ମଶାଳାର ବିଷୟବସ୍ତୁ ହେଉଛି 'ପ୍ରମୁଖ ପରିମଳ କାର୍ଯ୍ୟର ରୂପାନ୍ତରୀକରଣ- ସୁରକ୍ଷା, ସମ୍ମାନ ଓ ସମାବେଶନ। ଭୁବନେଶ୍ୱର ଲୋକସେବା ଭବନର କନ୍‌ଭେନ୍‌ସନ ସେଂଟରରେ ଆୟୋଜିତ ଏହି ଜାତୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ସେଗୁଡିକ ହେଲା ପରିମଳ କାର୍ଯ୍ୟରେ ନିୟୋଜିତ ଥିବା ପ୍ରମୁଖ ପରିମଳ କର୍ମଚାରୀ (ସ୍ୱରେଜ ଓ ସେଫ୍‌ଟିକ୍



ଟାଙ୍କି ସଫେଇ କର୍ମଚାରୀ)ଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନ ବୀମା, କର୍ମ କ୍ଷେତ୍ରରେ ଜୀବନହାନୀ ପାଇଁ ୩୦ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ, ପ୍ରମୁଖ ପରିମଳ କର୍ମୀଙ୍କୁ ମୋବାଇଲ ଫୋନ ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ (ସହରୀ) ଯୋଜନାରେ ବାସଗୃହ ପ୍ରଦାନ ଏବଂ ପରିମଳ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ରାଜ୍ୟବ୍ୟାପୀ IEC Activity କରାଯିବ। ଏହା ସହିତ ପ୍ରତିବର୍ଷ ଓଡିଶାରେ ଏ ସମ୍ପର୍କିତ ଜାତୀୟ କର୍ମଶାଳା ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ୭ଟି ରାଜ୍ୟ ଏବଂ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ସରକାରୀ ଅଧିକାରୀ ଓ ସଫେଇ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଆମ ଜଗନ୍ନାଥ ସଂସ୍କୃତିରେ ସ୍ୱଚ୍ଛତା ବିଷୟରେ ମଧ ଦର୍ଶାଯାଇଛି। ରଥଯାତ୍ରା ସମୟରେ ଛେରାପହଁରା ଏହାର ଏକ ପ୍ରମୁଖ ଉଦାହରଣ। ଏଥିରେ ସଫେଇ କାର୍ଯ୍ୟର ମର୍ଯ୍ୟାଦା ଉପରେ ଗୁରୁତ୍ୱାରୋପ କରାଯାଇଛି। ସେ କହିଥିଲେ ଓଡିଶାର ଗରିମା ଯୋଜନା ପରିମଳ କର୍ମଚାରୀଙ୍କ ସୁରକ୍ଷା, ମର୍ଯ୍ୟଦା ଓ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରୁଛି। ଗରିମା ଯୋଜନା ଜାତୀୟ ପରିମଳ ଲକ୍ଷ୍ୟକୁ ପୂରଣ କରିବା ସହିତ ଅନେକ ରାଜ୍ୟ ପାଇଁ ପ୍ରେରଣାଦାୟୀ ହୋଇଛି। ସେ ପୁଣି କହିଥିଲେ ଯେ, ପରିମଳ କର୍ମଚାରୀ ମାନଙ୍କ ସୁରକ୍ଷା ଓ ସମ୍ମାନ ପ୍ରଦର୍ଶନ କ୍ଷେତ୍ରରେ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନାମ ସର୍ବାଗ୍ରେ ରହିବ। ମୋଦୀଜୀ ଦେଶର ଆର୍ଥିକ ବିକାଶ ସହିତ ପରିମଳ ପରି ଏକ ନଜର ଅନ୍ଦାଜ ବିଷୟ ଉପରେ ମଧ୍ୟ ଗୁରୁତ୍ୱ ଦେଇ ୨୦୧୪ ଅଗଷ୍ଟ ୧୫ ତାରିଖରେ ସ୍ୱଚ୍ଛ ଭାରତ ଆନ୍ଦୋଳନ ଜରିଆରେ ଘରେ ଘରେ ଶୌଚାଳୟ ନିର୍ମାଣ ପାଇଁ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ପ୍ରମୁଖ ପରିମଳ କର୍ମଚାରୀମାନେ ହେଉଛନ୍ତି ଆମ ସହରର ଓ ଗ୍ରାମର ଅଦୃଶ୍ୟ ନାୟକ । ସେମାନେ ବର୍ଷ ବର୍ଷ ଧରି ଆମ ପାଇଁ ଅତ୍ୟନ୍ତ ଆବଶ୍ୟକ ସେବା ଯୋଗାଇ ଆସୁଛନ୍ତି। ଅଧିକାଂଶ ସମୟରେ ସେମାନେ ଅତ୍ୟନ୍ତ ବିପଦପୂର୍ଣ୍ଣ ପରିସ୍ଥିତିରେ କାର୍ଯ୍ୟ ମଧ୍ୟ କରୁଛନ୍ତି। ତେଣୁ ସେମାନଙ୍କ ଅଧିକାର, ସୁରକ୍ଷା ଓ ସମ୍ମାନକୁ ସୁନିଶ୍ଚିତ କରିବା ଆମ ସମସ୍ତଙ୍କ ଦାୟିତ୍ୱ।

## କୁଆଖାଇରେ ବୁଡ଼ିଗଲେ ଯୁବକ

**ଭୁବନେଶ୍ୱର,୨୬।୭(ମହାଭାରତ):** ରାଜଧାନୀ ଭୁବନେଶ୍ୱର ଉପକଣ୍ଠସ୍ଥିତ କୁଆ ।ଖାଇ ନଦୀର ବାଲିଯାତ୍ରା ପଡ଼ିଆ। ନିକଟ ଘାଟରୁ ଆ ।ଜି ସନ୍ଧ୍ୟାରେ ଉଦ୍ଧାର ଛାତ୍ର ଡାକ୍ତରଖାନାରେ ମୃତ ଘୋଷଣା ହୋଇଛି। ମୃତ ଛାତ୍ର ହେଲେ ଅଙ୍କନ ତ୍ରିପାଠୀ, ବୟସ ୧୯ ବର୍ଷ। ସେ ଥିଲେ ଜଣେ ବି ଫାର୍ମା ଛାତ୍ର। ଏହି ଅଞ୍ଚଳର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ପଢୁଥିଲେ।

ଅଙ୍କନ ତ୍ରିପାଠୀ ଆ ।ଜି ଅପରାହ୍ଣ ୪ଟାରେ ବାଲିଯାତ୍ରା ପଡ଼ିଆ। ନିକଟ କୁଆ ।ଖାଇ ନଦୀକୁ ଗାଧୋଇବାକୁ ଆ ।ସିଥିଲେ। ତାଙ୍କ ସାଥୀରେ ଅନ୍ୟ ୪ ଜଣ ସାଙ୍ଗ ମଧ୍ୟ ଥିଲେ। ଏମାନଙ୍କ ମଧ୍ୟରୁ ଗାଧୋଇବା ବେଳେ ଅଙ୍କନଙ୍କ ସହିତ ଆ ।ଉ ଜଣେ ନଈର ଗଭୀର ସ୍ରୋତକୁ ଭାସି ଯାଇଥିଲେ। ତେବେ ସ୍ଥାନୀୟ ଲୋକଙ୍କ ସହାୟତାରେ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥବା ବେଳେ ଅଙ୍କନ ନିଖୋଜ ଥିଲେ। ରାଜଧାନୀ ଉପକଣ୍ଠ ଦେଇ ପ୍ରବାହିତ କୁଆ ।ଖାଇ ନଦୀରେ ପ୍ରତିବର୍ଷ ଅଘଟଣ ଘଟୁଛି।

## ବସ୍ ଧକ୍କାରେ ଶଳା-ଭିଣୋଇଙ୍କ ମୃତ୍ୟୁ

**କେନ୍ଦ୍ରାପଡା,୨୬।୭ (ମହାଭାରତ):** ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମଦନପୁର ଛକରେ ଆଜି ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଶଳା, ଭିଣୋଇଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ବଳଭଦ୍ରପୁର ଗ୍ରାମର ସମାଜସେବୀ ସରୋଜ ଧଳ, ବୟସ ୫୭ ବର୍ଷ ଏବଂ ତାଙ୍କ ଶଳା ରାଜନଗର ଥାନା ନଗଡ଼ ଗ୍ରାମର ଲମ୍ବୋଦର ପ୍ରଧାନ, ବୟସ ୪୫ ବର୍ଷ। ଏହି ଘଟଣା ପ୍ରତିବାଦରେ ଉତ୍ୟକ୍ତ ଲୋକମାନେ ପଟ୍ଟାମୁଣ୍ଡାଇ-ମଦନପୁର-ରାଜନଗର ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏହି ଦୁର୍ଘଟଣା ସମଗ୍ର ପଟ୍ଟାମୁଣ୍ଡାଇ ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା। ଆଜି ଅପରାହ୍ଣରେ ବଳଭଦ୍ରପୁର-ଦାଣ୍ଡି ରାସ୍ତା ଦେଇ ଏକ ସ୍କୁଟି ଯୋଗେ ସରୋଜ ଏବଂ ଲମ୍ବୋଦର ମଦନପୁର ଛକକୁ ଆ ।ସୁଥିବାବେଳେ ବିପରୀତ ଦିଗ ପଟ୍ଟାମୁଣ୍ଡାଇରୁ ରାଜନଗର ଯାଉଥିବା ଏକ ଯାତ୍ରୀବାହୀ ବସ ସେମାନଙ୍କୁ ସାମ୍ନା ପଟୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଉଭୟ ଶଳା ଓ ଭିଣୋଇଙ୍କ ମୃତ୍ୟୁ ଘଟିଥିଲା।

# ଅଟଳଜୀ ସତ୍ୟ, ନ୍ୟାୟ ଓ ରାଷ୍ଟ୍ରପ୍ରେମର ମୂର୍ତ୍ତିମାନ ପ୍ରତୀକ

**ଭୁବନେଶ୍ୱର,୨୬।୭(ମହାଭାରତ):** ଯେତେବେଳେ ବି ଅଟଳ ବିହାରୀ ବାଜପେୟୀଙ୍କ କଥା ଆଲୋଚନା ହେବ, 'ପୋଖରାନ ପରମାଣୁ ପରୀକ୍ଷଣ' ଏବଂ 'କାର୍ଗିଲ ବିଜୟ' କଥା ସର୍ବାଗ୍ରେ ଆସିବ। ଅଟଳଜୀ କେବଳ ଏକ ରାଜନେତା ନୁହଁ, ସେ ଜନମାନସର ହୃଦୟରେ ଥିବା ଏକ ଅଭିନ୍ନ ଅନୁଭୂତି।

ଅଟଳ ଯୁବଶକ୍ତି ଅନୁଷ୍ଠାନ, ଯୁଗ ପୁରୁଷ ପୂଜ୍ୟ ବାଜପେୟୀଜୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଏକ ସ୍ୱତନ୍ତ୍ର ସମାରୋହ ତଥା ଓଡିଶାର ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଭା ମାନଙ୍କୁ ସମ୍ମାନିତ କରିବା ଏକ ଅନନ୍ୟ ବିଷୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ଥାନୀୟ ଜୟଦେବ ଭବନ ଠାରେ ଅଟଳ ଯୁବଶକ୍ତି, ଓଡ଼ିଶା ପକ୍ଷରୁ ଆୟୋଜିତ ଅଟଳ ପ୍ରତିଭା ସମ୍ମାନ-୨୦୨୫ ଉତ୍ସବ ଅବସରରେ କହିଥିଲେ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଅଟଳଜୀଙ୍କ ଓଡ଼ିଶାପ୍ରତି ପ୍ରଗାଢ ଭଲପାଇବା ଥିଲା। ସେ ଅନେକ ସମୟରେ ଓଡ଼ିଶା ପାଇଁ ରାସ୍ତା, ରେଳପଥ, ଶିକ୍ଷା, ଔଦ୍ୟୋଗିକ ରୂପାନ୍ତରଣ ଆଦିରେ ଏକ ନୂଆ ଯୁଗର ଆରମ୍ଭ କରିଥିଲେ। ତାଙ୍କ ଯୁଗ ହେଉଛି ସୁଜଳାମ୍ ସୁଫଳାମ୍ ଭାରତର ପ୍ରତୀକ। ସେହି ଯୁଗପୁରୁଷଙ୍କ ସ୍ମରଣରେ ଏହି ସ୍ମରଣିକା 'ଯୁଗଜନ୍ମା ଅଟଳ' ଦ୍ୱାରା ଅଟଳଜୀଙ୍କ ଜୀବନ, ଚିନ୍ତାଧାରା, ସଂସ୍କୃତି, ଦୃଷ୍ଟିକୋଣ, ତାଙ୍କ ଦୃଢ଼ ପଦକ୍ଷେପ ଓ ଦେଶପ୍ରେମ ଉପରେ ଆଧାରିତ ଗୁରୁତ୍ୱପୂର୍ଣ୍ଣ ଲେଖାମାନେ



ସଂପ୍ରେକ୍ଷଣ କରିବାକୁ ଚେଷ୍ଟା କରାଯାଇଛି। ଏହା କେବଳ ସ୍ମୃତି ନୁହଁ, ଏହା ଏକ ଦିଗଦର୍ଶନ - ଏକ ଅଟଳ ମାର୍ଗ ଯାହା ଆସନ୍ତା ପିଢିଙ୍କୁ ଅନୁପ୍ରେରଣା ଦେବ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ତାଙ୍କ ଜୀବନର ଗାଥା ଭାରତ ରାଜନୈତିକ ଇତିହାସରେ ଅଦ୍ୱିତୀୟ। ସେ ଏକ ଦଳର ପ୍ରତିନିଧି ଥିଲେ, କିନ୍ତୁ ଜନତାଙ୍କ ମନର ନେତା ଥିଲେ। ତାଙ୍କର ଶାସନକାଳ ହେଉ ବା ବିପକ୍ଷ ଜୀବନ - ସେ ସଦା ସତ୍ୟ, ନ୍ୟାୟ ଓ ରାଷ୍ଟ୍ରପ୍ରେମର ମୂର୍ତ୍ତିମାନ ଉଦାହରଣ ଥିଲେ। ସେ ଥିଲେ ଅଜାତଶତ୍ରୁ। ଦଳମତ ନିର୍ବିଶେଷରେ ସମସ୍ତେ ତାଙ୍କୁ ସମ୍ମାନ ଦେଉଥିଲେ। ଏମିତିକି ତାଙ୍କର ଘୋର ବିରୋଧୀ ବି କହୁଥିଲେ, "He is the right man in the wrong party'।

ସେ ପୁଣି କହିଥିଲେ ଅଟଳଜୀଙ୍କ ସଦା ସର୍ବଦା ଯୁବ ଶକ୍ତି ଉପରେ ଅଗାଧ ଆଶା ଓ ବିଶ୍ୱାସ ଥିଲା। ଅଟଳଜୀ ମାନୁଥିଲେ - ଯୁବ ପିଢି କେବଳ ଆଗାମୀ ନୁହେଁ, ବରଂ ବର୍ତ୍ତମାନର ନୈତିକ ଶକ୍ତି ଓ ପରିବର୍ତ୍ତନର ନାୟକ। ଆମେ ଯଦି ଅଟଳଜୀଙ୍କ ପଥ ଅନୁସରଣ କରିବାକୁ ଚାହୁଁଛୁ, ତେବେ ଆମେ ଯୁବପିଢି ଭାବେ ନିଜ ଜୀବନକୁ ନୀତି, ସଂଗଠନ, ଶିକ୍ଷା ଓ ଦେଶପ୍ରେମରେ ଗଠିତ କରିବାକୁ ପଡିବ। ଆଜିର ଓଡ଼ିଶା ଓ ଭାରତ ତାଙ୍କ ପଦଚିହ୍ନକୁ ଅନୁସରଣ କରି ଅଟଳ ଭାବନା ଓ ଅଟଳ ନିଷ୍ଠାରେ ଏକ ନୂଆ ଯୁଗ ଗଢ଼ିପାରିବ।

ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଅଟଳ ବିହାରୀ ବାଜପାୟୀଙ୍କ ଚିନ୍ତାଧାରାକୁ ଏକ ସମ୍ପୂର୍ଣ୍ଣ ଅନୁଷ୍ଠାନ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ଅଟଳ ବିହାରୀ ବାଜପାୟୀ ଜୀ କେବଳ ଏକ ନାମ ନୁହେଁ ସେ ହେଉଛନ୍ତି ଏକ ବିଚାରଧାରା।

ଏହି ଅବସରରେ ଓଡ଼ିଶାର ଅନେକ କ୍ଷେତ୍ରରେ ନିଜ ପ୍ରତିଭା ଦ୍ୱାରା ଦେଶ ଓ ରାଜ୍ୟକୁ ଗର୍ବିତ କରୁଥିବା ବ୍ୟକ୍ତିମାନଙ୍କୁ 'ଅଟଳ ସମ୍ମାନ ୨୦୨୫' ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ବିଶିଷ୍ଟ ସାରସ୍ୱତ ସାଧିକା ଡକ୍ଟର ପ୍ରତିଭା ରାୟଙ୍କୁ ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ, ସମାଜସେବୀ ତଥା ରାଜନେତା ସମୀର ମହାନ୍ତିଙ୍କୁ ଅଟଳ ମିତ୍ର ରତ୍ନ, ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ଦେବପ୍ରସାଦ ଦାଶଙ୍କୁ ଅଟଳ ସାହିତ୍ୟ ରତ୍ନ, ଆନ୍ତର୍ଜାତିକ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ଅଟଳ ଖେଳ ରତ୍ନ ସମ୍ମାନ ସମେତ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଛତୁ ପରଟା

**ଆବଶ୍ୟକ ସାମଗ୍ରୀ :** ଅଟା, ଛତୁ, ଲୁଣ, ମଇଦା, ଜୁଆଣୀ, ଘିଅ, ଗୋଲମରିଚ ଗୁଣ୍ଡ, କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ ମସଲା, ଆମଚୁର ପାଉଡର, କଟା ଧନିଆ ଓ ତେଲ ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଏକ ପାତ୍ରରେ ଅଟା, ଲୁଣ, ମଇଦା, ଜୁଆଣୀ ଓ ଘିଅ ନେଇ ଭଲ ଭାବେ ଗୋଳାନ୍ତୁ । ଏହାପରେ ଅଳ୍ପ ଅଳ୍ପ ପାଣି ଢାଳି ଅଟାକୁ ଦଳନ୍ତୁ । ଅଟା ଦଳି ସାରିବା ପରେ ନରମ ହେବା ପାଇଁ ଏହାକୁ ଏକ କପଡାରେ ଗୁଡାଇ କିଛି ସମୟ ରଖି ଦିଅନ୍ତୁ । ଏବେ ତାୱା ଗରମ କରି ତେଲ ପକାନ୍ତୁ । ତେଲ ଗରମ ହେବା ପରେ କଟା ଛତୁକୁ ପକାଇ ଅଳ୍ପ ଲୁଣ ଓ ଗୋଲମରିଚ ଗୁଣ୍ଡ ଦେଇ କିଛି ସମୟ ଭାଜନ୍ତୁ । ପରେ ଏଥିରେ କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ ମସଲା, ଆମଚୁର ପାଉଡର ଓ କଟା ଧନିଆ ପତ୍ର ପକାଇ ଭଲ ଭାବେ ଗୋଳାନ୍ତୁ । ମସଲା ପ୍ରସ୍ତୁତ ହୋଇଯିବା ପରେ ଏହାକୁ କାଢି ଥଣ୍ଡା କରନ୍ତୁ । ଏବେ ଚକଟା ଯାଇଥିବା ଅଟାକୁ ଗୁଳା କରନ୍ତୁ ଓ ଏହାକୁ ଅଳ୍ପ ବେଲି ଏହା ମଝିରେ ଛତୁ ପୁର ଦେଇ ପୁଣି ବନ୍ଦ କରିଦିଅନ୍ତୁ । ଏହାପରେ ଏଗୁଡିକୁ ରୁଟି ପରି ବେଲନ୍ତୁ ଏବଂ ଗରମ ତାୱାରେ ପକାଇ ଭଲ ଭାବେ ସେକନ୍ତୁ । ଦୁଇ ପଟ ଭଲ ଭାବେ ସେକି ହୋଇଗଲେ ତେଲ ପକାଇ ଏପଟ ସେପଟ କରନ୍ତୁ । ପ୍ରସ୍ତୁତ ହୋଇଗଲା ସୁଆଦିଆ 'ଛତୁ ପରଟା' । ଏହାକୁ ଚଟଣୀ, ସସ୍ କିମ୍ବା ଦହି ସହିତ ଗରମ ଗରମ ପରଷନ୍ତୁ ।



**ଖବର**

## ମେଲବୋର୍ଣ୍ଣ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବ 'ଲହରୀ'




କଲିକତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପୁରସ୍କୃତ ହେବା ସହ ବିତରକ ତଥା ସମାଲୋଚକଙ୍କ ପ୍ରଶଂସା ସାଉଁଟି ଥିବା 'ଲହରୀ' ତାର ସଫଳତାର ଯାତ୍ରା ଜାରି ରଖିଛି । ଅଷ୍ଟ୍ରେଲିଆର ମେଲବୋର୍ଣ୍ଣ ଠାରେ ଆସନ୍ତା ମାସରେ ହେବାକୁ ଥିବା 'ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଅଫ ମେଲବୋର୍ଣ୍ଣ' (ଆଇଏଫଏଫ ଏମ) ପାଇଁ ଅଫିସିଆଲି ମନୋନୀତ ହୋଇଛି । ଭାରତୀୟ ବିବିଧତା, ସୃଜନାତ୍ମକ କଳା ଓ ସାଂସ୍କୃତିକ ବିଭବକୁ ବିଶ୍ୱ ସ୍ତରରେ ପହଞ୍ଚାଇବା 'ଆଇଏଫ ଏଫ ଏମ'ର ମୂଳ ଉଦ୍ଦେଶ୍ୟ ରହି ଆସିଛି । ଚଳିତ ବର୍ଷ ଏହାର ୧୬ ତମ ସଂସ୍କରଣ ଅନୁଷ୍ଠିତ ହେବ ଯେଉଁଥିରେ ସୁପ୍ରସିଦ୍ଧ ଅଭିନେତା ଆମୀର ଖାନ୍ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଶ୍ରେଷ୍ଠ ବିବେଚିତ ବିଭିନ୍ନ ଆଞ୍ଚଳିକ ସିନେମା ଏଠାରେ ପ୍ରଦର୍ଶିତ ହେବାକୁ ଥିବା ବେଳେ 'ଲହରୀ'ର ମନୋନୟନ ବିଶେଷ ଗୁରୁତ୍ୱ ରଖେ । ଓଡିଶା ପାଇଁ ଏହା ନିଶ୍ଚୟ ଗର୍ବ ଓ ଗୌରବର ବିଷୟ । ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଓ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ପ୍ରଯୋଜନା କରିଛନ୍ତି ଓଡ଼ିଶାର ସ୍ୱନାମଧନ୍ୟ ଯୁବ ନିର୍ମାତ୍ରୀ ଝିଲିକ ଭଟ୍ଟାଚାର୍ଯ୍ୟ । ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପାନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ସ୍ୱସ୍ତିକ ଚୌଧୁରୀ, ଜେଇନ ଡୋଇୟର ପ୍ରମୁଖ ଅଭିନୟ କରିଛନ୍ତି । ଏଥିରେ ସଙ୍ଗୀତ ଦେଇଛନ୍ତି କିଶଳୟ ରୟ । କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇତିୟ ଶବ୍ଦସଜ୍ଜାରେ ଅଛନ୍ତି ଅଦୀପ ସିଂ ମାଣିକ । ଝିଲିକ ମୋସନ ପିକ୍‌ଚର୍ସ ନିବେଦିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ସହିତ କାହାଣୀ, ଗୀତ ରଚନା, ନୃତ୍ୟ ନିର୍ଦ୍ଦେଶନା ଓ ସମ୍ପାଦନାର ଗୁରୁ ଦାୟିତ୍ୱ ମଧ୍ୟ ଆମର୍ତ୍ତ୍ୟ ନିର୍ବାହ କରିଛନ୍ତି ।

## ଭଗବାନ ଶିବଙ୍କୁ ବୁଧବାର ଅର୍ପଣ କରନ୍ତୁ ଅପରାଜିତା ଫୁଲ



ଏବେ ଚାଲିଛି ଶ୍ରାବଣ ମାସୟ ଯାହାକି ଭଗବାନ ଶିବଙ୍କ ଅତି ପ୍ରିୟ ମାସ । ବିଶ୍ୱାସ ଅଛି, ଏହି ମାସରେ ଭଗବାନ ଶିବ କୈଳାସ ପର୍ବତ ଛାଡ଼ି ମର୍ତ୍ତ୍ୟପୁରକୁ ଆସିଥାନ୍ତି । ଆଉ ଭକ୍ତମାନେ ଯାହା ମାନସିକ କରିଥାନ୍ତି ତାହା ସଙ୍ଗେ ସଙ୍ଗେ ପୂରଣ କରିଥାନ୍ତି । ବିଶେଷକରି ଏହି ମାସରେ କାଉଡ଼ି ଯାତ୍ରା ଆରମ୍ଭ ହୋଇଥାଏ । ଶ୍ରଦ୍ଧାଳୁମାନେ ପାଣିଭାର ନେଇ ଶିବଙ୍କୁ ଜଳାଭିଷେକ କରନ୍ତି ।ବିଶ୍ୱାସ ରହିଛି ଶ୍ରାବଣ ମାସର ବୁଧବାର ଭଗବାନ ଶିବଙ୍କୁ ଅପରାଜିତା ଫୁଲ ଅର୍ପଣ କଲେ ଅନେକ ସମସ୍ୟା ଦୂର ହୋଇଥାଏ । କାରଣ ଏହି ଫୁଲ ଶିବଙ୍କର ପ୍ରିୟ ଫୁଲମାନଙ୍କ ମଧ୍ୟରୁ ଗୋଟିଏ । ଏହି ଫୁଲ ଗୋକର୍ଣ୍ଣ ଏବଂ ଶଙ୍ଖପୁଷ୍ପ ନାମରେ ମଧ୍ୟ ଜଣାଶୁଣା । ବୁଧବାର ଏହି ଫୁଲ ଶିବଙ୍କୁ ଅର୍ପଣ କଲେ ବୁଦ୍ଧି ଏବଂ ଏକାଗ୍ରତା ବଢ଼ିଥାଏ । ବେପାର ବଣିଜ ପାଇଁ ନୂଆ ମାର୍ଗ ଖୋଲିଯାଏ । ଭଗବାନ ଭୋଳାନାଥଙ୍କ କୃପା ପାଇବା ପାଇଁ ଅପରାଜିତା ଫୁଲ ଅର୍ପଣ କରିବାକୁ ଆଦୌ ଭୁଲନ୍ତୁ ନାହିଁ ।



## ଭଗବାନ ଶିବଙ୍କ ପ୍ରମୁଖ ଅବତାର

ଶିବ ପୁରାଣରେ ମହାଦେବଙ୍କ ପ୍ରମୁଖ ଅବତାର ବିଷୟରେ ବର୍ଣ୍ଣନା ରହିଛି । ତାଙ୍କର ଭିନ୍ନ ଭିନ୍ନ ଅବତାର ଏବଂ ତା'ପଛରେ ରହିଥିବା କାରଣ ବିଷୟରେ ମଧ୍ୟ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଥାଏ । ଶିବଙ୍କ ଦଶ ଅବତାର ସମ୍ପର୍କରେ ପୁରାଣରେ ଉଲ୍ଲେଖ ରହିଛି, ସେମାନେ ହେଲେ ମହାକାଳ, ତାରକ, ଭୁବନେଶ, ଷୋଡ଼ଶ, ଭୈରବ, ଛିନ୍ନମସ୍ତକ ଗିରିଜା, ଧୂମବାନ, ବଗଳାମୁଖ, ମାତଙ୍ଗ ଓ କମଳ ଅବତାର । ଏହି ଦଶଅବତାର ତନ୍ତ୍ରଶାସ୍ତ୍ର ସମ୍ବନ୍ଧୀୟ ବୋଲି କୁହାଯାଇଛି । ଏହାବ୍ୟତୀତ ଶିବଙ୍କ ୧୧ ଅବତାର- କପାଳୀ, ପିଙ୍ଗଳ, ଭୀମ, ବିରୂପାକ୍ଷ, ବିଲୋହିତ, ଶାସ୍ତା, ଅଜପାଦ, ଅପିର୍ବୁଧ, ଶମ୍ଭୁ, ଚଣ୍ଡ ଏବଂ ଭବ ଅବତାର



ସମ୍ପର୍କରେ ମଧ୍ୟ ଶିବପୁରାଣରେ ବର୍ଣ୍ଣନା ରହିଛି । ଏହି ଅବତାର ବ୍ୟତୀତ ମହର୍ଷି ଦୁର୍ବାସା, ମହେଶ, ବୃଷଭ, ପିପ୍ପଳାଦ, ବୈଶ୍ୟନାଥ, ଦ୍ୱିଜେଶ୍ୱର, ହଂସରୂପ, ଅବଧୂତେଶ୍ୱର, ଭିକ୍ଷୁଭର୍ଯ୍ୟ, ସୁରେଶ୍ୱର, ବ୍ରହ୍ମଚାରୀ, ସୁନଟତର୍କ, ଦ୍ୱିଜ, ଅଶ୍ୱତଥାମା, କିରାତ ଏବଂ ନଟେଶ୍ୱର ଆଦି ଅବତାର ସମ୍ପର୍କରେ ଶିବ ପୁରାଣରେ ଉଲ୍ଲେଖ ରହିଛି । ତେବେ ଏମାନଙ୍କୁ ଶିବଙ୍କ ଅଂଶାବତାର ବୋଲି କୁହାଯାଇଛି । ବୀର ହନୁମାନ ଏବଂ ଭୈରବ ହେଉଛନ୍ତି ଶିବଙ୍କର ସବୁଠୁ ଚର୍ଚ୍ଚିତ ଅବତାର ।



## ନଟରାଜ



ତନ ଧର୍ମରେ ତ୍ରିଦେବଙ୍କ ମଧ୍ୟରୁ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ବିବେଚିତ ହେଉଥିବା ଭଗବାନ ଶିବଙ୍କ ବିବିଧ ସ୍ୱରୂପ ଏବଂ ଲୀଳା ସର୍ବଦା ଭକ୍ତଗଣଙ୍କ ପାଇଁ ଜିଜ୍ଞାସାର ବିଷୟ ପାଲଟିଛି । ଐତିହାସିକ ମାନ୍ୟତା ଅନୁଯାୟୀ, ଶିବଙ୍କ ଅର୍ଦ୍ଧନାରୀଶ୍ୱର ଏବଂ ହରିହର ସ୍ୱରୂପ ଗୁପ୍ତଯୁଗ ସମୟରୁ ପୂଜିତ ହୋଇଆସୁଛନ୍ତି । ହରିହର ସ୍ୱରୂପ ସମ୍ବନ୍ଧରେ କୁହାଯାଇଛି ଯେ ଏହାର ପ୍ରବର୍ତ୍ତନ ଶୈବ ଏବଂ ବୈଷ୍ଣବ ଧର୍ମ ମଧ୍ୟରେ ରହିଥିବା ବିଭେଦ ଦୂର କରିବା ଲାଗି ହୋଇଥିଲା । ନାରୀ-ପୁରୁଷଙ୍କୁ ପରସ୍ପରର ପରିପୂରକ ବୋଲି ଦର୍ଶାଇବା ଲାଗି ଅର୍ଦ୍ଧନାରୀଶ୍ୱର ସ୍ୱରୂପରେ ଭଗବାନ ଶିବଙ୍କୁ ପୂଜା କରାଯାଉଥିଲା । ଏହିପରି ଭଗବାନ ଶିବଙ୍କ ନଟରାଜ ସ୍ୱରୂପର ଉତ୍ପତି ବିଷୟକ ଧାରଣା "ଆନନ୍ଦମ୍ ତାଣ୍ଡବମ୍" ସହିତ ଜଡ଼ିତ । 'ନଟରାଜ' ଶବ୍ଦର ଅର୍ଥ ହେଉଛି ନଟ ବା ନାଚ କରୁଥିବା ରାଜା । ଏହାର ସହଜ ଅର୍ଥ ହେଉଛି ସଂସାରର ସମସ୍ତ ନୃତ୍ୟରତ ପ୍ରାଣୀଙ୍କ ନେତୃତ୍ୱ ଭଗବାନ ଶିବ ନେଇଥାନ୍ତି । ସେହିପରି ସୃଷ୍ଟିର ପୁନଃନିର୍ମାଣ ଲାଗି ଭଗବାନ ଶିବ ନିର୍ଦ୍ଦେଶକ ଭୂମିକା ତୁଲାଇଥାନ୍ତି । ଭଗବାନ ଶିବଙ୍କ ତାଣ୍ଡବର ଦୁଇଟି ସ୍ୱରୂପ ରହିଛି । ପ୍ରଥମଟି କ୍ରୋଧର ପରିଚାୟକ, ଅର୍ଥାତ୍ ପ୍ରଳୟଙ୍କାରୀ ରୌଦ୍ର ତାଣ୍ଡବ । ଅନ୍ୟଟି ଆନନ୍ଦ ପ୍ରଦାନକାରୀ, ଆନନ୍ଦ ତାଣ୍ଡବ । ଅଧିକାଂଶ ଲୋକ ତାଣ୍ଡବ ଶବ୍ଦକୁ ଶିବଙ୍କ କ୍ରୋଧ ସ୍ୱରୂପ ବୋଲି ମାନିଥାନ୍ତି । ରୌଦ୍ର ତାଣ୍ଡବ କରୁଥିବା ଶିବ ରୁଦ୍ର କହିଥାନ୍ତି । ଆନନ୍ଦ ତାଣ୍ଡବ କରୁଥିବା ଶିବ ନଟରାଜ । ପ୍ରାଚୀନ ଆଚାର୍ଯ୍ୟଙ୍କ ମତାନୁସାରେ ଶିବଙ୍କ ଆନନ୍ଦ ତାଣ୍ଡବ ସହିତ ସୃଷ୍ଟି ଅସ୍ତିତ୍ୱ ମଧ୍ୟକୁ ଆସିଛି ତଥା ତାଙ୍କର ରୌଦ୍ର ତାଣ୍ଡବ ଯୋଗୁ ସୃଷ୍ଟିର ବିନାଶ ହୋଇଥାଏ । ଶିବଙ୍କ ନଟରାଜ ସ୍ୱରୂପ ମଧ୍ୟ ତାଙ୍କର ଅନ୍ୟ ସ୍ୱରୂପ ଭଳି ମନମୋହକ ।

ନଟରାଜ ଶିବଙ୍କ ପ୍ରସିଦ୍ଧ ପ୍ରାଚୀନ ମୂର୍ତ୍ତିରେ ତାଙ୍କର ୪ ବାହୁ ରହିଛି । ତାଙ୍କର ଚାରିପାଖେ ଅଗ୍ନି ପ୍ରଜ୍ଜ୍ୱଳିତ । ତାଙ୍କର ଗୋଟିଏ ପାଦ ଏକ ଦୈତ୍ୟକୁ ଚାପି ଧରିଥିବା ବେଳେ ଅନ୍ୟ ପାଦଟି ନୃତ୍ୟ ମୁଦ୍ରାରେ ଥାଏ । ସେ ନିଜର ପ୍ରଥମ ଡାହାଣ ହାତରେ ଡମ୍ବରୁ ଧରିଛନ୍ତି (ଯାହା ଉପରେ ରହିଛି) । ଡମ୍ବରୁ ସ୍ୱର ସୃଜନ ବା ସୃଷ୍ଟିର ପ୍ରତୀକ । ଏଥିରୁ ଜଣାପଡ଼େ ଶିବ ସୃଷ୍ଟି ନିର୍ମାଣ କରିଥାନ୍ତି । ଉପରେ ଥିବା ତାଙ୍କର ବାମ ହାତରେ ଅଗ୍ନି ଥାଏ, ଯାହା ବିନାଶର ପ୍ରତୀକ । ଅର୍ଥାତ୍ ଶିବ ମଧ୍ୟ ବିନାଶର କାରଣ ସାଜିଥାନ୍ତି । ତଳେ ଥିବା ତାଙ୍କର ଡାହାଣ ହାତ ବିଳୟର ପ୍ରତୀକ । ଅନ୍ୟ ହାତ ଅଭୟ ମୁଦ୍ରାରେ ଥାଏ । ଯାହାର ଅର୍ଥ ହେଉଛି ଭଗବାନ ଶିବ ସମସ୍ତ ସଂସାରକୁ କୁଦୃଷ୍ଟିରୁ ରକ୍ଷା କରିଥାନ୍ତି ।

ଶିବଙ୍କ ଉଠି ରହିଥିବା ନୃତ୍ୟରତ ପାଦ ମୋକ୍ଷର ପ୍ରତୀକ । ତାଙ୍କର ଦ୍ୱିତୀୟ ବାମ ହାତ ତାଙ୍କର ପାଦ ଆଡ଼କୁ ଇଙ୍ଗିତ କରିଥାଏ । ଏହାର ଅର୍ଥ ଭଗବାନ ଶିବ ମୋକ୍ଷ ମାର୍ଗ ଲାଗି ପରାମର୍ଶ ଦେଇଥାନ୍ତି । ଏଥିରୁ ଆମେ ବୁଝିବା ଉଚିତ ଯେ ଶିବଙ୍କ ଚରଣରେ ମୋକ୍ଷ ରହିଛି । ତାଙ୍କ ପାଦ ତଳେ ଚାପି ହୋଇରହିଥିବା ଦାନବ ଅଜ୍ଞାନତାର ପ୍ରତୀକ । ଯାହାକୁ ଶିବ ନଷ୍ଟ କରିଦେଇଥାନ୍ତି । ଶିବ ଅଜ୍ଞାନର ବିନାଶ କରିଥାନ୍ତି । ନଟରାଜଙ୍କ ଚର୍ତୁଦିଗରେ ଉଠୁଥିବା ଗୋଲାକାର ଅଗ୍ନି ସ୍ଫୁଲିଙ୍ଗ ବ୍ରହ୍ମାଣ୍ଡର ପ୍ରତୀକ । ତାଙ୍କ ଶରୀରରେ ଝୁଲି ରହିଥିବା ସର୍ପ କୁଣ୍ଡଳିନୀ ଶକ୍ତିର ପ୍ରତୀକ । ତାଙ୍କର ସମ୍ପୂର୍ଣ୍ଣ ଆକୃତି 'ଓଁ'କାର ସ୍ୱରୂପ ଭଳି ଦେଖାଯାଇଥାଏ । ଯାହା ସୂଚାଇ ଦିଏ ଯେ ଶିବଙ୍କ ମଧ୍ୟରେ ହିଁ 'ଓଁ' ନିହିତ ରହିଛି ।

## ଚକ୍ଷୁ ସମସ୍ୟାରୁ ମୁକ୍ତି ଦିଏ ପେସ୍ତା

ନିଜକୁ ସୁସ୍ଥ ସବଳ ରଖିବା ପାଇଁ ଆମେ ପ୍ରତିଦିନ ବିଭିନ୍ନ ପ୍ରକାର ପୋଷଣ ଯୁକ୍ତ ଖାଦ୍ୟ ଖାଇଥାଉ । ଭୁରି ଭୋଜନ ବ୍ୟତୀତ ଆମେ ଏମିତି କିଛି ଖାଦ୍ୟ ବି ଖାଇଥାଉ ଯାହା ସ୍ୱାଦିଷ୍ଟ ହେବା ସହ



ଶରୀରକୁ ବିଭିନ୍ନ ଜରୁରୀ ଉପାଦାନ ଯୋଗାଇଥାଏ । ଆଜିକା ସମୟରେ ଅଧିକାଂଶ ଲୋକେ ପ୍ରତିଦିନ କିଛି କିଛି ଡ୍ରାଏ ଫ୍ରୁଟସ ଖାଇବା ଅଭ୍ୟାସ କଲେଣି । ଏହି ଡ୍ରାଏ ଫ୍ରୁଟସ ମଧ୍ୟରୁ ପେସ୍ତା ହେଉଛି ଅନ୍ୟତମ । ଆଉ ମଧ୍ୟ ଏଥିରେ ଥିବା ଭରପୁର ଆଣ୍ଟି ଅକ୍ସିଡେଣ୍ଟ ହୃଦରୋଗ, କ୍ୟାନ୍ସର ପରି ରୋଗ ସହ ଲଢ଼ିବାରେ ସାହାଯ୍ୟ କରେ । ତେବେ ଆସନ୍ତୁ ଆଜି ପେସ୍ତାର ଆଉ କିଛି କିଛି ଉପାଦେୟ ଗୁଣ ବିଷୟରେ ଜାଣିବା ।

ଅତ୍ୟଧିକ ପ୍ରଦୂଷଣ, ଅନିୟମିତ ଦିନଚର୍ଯ୍ୟା କାରଣରୁ ଖୁବ କମ ବୟସରୁ ଅଧିକାଂଶ ଲୋକେ ଚକ୍ଷୁ ଜନିତ ସମସ୍ୟାରେ ପୀଡିତ ହେଉଛନ୍ତି । ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଲ୍ୟୁଟିନ, ଜ୍ୱାଥିନ ମୋତିୟାବିନ୍ଦୁ ଓ ବୟସ ଜନିତ ଚକ୍ଷୁ ସମସ୍ୟାରୁ ମୁକ୍ତି ଦେଇଥାଏ । ଏହାବ୍ୟତୀତ ପେସ୍ତା କାର୍ବୋହାଇଡ୍ରେଟ, ଫାଇବର , ଫ୍ୟାଟ, ଆମିନା ଏସିଡ ମୁହଁ ଦୁର୍ଗନ୍ଧ, ମୁଣ୍ଡ ବିନ୍ଧା, କୋଷ୍ଠକାଠିନ୍ୟ, କୁଣ୍ଡେଇ ହେବା ଆଦି ସମସ୍ୟାରୁ ମୁକ୍ତି ଦେଇଥାଏ । ଖାଲି ସେତିକି ନୁହେଁ ପାଚନ ସମସ୍ୟାକୁ ବି ଏହା ସୁଧାରି ଥାଏ । ଶରୀରରେ ସୁସ୍ଥ ବ୍ୟାକ୍ଟେରିଆ ସଂଖ୍ୟାକୁ ମଧ୍ୟ ବଢ଼ାଇ ଥାଏ । ପିସ୍ତା ତେଲରେ ମୁଣ୍ଡ ମାଲିସ କଲେ ମଧ୍ୟ ଦୀର୍ଘଦିନର ମୁଣ୍ଡ ଯନ୍ତ୍ରଣା ଦୂର ହୁଏ । ନିର୍ଦ୍ଦିଷ୍ଟ ମାତ୍ରାରେ ନିୟମିତ ସେବନ କରିବା ଦ୍ୱାରା ଥକ୍କା ପଣ ମେଣ୍ଟିବା ସହ ରକ୍ତରେ ଶର୍କରା ମାତ୍ରା ସନ୍ତୁଳିତ ରହିଥାଏ ।

# ଅକ୍ଷୟଶକ୍ତି ପ୍ରକଳ୍ପ ପାଇଁ ୮୬୯.୮ କୋଟିର ପୁଞ୍ଜି ବିନିଯୋଗ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,୨୬।୭ (ମହାଭାରତ): ଅକ୍ଷୟଶକ୍ତି କ୍ଷେତ୍ରରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି ଓଡ଼ିଶା। ୮୬୯.୮ କୋଟି ଟଙ୍କା ବିନିଯୋଗରେ ମୋଟ ୧୭୮ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ କରିବା ପାଇଁ ଅନୁମୋଦନ ପ୍ରାପ୍ତ ହୋଇଛି। ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱାଦଶ ସିଙ୍ଗଲ୍ ୱିଣ୍ଡୋ କମିଟି ବୈଠକରେ ଏହି ନିଷ୍ପତି ନିଆଯାଇଛି।

ଏହି ବୈଠକରେ ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ସତ୍ୟପ୍ରିୟ ରଥଙ୍କ ସମେତ ଗ୍ରିଡକୋ ଏବଂ ଓଏଚପିସିର ନିର୍ଦ୍ଦେଶକ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ ଓ ଅନ୍ୟାନ୍ୟ ବରିଷ୍ଠ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଅକ୍ଷୟ ଶକ୍ତି ପ୍ରମୁଖ ସଂସ୍ଥା ର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକୁ ଏହି ବୈଠକରେ ଉପସ୍ଥାପନ କରିଥିଲେ ଏବଂ ତତସମ୍ବନ୍ଧରେ ସମ୍ପୂର୍ଣ୍ଣ ବିଚାରବିମର୍ଶ ପରେ ସିଙ୍ଗଲ ୱିଣ୍ଡୋ କମିଟି ତାହାକୁ ଅନୁମୋଦନ ଦେଇଥିଲା। ଅନୁମୋଦିତ ପ୍ରକଳ୍ପମାନଙ୍କ ମଧ୍ୟରେ ରହିଛି, ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁରରେ ପ୍ରୋଜିଏଲ୍ ଗ୍ରୀନ ଏନର୍ଜି ଲିମିଟେଡ ଦ୍ୱାରା ୬୯.୫ ମେଗାୱାଟ୍ ସୋଲାର ପାର୍କ, କେନ୍ଦୁଝର ଜିଲ୍ଲା ର ତେଲକୋଇ ଠାରେ ଆଇନକ୍ସ ସୋଲାର୍ ଲିମିଟେଡ୍ ଦ୍ୱାରା ୪୯.୫ ମେଗାୱାଟ୍ ସୋଲାର ପ୍ରକଳ୍ପ, ଝାରସୁଗୁଡା ର ଲଖନପୁର ଠାରେ ମହାନଦୀ କୋଲ୍ ଫିଲ୍ଡ ଦ୍ୱାରା ୧୦ ମେଗାୱାଟ୍ ସୋଲାର ପ୍ରକଳ୍ପ ଓ ନବରଙ୍ଗପୁର ର ପାପଡାହାଣ୍ଡିରେ ଏନ୍.ଏଲ୍.ସି ଦ୍ୱାରା ପବନ ଶକ୍ତି ପ୍ରକଳ୍ପ। ଏହି ପ୍ରକଳ୍ପଗୁଡ଼ିକ ସମେତ, ଏପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ କମିଟି ମାଧ୍ୟମରେ ମୋଟ ୧,୮୪୪.୮୬ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ମୋଟ ୧୨,୫୯୯.୭୯ କୋଟି ଟଙ୍କା ର ବିନିଯୋଗ ପ୍ରସ୍ତାବ ଅନୁମୋଦନ ଲାଭ କରିଛି । ଅକ୍ଷୟ ଶକ୍ତି କ୍ଷେତ୍ରରେ ଓଡ଼ିଶାର ବିକାଶ ଯାତ୍ରାରେ ଏହା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ତଥା ରାଜ୍ୟରେ ଏକ ସହଜ ଓ ସୁବିଧାଜନକ ଉଦ୍ୟୋଗ ଅନୁକୁଳ ପରିବେଶ ସୃଷ୍ଟି ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ପ୍ରକଳ୍ପ ଗୁଡ଼ିକ ରାଜ୍ୟରେ ନୂତନ ରୋଜଗାର ସୃଷ୍ଟି କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।



*ଏନସିଇଆରଟି ପୁସ୍ତକରେ ପାଇକ ବିଦ୍ରୋହ ସ୍ଥାନ ନପାଇବା ପ୍ରସଙ୍ଗ*

# ରାଜ୍ୟବାସୀଙ୍କ ସହିତ ପ୍ରତାରଣା

ଭୁବନେଶ୍ୱର,୨୬।୭ (ମହାଭାରତ): ନିକଟରେ ପ୍ରକାଶିତ ହୋଇଥିବା ଏନସିଇଆର୍ଟି ପାଠ୍ୟକ୍ରମରେ ପାଇକ ବିଦ୍ରୋହ ସ୍ଥାନ ନପାଇବାକୁ ନେଇ ବିଭିନ୍ନ ବର୍ଗରୁ ସମାଲୋଚନା କରାଯାଉଥିବା ବେଳେ, ବିଜୁ ଜନତା ଦଳ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେପିକୁ ଘେରିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ ଲେନିନ ମହାନ୍ତି ଏହାକୁ ଦୃଢ଼ ସମାଲୋଚନା କରିବା ସହିତ ବିଜେପି ଓ ଶ୍ରୀ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଅନେକ ଅସମାହିତ ପ୍ରଶ୍ନ କରିଥିଲେ।

ଡ. ମହାନ୍ତି କହିଥିଲେ, ୧୮୧୭ ମସିହାରେ ହୋଇଥିବା ପାଇକ ବିଦ୍ରୋହ ବ୍ରିଟିଶ ସରକାରଙ୍କ ନୀତି ବିରୋଧରେ ପ୍ରଥମ ଦୃଢ଼ ସଂଗ୍ରାମ। ଏହି ପାଇକ ବିଦ୍ରୋହ କେବଳ ଓଡିଶାର ଗାରିମାମୟ ଐତିହ୍ୟ ନୁହେଁ, ଏହା ଭାରତ ଇତିହାସର ଏକ ଗୌରବମୟ ଦିଗ। ଏହା ପୂର୍ବରୁ ଏନସିଇଆରଟି ପୁସ୍ତକରେ ସ୍ଥାନ ଦେଇଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ହଟାଇ ଦେଇଛି । ପାଇକ ବିଦ୍ରୋହକୁ ଭାରତର ସ୍ୱାଧୀନତା ପାଇଁ ପ୍ରଥମ ସଂଗ୍ରାମର ମାନ୍ୟତା ଦେବା ପାଇଁ ଓଡିଶା ଦାବୀ କରି ଆସୁଥିବା ବେଳେ କେନ୍ଦ୍ର ସରକାର ଏହାକୁ ଅଗ୍ରାହ୍ୟ କରିଥିଲେ ମଧ୍ୟ ଏହି ବିଦ୍ରୋହ ଏନସିଇଆର୍ଟି ପୁସ୍ତକରେ ସ୍ଥାନ ପାଇବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଡ. ମହାନ୍ତି କହିଥିଲେ, ନିର୍ବାଚନ ସମୟରେ, ଓଡ଼ିଆ ଅସ୍ମିତାର ନାରା ଦେଇଥିବା ବିଜେପି ପାଇକ ବିଦ୍ରୋହକୁ ଏନସିଇଆର୍ଟିରେ ସ୍ଥାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ନିକଟରେ ପ୍ରକାଶିତ ହୋଇଥିବା ପାଠ୍ୟକ୍ରମରେ ସ୍ଥାନ ପାଇନାହିଁ। ଏହାକୁ ନେଇ ବିଭିନ୍ନ ବର୍ଗରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରୁ, ଏନସିଇଆର୍ଟି ତରଫରୁ ପ୍ରକାଶିତ ପୁସ୍ତକର ଦ୍ୱିତୀୟ ଭଲ୍ୟୁମରେ ଏହା ସ୍ଥାନ ପାଇବ ବୋଲି ସ୍ପଷ୍ଟୀକରଣ ଦିଆଯାଇଛି। ହେଲେ, ଏହି ସ୍ପଷ୍ଟୀକରଣ ଗ୍ରହଣୀୟ ନୁହେଁ ବୋଲି ଡ. ମହାନ୍ତି କହିଥିଲେ। ସେ କହିଥିଲେ, ୨୦୨୪ ପର୍ଯ୍ୟନ୍ତ ପ୍ରକାଶିତ ହୋଇ ଆସୁଥିବା ଏନସିଇଆର୍ଟି ପୁସ୍ତକ କେବଳ ଗୋଟିଏ ଭଲ୍ୟୁମ ରହିଥିବା ବେଳେ ଚଳିତ ବର୍ଷ ଦ୍ୱିତୀୟ ଭଲ୍ୟୁମ ରହିବ ବୋଲି ମନ୍ତବ୍ୟ ଜାରି କରିବା, ଗ୍ରହଣୀୟ ହୋଇ ପାରୁନାହିଁ। ଏହାଛଡା, ପ୍ରକାଶିତ ପୁସ୍ତକରେ ୧୮୫୭ ସିପାହୀ ବିଦ୍ରୋହ ପ୍ରକାଶ ହୋଇ ସାରିଥିବାରୁ, ଏହାର ବହୁ ପୂର୍ବରୁ ହୋଇଥିବା ପାଇକ ବିଦ୍ରୋହ କିପରି ଭଲ୍ୟୁମ ୨ ରେ ସ୍ଥାନ ପାଇବ ବୋଲି ସେ ପ୍ରଶ୍ନ କରିଛନ୍ତି। ବିବାଦ ହେବା ପରେ ଏପରି ମନ୍ତବ୍ୟ ରଖିବା ଯେ ଏକ ଭେଳିକି ଓ କେବଳ ବିଭିନ୍ନ ବର୍ଗରୁ ପ୍ରକାଶ ପାଉଥିବା ପ୍ରତିକ୍ରିୟାକୁ ପ୍ରଶମିତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଡ. ମହାନ୍ତି କହିଥିଲେ।

# ରମାଦେବୀରେ ନବାଗତ ବିଦ୍ୟାର୍ଥୀ ସ୍ୱାଗତ ସମାରୋହ

ଭୁବନେଶ୍ୱର,୨୬।୭ (ମହାଭାରତ): ଭୁବନେଶ୍ୱର ସ୍ଥିତ ରମାଦେବୀ ବିଶ୍ୱବିଦ୍ୟାଳୟ ପରିସର ସଭାଗୃହରେ ଅନୁଷ୍ଠିତ ରମାଦେବୀ ମହାବିଦ୍ୟାଳୟର ନବାଗତ ବିଦ୍ୟାର୍ଥୀ ସ୍ୱାଗତ ସମାରୋହ ଏବଂ ଓଡ଼ିଆ ଭାଷାରେ ଲିଖିତ +୨ ବିଜ୍ଞାନ ବହିର ଲୋକାର୍ପଣ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ। ଶ୍ରୀ ଗଣ୍ଡ କହିଥିଲେ ମହାନ ସ୍ୱାଧୀନତା ସଂଗ୍ରାମୀ ରମାଦେବୀ ଚୌଧୁରୀଙ୍କ ନାମରେ ୧୯୬୪ ମସିହାରେ ପ୍ରତିଷ୍ଠା ହୋଇଥିବା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଆଜି ଅନେକ ଛାତ୍ରୀଙ୍କ ଜୀବନକୁ ମୂର୍ତ୍ତିମନ୍ତ କରି ଗଢିତୋଳି ଏକ ମହାଦ୍ରୁମରେ ପରିଣତ ହୋଇସାରିଛି। ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା ଏହାର ଅନନ୍ୟ ଉଦାହରଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଆମ ସରକାର ଜାତୀୟ ଶିକ୍ଷାନୀତିକୁ ଲାଗୁ କରି ରାଜ୍ୟର ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ପ୍ରୟାସ କରୁଛନ୍ତି। ଏକବିଂଶ ଶତାବ୍ଦୀ ଆବଶ୍ୟକ କରୁଥିବା ଜ୍ଞାନ କୌଶଳକୁ ଭି କରି ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଓ ପ୍ରୟୋଗାତ୍ମକ ଶିକ୍ଷା ସହ ଗବେଷଣା ଓ ଦକ୍ଷତା ବିକାଶ ଲାଗି ବ୍ୟାପକ ସୁଯୋଗ ସୃଷ୍ଟି କରିବା ଉପରେ ଏହି ନୂତନ ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯାଇଛି। ନିଜ ମାତୃଭାଷାରେ ଛାତ୍ରଛାତ୍ରୀମାନେ ଶିକ୍ଷାକୁ ସହଜରେ ବୁଝିପାରିବେ, ଶିଖିପାରିବେ ଏବଂ ଉଚ୍ଚମାନର ଶିକ୍ଷା ଲାଭ କ୍ଷେତ୍ରରେ ଇଂରାଜୀ ଭାଷା ଯେପରି ପ୍ରତିବନ୍ଧକ ସୃଷ୍ଟି ନକରିବ ତାହା ସୁନିଶ୍ଚିତ କରିବା ଏବଂ ଛାତ୍ରଛାତ୍ରୀଙ୍କର ମୌଳିକ ଜ୍ଞାନକୁ ପରିବର୍ଦ୍ଧିତ କରିବା ପାଇଁ ଏଥିରେ ମାତୃଭାଷାକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି।



# ମହିଳା ହିଂସା ଅଭିଯୋଗ ପ୍ରକୋଷ୍ଠ ଖୋଲିଲା କଂଗ୍ରେସ

ଭୁବନେଶ୍ୱର,୨୬।୭ (ମହାଭାରତ): ମହିଳା ହିଂସାକୁ ନେଇ ଅଭିଯୋଗ ପ୍ରକୋଷ୍ଠ ଖୋଲିଲା କଂଗ୍ରେସ। କଂଗ୍ରେସ ଭବନରେ ସ୍ୱତନ୍ତ୍ର ଆପ୍‌ର ଉନ୍ମୋଚନ କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। କୌଣସି ମହିଳା ନିର୍ଯାତନାର ଶିକାର ହେଲେ ଇମେଲ କରି କିମ୍ବା କ୍ୟୁଆର କୋଡ୍ ସ୍କାନ କରି ଅଭିଯୋଗ କରିପାରିବେ। ଆସନ୍ତାକାଲି ଠାରୁ ଏହି ଆପ୍ କାର୍ଯ୍ୟ କରିବା ସହ ଖୁବ ଶୀଘ୍ର ଟୋଲ ଫ୍ରି ନମ୍ବର ଜାରି କରାଯିବ। ଅଭିଯୋଗ ଆସିଲେ କଂଗ୍ରେସର ଟିମ ଯାଇ ପୀଡିତାଙ୍କୁ ଭେଟି ତାଙ୍କୁ ନ୍ୟାୟ ଦେବା ପାଇଁ ସରକାର ଓ ପୋଲିସ ଉପରେ ଚାପ ପକାଇବ। ନାରୀ ନିର୍ଯାତନା ବିରୋଧରେ କଂଗ୍ରେସ ତାହାର ସାଇଲେନ୍ସ ମୁଭମେଣ୍ଟ ଜାରି ରଖିବ ବୋଲି କହିଛନ୍ତି ପିସିସି ସଭାପତି ଭକ୍ତ ଦାସ।



# କିସ୍ ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କଲେ ରାଜ୍ୟପାଳ

ଭୁବନେଶ୍ୱର,୨୬।୭ (ମହାଭାରତ): ଓଡ଼ିଶା ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି ଏବଂ ତାଙ୍କ ଧର୍ମପତ୍ନୀ ଡ. ଜୟଶ୍ରୀ କମ୍ଭମପତି ଆଜି କିଟ୍, କିସ୍ ଓ କିମ୍ସ ପରିଦର୍ଶନରେ ଆସି କିସ୍‌ର ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। କିସ୍ ପିଲାଙ୍କ ସହ ବସି ମଧ୍ୟାହ୍ନଭୋଜନ କରିବାରେ କମ୍ଭମପତି ହେଉଛନ୍ତି ଓଡ଼ିଶାର ପ୍ରଥମ ରାଜ୍ୟପାଳ।

ରାଜ୍ୟପାଳ ଡ. କମ୍ଭମପତି ସପତ୍ନୀକ କିଟ୍‌ରେ ପହଞ୍ଚିବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ ରାଜ୍ୟପାଳ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଓ କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ପରିଦର୍ଶନ ସମୟରେ ସେ ବିଭିନ୍ନ ସ୍କୁଲ୍ ବୁଲିବା ସହ ସେଠାରେ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ରୁରାଲ ମ୍ୟାନେଜମେଣ୍ଟ କ୍ୟାମ୍ପସ୍‌ରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ସେମାନଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟପାଳ କିଟ୍‌ର ଆକର୍ଷଣୀୟ ସ୍କଲ୍‌ପଚର୍ ପାର୍କ ପରିଦର୍ଶନ କରି ବିମୋହିତ ହୋଇଥିଲେ। ପଥରରେ ଆଧ୍ୟାତ୍ମିକ ଓ ଶିକ୍ଷାର ସମନ୍ୱୟ ଦେଖି ସେ ଆଶ୍ଚର୍ଯ୍ୟ ହୋଇଥିଲେ। ସେହିପରି ସେ କିଟ୍‌ର ଗୋଲାପ ବଗିଚା, ଲ ସ୍କୁଲ୍, ବାୟୋଟେକ୍ନୋଲୋଜି, କିମ୍ସ, କିମ୍ସ ସୁପରସ୍ପେଶିଆଲିଟି ହସ୍‌ପିଟାଲ୍ ଓ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ କ୍ୟାମ୍ପସ ପରିଦର୍ଶନ କରିଥିଲେ। କିସ୍‌ରେ ପହଞ୍ଚିବା ପରେ କିସ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ କରାଯାଇଥିଲା। ପରେ କିସ୍ ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। ସମସ୍ତ କ୍ୟାମ୍ପସ ପରିଦର୍ଶନ ପରେ ଓଡ଼ିଶାରେ କିଟ୍ ଓ କିସ୍ ଭଳି ଅନୁଷ୍ଠାନ ଅଛି ଜାଣି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ରାଜ୍ୟପାଳଙ୍କ କିସ୍ ପରିଦର୍ଶନ ସମୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।



# ଏମ୍ସ ଭୁବନେଶ୍ୱରକୁ ତିନି ସେଟ୍ ଭୀଷ୍ମ କ୍ୟୁବ୍ସ ପ୍ରଦାନ

ଭୁବନେଶ୍ୱର,୨୬।୭ (ମହାଭାରତ): ପ୍ରଯୁକ୍ତିବିଦ୍ୟା ଓ ମାନବବାଦର ଅଦ୍ଭୁତ ସଂଗମ ତଥା ବିପର୍ଯ୍ୟୟ ସ୍ଥଳରେ ଜୀବନ ରକ୍ଷା ନିମିତ ଏକ ଅଭିନବ ଭାରତୀୟ ଉଦ୍ଭାବନ ଭୀଷ୍ମ କ୍ୟୁବ୍ସ। ବିପର୍ଯ୍ୟୟ ସମୟରେ ତ୍ୱରିତ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏମ୍ସ ଭୁବନେଶ୍ୱରକୁ ତିନି ସେଟ୍ ଭୀଷ୍ମ କ୍ୟୁବ୍ସ ପ୍ରଦାନ କରାଯାଇଛି, ଯାହାକି ରାଜ୍ୟରେ ପ୍ରଥମ। ଏହି ମଡ୍ୟୁଲାର ମୋବାଇଲ୍ ମେଡିକାଲ୍ କିଟ୍ ବିପର୍ଯ୍ୟୟ ସ୍ଥଳରେ ଜରୁରୀକାଳୀନ ଚିକିତ୍ସା ସେବା ପ୍ରଦାନ କରିବାରେ ବୈପ୍ଳବିକ ପରିବର୍ତ୍ତନ ଆଣିବାର ସମ୍ଭାବନା ରଖିଛି।

ଏହା କେବଳ ଏକ ଚିକିତ୍ସା କିଟ୍ ନୁହେଁ, ବରଂ ଭାରତରେ ସ୍ୱାସ୍ଥ୍ୟ ପଦକ୍ଷେପର ଏକ ସଂକ୍ଷିପ୍ତ ରୂପ। ଏହି ବ୍ୟବସ୍ଥାର ଗୋଟିଏ ସେଟ୍ ଏକକାଳୀନ ବିପର୍ଯ୍ୟୟ ସ୍ଥଳରେ ପ୍ରାୟ ଦୁଇ ଶହରୁ ଅଧିକ ପୀଡ଼ିତଙ୍କୁ ସେବା ଯୋଗାଇପାରିବ। ଯାହାକି ଉଦ୍ଧାରକାରୀ ଦଳଙ୍କ ଅପେକ୍ଷା ଯଥେଷ୍ଟ ସ୍ୱଳ୍ପ ସମୟ ଏବଂ ପରିଶ୍ରମରେ ସମ୍ଭବ ହୋଇପାରିବ। ବିପର୍ଯ୍ୟୟ ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବାରେ ଲାଗୁଥିବା ସମୟ ଅବଧିକୁ ଅତ୍ୟନ୍ତ ସଂକ୍ଷିପ୍ତ କରିବା ସହିତ ଶତାଧିକ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇପାରିବ ଭୀଷ୍ମ କ୍ୟୁବ୍ସ। ଏମ୍ସ ଭୁବନେଶ୍ୱରକୁ ଏଥିରୁ ତିନିଟି ସେଟ୍ ପ୍ରଦାନ, ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଜରୁରୀକାଳୀନ ପରିସ୍ଥିତି ପରବର୍ତ୍ତୀ ସମୟରେ ଉଦ୍ଧାର କାର୍ଯ୍ୟ ପରିଚାଳନାରେ ଅଧିକ ସଂଗଠିତ କରିପାରିବା ନେଇ ମତବ୍ୟକ୍ତ କରିଛନ୍ତି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ।

ଭୀଷ୍ମ କ୍ୟୁବ୍ର ଗୋଟିଏ ସେଟ୍ ରେ ୩୩୮ଟି ଅତ୍ୟାବଶ୍ୟକୀୟ ମେଡିକାଲ୍ ସାମଗ୍ରୀ ରହିଛି, ଯେଉଁଥିରେ ଆୟୁର୍ବେଦିକ ଔଷଧ, ଶଲ୍ୟ ଚିକିତ୍ସା ଉପକରଣ ଏବଂ ପୋର୍ଟେବଲ୍ ଡାଇଗ୍ନୋଷ୍ଟିକ୍ ଡିଭାଇସ୍ ମଧ୍ୟ ଅନ୍ତର୍ଭୁକ୍ତ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏକ ସ୍ୱତନ୍ତ୍ର ଦଳ ଏମ୍ସ ଭୁବନେଶ୍ୱରରେ ଡାକ୍ତର, ନର୍ସ ଏବଂ ବିପର୍ଯ୍ୟୟ ପ୍ରତିକ୍ରିୟା ଦଳ ସମେତ ସ୍ୱାସ୍ଥ୍ୟସେବା ବୃତିଗତଙ୍କ ପାଇଁ ଏକ ବ୍ୟାପକ ତାଲିମ ଏବଂ ପ୍ରଦର୍ଶନ ଅଧିବେଶନ ଆୟୋଜିତ କରିଥିଲେ।



# ରାଜ୍ୟପାଳଙ୍କୁ ଭେଟିଲେ ମିଳିତ ବିରୋଧୀ ଦଳ

ଭୁବନେଶ୍ୱର,୨୬।୭ (ମହାଭାରତ): ରାଜ୍ୟପାଳଙ୍କୁ ଭେଟି ମହିଳାଙ୍କୁ ନ୍ୟାୟ ଦାବି କରି ରାଜ୍ୟର ୮ଟି ବିରୋଧୀ ଦଳ ତରଫରୁ ଗୁରୁବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ରରେ ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ମହିଳା ବିଚାରପତିଙ୍କ ନେତୃତ୍ୱରେ ଏକ ବିଚାର ବିଭାଗୀୟ ତଦନ୍ତ କମିଶନ ଗଠନ କରାଯାଉ, ଯାହା ମହିଳାଙ୍କ ବିରୁଦ୍ଧରେ ଅପରାଧର କାରଣ ଓ ବ୍ୟବସ୍ଥାଗତ ବିଫଳତା ସମ୍ପର୍କରେ ତଦନ୍ତ କରି ୬୦ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ଦାବି କରାଯାଇଛି।

ଏହାସହ ପୁଲିସ୍ ବ୍ୟବସ୍ଥାରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରିବା ପାଇଁ ମିଳିତ ବିରୋଧୀ ଦଳ ଦାବି କରିଛନ୍ତି। ସଂସ୍ଥାଗତ ସୁଧାର ଆଣିବା ପାଇଁ ଓଡ଼ିଶା ରାଜ୍ୟ ମହିଳା ଆୟୋଗରେ ତୁରନ୍ତ ଅଧ୍ୟକ୍ଷା ନିଯୁକ୍ତି କରିବା ପାଇଁ ଦାବି କରାଯାଇଛି। ଓଡ଼ିଶା ରେ ପଡ଼ି ରହିଥିବା ମହିଳା ସଂପର୍କୀୟ ୧୧,୦୦୦ରୁ ଅଧିକ ଅଭିଯୋଗର ତୁରନ୍ତ ସମାଧାନ କରାଯାଉ। ମହିଳା ପୁଲିସ ଷ୍ଟେସନ ଓ ଟୋଲ-ଫ୍ରି ହେଲପଲାଇନ ଆରମ୍ଭ କରାଯାଉ । ମହିଳାଙ୍କ ବିରୁଦ୍ଧରେ ହେଉଥିବା ଅପରାଧିକ ମାମଲା ୬ ମାସ ସମୟ ସୀମା ମଧ୍ୟରେ ସମାଧାନ କରିବା ପାଇଁ ଦାବି କରାଯାଇଛି । ମହିଳା ଅପରାଧିକ ମାମଲା ରେ ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ୮.୩%ରୁ ବଢ଼ାଇ ଜାତୀୟ ହାର ୨୬.୬% ପର୍ଯ୍ୟନ୍ତ ପହଞ୍ଚିବା ପାଇଁ କୁହାଯାଇଛି । ମାଦକ ଦ୍ରବ୍ୟ ସେବନ ଜନିତ ଅପରାଧ ରୋକିବା ପାଇଁ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ଓ ସ୍କୁଲ-କଲେଜରେ ଯୌନ ନିର୍ଯାତନା ରୋକିବା ପାଇଁ ନିୟମିତ ସଚେତନ ଏବଂ ତଦାରଖ ବ୍ୟବସ୍ଥା କରାଯାଉ। ସାର୍ବଜନୀନ ସ୍ଥାନରେ ସୁନିଶ୍ଚିତ ବିଦ୍ୟୁତ ବ୍ୟବସ୍ଥା,ସିସିଟିଭି, ପୁଲିସ୍ ପେଟ୍ରୋଲିଂ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଉ। ଜଷ୍ଟିସ ବର୍ମା କମିଟିର ସୁପାରିଶ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା କୁ କଡ଼ାକଡି କରାଯାଉ। ପୁଲିସକୁ ଯୌନ ଅପରାଧ ମାମଲାରେ ସମ୍ବେଦନଶୀଳ ତଦନ୍ତ ପାଇଁ ତାଲିମ ଦିଆଯାଉ। କମ୍ୟୁନିଟି ପୁଲିସ୍ ବ୍ୟବସ୍ଥା ପ୍ରଚଳନ କରିବା ପାଇଁ ଦାବି କରାଯାଇଛି।

ପ୍ରତିନିଧି ଦଳରେ କଂଗ୍ରେସର ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ମହିଳା କଂଗ୍ରେସ ରାଜ୍ୟ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ବିଧାୟକ ତାରା ପ୍ରସାଦ ବାହିନୀପତି, ସିପିଆଇ ରାଜ୍ୟ ସହସମ୍ପାଦକ ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର, ଜୟନ୍ତ ଦାସ, ସୁରେଶ ଚନ୍ଦ୍ର ପଣିଗ୍ରାହୀ, ଯୁଧିଷ୍ଠିର ମହାପାତ୍ର ପ୍ରମୁଖ।



# ଜଳ ବଂଟନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବ ନଦୀ ସଂଯୋଗୀକରଣ ଯୋଜନା

ଭୁବନେଶ୍ୱର,୨୬।୭ (ମହାଭାରତ): ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ ରୂପେ ଦେଖା ଦେଇଛି। ଦିନକୁ ଦିନ ମୌସୁମୀ ବର୍ଷାର ଅବଧିଓ ତାହାର ପରିମାଣରେ ଅନିଶ୍ଚିତତା ମାନବ ସମାଜ ପାଇଁ ଜଳ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ସୃଷ୍ଟି କରିଛି। ଉଦବୃତଜଳ ସମ୍ପନ୍ନ ନଦୀ ଅବବାହିକାଗୁଡିକୁ ଜଳକ୍ଲିଷ୍ଟ ନଦୀ ଅବବାହିକା ସହିତ ସଂଯୁକ୍ତକରି ପ୍ରଭାବୀ ଜଳ ବଂଟନ ପ୍ରଣାଳୀକୁ ସୁନିଶ୍ଚିତ କରିବା ନିମନ୍ତେ "ଅନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ପ୍ରକଳ୍ପ" ନାମରେ ଏକ ନୂତନ ଯୋଜନାକୁ ରାଜ୍ୟ ସରକାର ରୂପାୟନ କରିବାକୁ ଯାଉଛନ୍ତି।

ଏହି ଯୋଜନାର ମୂଳ ଲକ୍ଷ୍ୟ ଗୁଡିକ ହେଲା;ଉପଲବ୍ଧ ଭିତିଭୂମିର ଉପଯୋଗ ଓ ଜୀବନ ଜୀବିକାର ସର୍ବନିମ୍ନ ବିସ୍ଥାପନକୁ ଦୃଷ୍ଟିରେ ରଖି ଆବଶ୍ୟକ ସ୍ଥଳେ ଭୂତଳ ପାଇପ ଲାଇନ ଏବଂ ନଦୀ ପରିକ୍ରମା ମାର୍ଗକୁ ପ୍ରାଧାନ୍ୟ ଦେଇ ଜଳ ପରିଚାଳନାରେ ଏକ ଆଦର୍ଶ ଉଦାହରଣ ସୃଷ୍ଟି କରିବା, ସ୍ଥାନୀୟ ଅଂଚଳର ଅର୍ଥନୈତିକ ଅଭିବୃଦ୍ଧି ସହିତ ପରିବେଶ ସଂରକ୍ଷଣ କୁ ପ୍ରାଧାନ୍ୟ ଦେବା, ପ୍ରାୟ ୧୫୦ଟି ଜଳାଶୟକୁ ପୁନର୍ଜୀବିତ କରାଯାଇ ଅତିରିକ୍ତ ଜଳଧାରଣ କ୍ଷମତା ସୃଷ୍ଟି କରାଯିବା ସଙ୍ଗେ ସଙ୍ଗେ ଜଳକ୍ଲିଷ୍ଟ ଅଂଚଳରେ ମରୁଡିପ୍ରବଣତାକୁ ହ୍ରାସ କରିବା, ବନ୍ୟା ସମୟରେ ଜଳବନ୍ଦୀ ହେଉଥିବା ଅଂଚଳରୁ ଜଳ ନିଷ୍କାସନ କରି ଉଦବୃତ ଜଳକୁ ସଂରକ୍ଷଣ କରିବା, ଉପଲବ୍ଧ ଜଳସେଚିତ ଜମିଗୁଡିକୁ ନିରାପତା ଓ ସ୍ଥାୟିତ୍ୱ ପ୍ରଦାନ କରିବା ସହ ଅତିରିକ୍ତ ସେଚ ସାମର୍ଥ୍ୟ ସୃଷ୍ଟି କରିବା, ଅଗ୍ରାଧିକାରଭିତିରେ ସହରାଂଚଳ ଓ ଗ୍ରାମାଂଚଳରେ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ଏବଂ ରିଅଲ ଟାଇମ ମନିଟରିଂ ସିଷ୍ଟମ୍ ଦ୍ୱାରା ଜଳ ସଂପଦର ତଦାରଖ ଓ ସୁପରିଚାଳନା କରାଯିବା ଫଳରେ ଅନିର୍ଦ୍ଦିଷ୍ଟ ମୌସୁମୀ ଓ ଅନିଶ୍ଚିତ ବୃଷ୍ଟିପାତର ବିପର୍ଯ୍ୟୟକୁ ମୁକାବିଲା କରି ପରିବେଶରେ ସ୍ଥିରତା ଆଣିବା।

ଏଥିପାଇଁ ପ୍ରାରମ୍ଭିକ ଭାବରେ ୨୦୨୫-୨୬ ରୁ ୨୦୨୯ଆର୍ଥିକ ବର୍ଷ ମଧ୍ୟରେ ୬ଟି ପଥଦର୍ଶୀ ପ୍ରକଳ୍ପକୁ ଅଗ୍ରାଧିକାର ଭିତିରେ କାର୍ଯ୍ୟକାରୀ କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୧୮୦୦ କୋଟି ଟଙ୍କାର ପ୍ରକଳ୍ପ ବିବରଣୀ ପ୍ରସ୍ତୁତ ହେଉଅଛି।

ଏହିସବୁ ପ୍ରକଳ୍ପ ସବୁ ମଧ୍ୟରେ ରହିଛି-(୧)- କାତରା ସୁବର୍ଣ୍ଣରେଖା ମୁଖ୍ୟ କେନାଲ ସଂଯୋଗୀକରଣ ପ୍ରକଳ୍ପ- ଏହି ପ୍ରକଳ୍ପ ଦ୍ୱାରା କାତରା ନଦୀରେ ପ୍ରସ୍ତାବିତ କଂଶପାଳ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପରୁ ଏକ ଫିଡର ଚାନେଲ ମାଧ୍ୟମରେ ଜଳ ପ୍ରବାହ ଦ୍ୱାରା ସୁବର୍ଣରେଖା ମୁଖ୍ୟ କେନାଲର ଆୟକଟ ଅଞ୍ଚଳରେ ଜଳସେଚନ ସୁନିଶ୍ଚିତ କରାଯାଇପାରିବ।(୨) ହିରାଧରବାଟି ବ୍ୟାରେଜ – ଚିଲିକା ହ୍ରଦ ସଂଯୋଗୀକରଣ ପ୍ରକଳ୍ପ -ହିରାଧରବାଟି ବ୍ୟାରେଜଠାରୁ ବନ୍ୟାଜଳ ପ୍ରବାହିକା ଚାନେଲ ମାଧ୍ୟମରେ ଅସଂରକ୍ଷିତ ବନ୍ୟାଜଳକୁପଥ ମଧ୍ୟସ୍ଥ ପ୍ରାୟ ୩୫ଗୋଟି ଜଳାଶୟ ପୁନଃଭରଣ କରି ଚିଲିକା ହ୍ରଦ ମଧ୍ୟକୁ ପୁନଃପ୍ରବାହିତ କରାଯିବା ଦ୍ୱାରା ଜଳବନ୍ଦୀ ସମସ୍ୟାର ସମାଧାନ ସହିତ ଜଳ ସଂରକ୍ଷଣ କରାଯାଇ ପାରିବ। (୩) ବାହୁଦା – ଋଷିକୁଲ୍ୟା ଅବବାହିକା ସଂଯୋଗୀକରଣ ପ୍ରକଳ୍ପ : ବାହୁଦା ଠାରୁ ଋଷିକୁଲ୍ୟା ନଦୀଅବବାହିକା ସଂଯୋଗକାରୀ ପ୍ରଣାଳୀ ଦ୍ୱାରା କେଲୁଆପାଳି ଜଳାଶୟକୁ ପୁନଃ ଭରଣ କରିବା ସହିତ ବ୍ରହ୍ମପୁର ସହରାଞ୍ଚଳ ଓ ଗୋପାଳପୁର ସ୍ଥିତ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ (ଏସ୍‌ଇଜେଡ୍) ଅଞ୍ଚଳକୁ ଜଳ ଯୋଗାଣ (୪) ବଂଶଧାରା – ଋଷିକୁଲ୍ୟା ସଂଯୋଗୀକରଣ ପ୍ରକଳ୍ପ :ଏହି ଅନ୍ତଃ ନଦୀ ସଂଯୋଜକ ମାଧ୍ୟମରେ ନନ୍ଦିନୀ ନାଳର ଜଳକୁ ପାର୍ଶ୍ୱବର୍ତ୍ତୀ ବ୍ରହ୍ମପୁର ସହରର ଜଳକ୍ଲିଷ୍ଟ ଅଞ୍ଚଳରେ ଜଳ ଯୋଗାଣ ସୁନିଶ୍ଚିତ କରାଯିବ।

# କାଗଜ ବିହୀନ ଟିକେଟ ପ୍ରଣାଳୀରେ ରେଳବାଇର ରେକର୍ଡ

ଭୁବନେଶ୍ୱର,୨୬।୭ (ମହାଭାରତ): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ କାଗଜବିହୀନ ଟିକେଟ ପ୍ରଣାଳୀ ଗ୍ରହଣରେ ଏକ ଉଲ୍ଲେଖନୀୟ ମାଇଲଖୁଂଟ ହାସଲ କରିଛି ଯାହା ଭାରତୀୟ ରେଳବାଇରେ ଡିଜିଟାଲ୍ ପରିବର୍ତ୍ତନ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ମୋବାଇଲ୍ ପ୍ଲାଟଫର୍ମରେ ୟୁଟିଏସ ବ୍ୟବହାର କରି, ଯାତ୍ରୀମାନେ ଏବେ ସିଧାସଳଖ ସେମାନଙ୍କ ସ୍ମାର୍ଟ ଫୋନ୍ ରୁ ଯାତ୍ରା ଟିକେଟ୍, ସିଜନ୍ ଟିକେଟ୍ ଏବଂ ପ୍ଲାଟଫର୍ମ ଟିକେଟ୍ ବୁକ୍ କରୁଛନ୍ତି ଯାହା ଦ୍ୱାରା ଛପା କାଗଜ ଟିକେଟର ଆବଶ୍ୟକତାକୁ ଦୂର କରାଯାଇ ପାରୁଅଛି। ଯାତ୍ରୀ ସୁବିଧା ଉପରେ ଗୁରୁତ୍ୱ ଦେଇ, ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ୟୁଟିଏସ୍ (ଅଣସଂରକ୍ଷିତ ଟିକେଟିଂ ସିଷ୍ଟମ୍) ମୋବାଇଲ୍ ଆପ୍ଲିକେସନ୍ ବ୍ୟବହାରରେ ଏକ ପ୍ରଭାବଶାଳୀ ବୃଦ୍ଧି ଆଣିପାରିଛି। ଏହି ପଦକ୍ଷେପ କେବଳ ଟିକେଟିଂ ପ୍ରକ୍ରିୟାକୁ ସରଳ କରୁ ନାହିଁ ବରଂ ଡିଜିଟାଲ୍ ଏବଂ ସମ୍ପର୍କହୀନ ସେବାକୁ ପ୍ରୋତ୍ସାହିତ କରିବାର ଭାରତୀୟ ରେଳବାଇର ବ୍ୟାପକ ଲକ୍ଷ୍ୟ ସାଧନ କରିପାରୁଛି। ୨୦୨୪-୨୫ ଆର୍ଥିକ ବର୍ଷରେ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ମୋବାଇଲ୍ ଆପ୍ ଉପରେ ୟୁଟିଏସ ମାଧ୍ୟମରେ ୫,୩୫,୬୦୧ ଟିକିଟ୍ ଜାରି କରିଥିଲା, ଯାହା ୨୨,୪୧,୬୯୦ ରୁ ଅଧିକ ଯାତ୍ରୀଙ୍କୁ ସେବା ଯୋଗାଇଥିଲା ଏବଂ ଏହି ବାବଦରେ ପ୍ରାୟ ୪,୭୬,୬୭,୭୧୦ ଟଙ୍କା ରାଜସ୍ୱ ଆୟ କରିଥିଲା । ଚଳିତ ୨୦୨୫-୨୬ ଆର୍ଥିକ ବର୍ଷ (ଏପ୍ରିଲରୁ ଜୁନ୍) ର ପ୍ରଥମ ତ୍ରୈମାସିକରେ, ରେଳମଣ୍ଡଳ କାହାଜ ବିହୀନ ଅଣ ସଂରକ୍ଷିତ ଟିକେଟ ବାବଦରେ କ୍ରମାଗତ ବୃଦ୍ଧିର ଯଥେଷ୍ଟ ଉନ୍ନତି ଆଣିପାରିଛି : ୨୦୨୪-୨୫ରେ ଜାରି ହୋଇଥିବା ଟିକେଟ ୯୦,୦୦୫ ରୁ ବୃଦ୍ଧି ପାଇ ୨୦୨୫-୨୬ ଆର୍ଥିକ ବର୍ଷରେ ୧,୮୩, ୨୫୧ ରେ ପହଂଚିଛି ଯାହା ୧୦୩.୬% ବୃଦ୍ଧି ପାଉଥିବା ଜଣାପଡିଛି ଏହି ସମୟ ମଧ୍ୟରେ, ଯାତ୍ରୀ ସଂଖ୍ୟା ୪, ୪୨, ୪୧୩ ରୁ ବୃଦ୍ଧି ପାଇ ୬, ୭୦, ୩୦୨ ରେ ପହଞ୍ଚିଛି, ଯାହା ୫୧.୫% ବୃଦ୍ଧି ପାଇଛି । ସେହିପରି, ରାଜସ୍ୱ ବାବଦରେ ଗତ ଆର୍ଥିକ ବର୍ଷର ପ୍ରଥମ ତିନି ମାସର ଆୟ ୮୫, ୧୭, ୦୨୫ ଟଙ୍କାରୁ ବୃଦ୍ଧି ପାଇଁ ୧, ୫୫, ୪୪, ୮୨୦ ଟଙ୍କା ରେ ପହଂଚିଛି ଯାହାକି ଏହି ବାବଦରେ ୮୨.୫% ରୁ ଅଧିକ ବୃଦ୍ଧିକୁ ପ୍ରତିଫଳିତ କରୁଛି । ୨୦୦ କିଲୋମିଟରରୁ ଅଧିକ ଯାତ୍ରା ପାଇଁ ତିନି ଦିନ ପୂର୍ବରୁ ଅଣସଂରକ୍ଷିତ ଯାତ୍ରା ଟିକେଟ୍ ବୁକ୍ କରିପାରିବେ।







## ଅନୁପ୍ରବେଶ ବଢୁଛି

ପଡ଼ୋଶୀ ଦେଶରୁ ଅନୁପ୍ରବେଶକାରୀଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିଚାଲିଛି। ପୂର୍ବରୁ ଅନେକ ଶରଣାର୍ଥୀ ଭାବେ ଭାରତକୁ ଆସିଥିଲେ। ପରେ ଲୁଚି ଛପି ଆନେକ ଭାରରେ ଅନୁପ୍ରବେଶ କରିଛନ୍ତି। ଏବେ ବି ଏହା ଜାରି ରହିଛି। ରାଜ୍ୟରେ ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ହେବା ପରେ ଏହା ଅତି ମାତ୍ରାରେ ବୃଦ୍ଧି ପାଇଛି ଏବଂ ଏହା ଏକ ପ୍ରକାର ବିସ୍ଫୋରକ ପରିସ୍ଥିତି ସୃଷ୍ଟି କଲାଣି। ମମତାଙ୍କ ସଂଖ୍ୟାଲଘୁ ତୁଷ୍ଟିକରଣ ନୀତି, ଭୋଟ ବ୍ୟାଙ୍କ ରାଜନୀତି, ମିଛ ଧର୍ମନିରପେକ୍ଷତା ପାଇଁ ଆଜି ଏହି ପରିସ୍ଥିତି ସୃଷ୍ଟି ହୋଇଛି। ମମତା ଯାହା କରୁଛନ୍ତି ତାହା ଏକ ଦେଶବିରୋଧୀ କାର୍ଯ୍ୟ। ଆଜି ନହେଲେ କାଲି ଏହା ଭାରତ ପାଇଁ ବିରାଟ ସମସ୍ୟା ଭାବେ ଉଭା ହେବ। ବର୍ତ୍ତମାନ ପଶ୍ଚିମବଙ୍ଗ ଆଉ ଏକ ବଙ୍ଗଳାଦେଶ ଏବଂ ମମତାଙ୍କ ଟିଏମସି ଆଉ ଏକ ମୁସଲିମ ଲିଗ ଭଳି ମନେ ହେଉଛି। ନିକଟରେ ଅସାଦୁଦ୍ଦିନ ଓୱେସିଙ୍କ ଦଳର ବରିଷ୍ଠ ନେତା ଇମ୍ରାନ ସୋଲାଙ୍କୀ କହିଛନ୍ତି ଯେ, ପଶ୍ଚିମବଙ୍ଗ ବିଧାନସଭା ଲାଗି ଆସନ୍ତା ବର୍ଷ ଅନୁଷ୍ଠିତ ହେବାକୁ ଯାଉଥିବା ନିର୍ବାଚନରେ ତାଙ୍କ ଦଳ ଏଆଇଏମଆଇଏମ ସବୁ ଆସନରେ ପ୍ରାର୍ଥୀ ଦେବ। ସେ କହିଛନ୍ତି ଯେ, ରାଜ୍ୟ ଜନସଂଖ୍ୟାରେ ହାରାହାରି ୪୦% ଏବେ ମୁସଲିମ। ତେଣୁ ନିର୍ବାଚନରେ ତାଙ୍କ ଦଳକୁ ନିଶ୍ଚିତ ଭାବେ ବିପୁଳ ସଫଳତା ମିଳିବ। ତାଙ୍କର ଏହି କଥାରୁ ପରିସ୍ଥିତି କେତେ ଗମ୍ଭୀର ତାହା ସହଜରେ ଅନୁମେୟ। ପଶ୍ଚିମବଙ୍ଗରେ ମୋଟ ଜନସଂଖ୍ୟାର ୪୦% ଯଦି ବାସ୍ତବରେ ମୁସଲମାନ ହୋଇଥିବେ ତେବେ ଏଥିପାଇଁ ମମତା ଦାୟୀ। କାଲି ଏହା ୫୦ ପ୍ରତିଶତ ଟପିପାରେ। ଏହା ଫଳରେ ପଶ୍ଚିମବଙ୍ଗ ଆଉ ଏକ ବାଂଲାଦେଶରେ ପରିଣତ ହେବା ବା ଏହା ବାଂଲାଦେଶରେ ମିଶିଯିବା ଅସମ୍ଭବ ନୁହେଁ। ଏଥିପାଇଁ ଯେଉଁମାନେ ଦାୟୀ, ଯେଉଁମାନେ ମିଛ ଧର୍ମନିରପେକ୍ଷତାର ଖୋଳପାରେ ରହି ନିଜ ବ୍ୟକ୍ତିଗତ ଫାଇଦା ପାଇଁ ଦେଶକୁ ବିପଦକୁ ଠେଲି ଦେଉଛନ୍ତି ସେମାନଙ୍କୁ ଇତିହାସ କେବେ କ୍ଷମା ଦେବନି। ଏଆଇଏମଆଇଏମ ହେଉଛି ଏକ ସାମ୍ପ୍ରଦାୟିକ ଦଳ। ଏହା ମୁସଲମାନ ଭୋଟ ବ୍ୟାଙ୍କ ଉପରେ ନିର୍ଭରଶୀଳ। କିନ୍ତୁ କଂଗ୍ରେସ, ଟିଏମସି ଭଳି ଦଳମାନେ ଏହାକୁ କେବେ ସମାଲୋଚନା କରିବା ଦେଖିବାକୁ ମିଳିନି। କାରଣ ହେଲା ସଂଖ୍ୟାଲଘୁ ତୁଷ୍ଟିକରଣ। ପଶ୍ଚିମବଙ୍ଗରେ ମୋଟ ଜନସଂଖ୍ୟାର ୪୦% ଯଦି ମୁସଲମାନ , ତେବେ ଏଥିରେ ଏଆଇଏମଆଇଏମ ଖୁସି ହେବାର କାରଣ ହେଲା ଏହାଦ୍ୱାରା ଦଳ ଫାଇଦା ପାଇବ ବୋଲି ଆଶା କରୁଛି। କାରଣ ଅସାଦୁଦ୍ଦିନଙ୍କ ଦଳକୁ କେବଳ ମୌଳବାଦୀ ଚିନ୍ତାଧାରା ରଖିଥିବା ମୁସଲମାନ ମାନେ ହିଁ ଭୋଟ ଦିଅନ୍ତି। ଯଦି ପଶ୍ଚିମବଙ୍ଗରେ ବାସ୍ତବରେ ଏଆଇଏମଆଇଏମ ସବୁ ଆସନରେ ପ୍ରାର୍ଥୀ ଦେବ ଏବଂ ଭଲ ଭୋଟ ପାଇବ, ତେବେ ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହେବ ମମତାଙ୍କ ଟିଏମସି। କାରଣ ଏହି ଦଳର ଭୋଟ ବ୍ୟାଙ୍କରେ ଅସାଦୁଦ୍ଦିନ ଭାଗ ବସାଇବେ। ଇତିହାସରେ ମିର୍ଜାଫରଙ୍କ ନାମ ସବୁ ଦିନେ କଳାଅକ୍ଷରରେ ଲିପିବଦ୍ଧ ହୋଇ ରହିଛି। କାଲି ମମତା ବାନାର୍ଜୀଙ୍କ ନାମ ମଧ୍ୟ ଏହି ତାଲିକାରେ ରହିବ ଯେଉଁମାନେ କ୍ଷମତା ଏବଂ ବ୍ୟକ୍ତିଗତ ଫାଇଦା ପାଇଁ ଦେଶର ସ୍ୱାର୍ଥକୁ ବଳି ପକାଇଛନ୍ତି। ମମତା ବାନାର୍ଜୀ ପଶ୍ଚିବଙ୍ଗରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଏବଂ ପ୍ରୋତ୍ସାହନ ଦେଉଛନ୍ତି। ସେମାନଙ୍କୁ ସ୍ଥାୟୀ ଭାବେ ବସବାସ କରିବାକୁ ଜମି ଦେଉଛନ୍ତି। ସେମାନଙ୍କୁ ଭୋଟର ତାଲିକାରେ ସାମିଲ କରାଯାଉଛି। ଉଦ୍ଦେଶ୍ୟ ହେଲା କେବଳ ମୁସଲମାନ ଭୋଟରଙ୍କ ସଂଖ୍ୟା ବୃଦ୍ଧି କରିବା। ସେଥିପାଇଁ ସେ ନାଗରିକତ୍ୱ ସଂଶୋଧନ ଆଇନ ଏବଂ ନାଗରିକ ପଞ୍ଜିକରଣ ପ୍ରସ୍ତାବକୁ ବିରୋଧ କରୁଛନ୍ତି। କେବଳ ଦେଶ ବିରୋଧୀଙ୍କୁ ପ୍ରଶ୍ରୟ ଦେବା ଏହାର ଉଦ୍ଦେଶ୍ୟ।

## ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

**॥ ଡାକ୍ତର କାନ୍ତୀ ନାୟକ ॥**

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟଲି ଆବ୍‌ଜର୍ଭଡ଼୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।

ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ୍ୟ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ୍ୟ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିକୁ ମଧ୍ୟ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ୍ୟ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାସ୍କ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟଲି ଆବ୍‌ଜର୍ଭଡ଼୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗକୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ୟ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିକୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

## ଘେରାଏ ପୃଥିବୀର ଅସରନ୍ତି ମଣିଷ

**॥ ଡ଼ଃ.ଅରୁନ୍ଧତୀ ଦେବୀ ॥**

ଆମେ ଯିଏ ଯେତେ, ଆମ ସଂସାରର ପୃଥିବୀବି ସେତିକି । ଦୂର ଯେତିକି, ନିକଟ ବି ସେତିକି । ଚିହ୍ନା ଯେତିକି, ଅଚିହ୍ନା ବି ସେତିକି । କୁଳାଣ ଯେତିକି ଅକୁଳଣ ବି ସେତିକି । ଆମେ ଆମ ପୃଥିବୀକୁ ଯେତିକି ଲାଗିଛୁ, ସେତିକି ବି ବିଲଗ ହୋଇଛୁ। ତେଣୁ ଅନେକ ଖନ୍ଦାରୁ ଦେଖିଲେ ଆମେ ପୃଥିବୀର ଅଗଣାକୁ ବୁଝିପାରି ନାହୁଁ, ନିବିଡ଼ ଏଇ ଓଡ଼ିଶା ଭୂଇଁରେ ଆମେ କେତେ କେତେ ମାପରେ ଆତଯାତ ହେଉଥିଲେ ହେଁ ଆମେ କେତେ ବାଗିର ସରି ସରି ଯାଉଛୁ ଆମ ଘେରାଏ ଏଇ ପୃଥିବୀର ସଂସାର ନିକଟରେ । ଆମ ଜଣା ଅଜଣା ଅନେକଙ୍କ ନିକଟରେ ପ୍ରିୟ ଚିତ୍ତଭାଇ (ପ୍ରଫେସର ଚିତ୍ତରଞ୍ଜନ ଦାସ) ଏହିପରି ବେଭାରରେ ଜଣେ ସଳଖ ମଣିଷ ହୋଇ ବଞ୍ଚିରହିଥିଲେ, ଯାହାଙ୍କ ନିକଟରେ ଏହି ଘେରାଏ ପୃଥିବୀ ସଂସାର ଜ୍ଞାନରେ ଏମୁଣ୍ଡରୁ ସେମୁଣ୍ଡ ଯାଏଁ ଆବୋରି ରହିଥିଲା। ମଣିଷ ସରି ସରି ଆସେ, କେତେ କେତେ ପଣର ଅନ୍ଦାଜ ଗୁଡ଼ିକରୁ । ମାତ୍ର ଚିତ୍ତଭାଇ ନିଜ ନିଦାପଣରେ ଅସରନ୍ତି ହୋଇ ଚାଲୁଥିଲେ। ଆଉ ସମସ୍ତଙ୍କ ଦିହରେ ଅସରନ୍ତି ମଣିଷର ବୈଚିତ୍ର୍ୟଯୁକ୍ତ ମହିମାକୁ କେତେ ଠାଣିରେ ଆଘ୍ରାଣ କରିନେଇଥିଲେ। କେମିତି କେଜାଣି ବିଧି ତାଙ୍କୁ କେଉଁ ଧାତୁରେ ଗଢ଼ିଥିଲା କେଜାଣି, ଏଇ ସଳଖ ମଣିଷ ଜଣକଯେ କେତେଦୂର ନଇଁ ଆସନ୍ତି ଓ ନଇଁ ପାରନ୍ତି ତାହା ବିସ୍ମୟାଭିଭୂତ କରିଦିଏ। ହଁ, କହିହେବ, ସ୍କୁଲ ଶିକ୍ଷାର ଅମିଳନ ଶିକ୍ଷକବୃନ୍ଦଙ୍କୁ, ସହପାଠୀଙ୍କୁ ଯିଏ ପ୍ରିୟ ଚିତ୍ତଭାଇଙ୍କ ଆଖିର ମହିମାକୁ, ହୃଦୟର ଗଭୀରତାକୁ ଆହୁରି ବାଂଙମୟ କରିବାରେ ଆଲକେମି ପରି କାର୍ଯ୍ୟ କରିଥିଲେ। ଦେଶ ସ୍ୱାଧୀନ ହୋଇ ଆସିବାର ସକ୍ରିୟ ସଙ୍କେତ ଗୁଡ଼ିକ ମିଳିଯାଉଥିବା ଜାଣି ଚିତ୍ତରଂଜନ ଶାନ୍ତିନିକେତନର ବିଦ୍ୟାର୍ଥୀ ହେବାକୁ ଅଭିଳାଷ ପୋଷଣ କରିଥିଲେ। ଶାନ୍ତିନିକେତନରୁ କୋପେନହେଗେନ୍ ଏବଂ ତହିଁ ଉତ୍ତାରୁ କେତେ କେତେ ସ୍ୱପ୍ନର ଅଭିଳାଷରେ ମୁଖର ଚିତ୍ତରଂଜନ ଶିକ୍ଷକ ହେବାର ପ୍ରତିଜ୍ଞାରେ ନିଜ ଚିନ୍ତନକୁ ଭିଜାଇ ଦେବାରେ ଉଚ୍ଛୁର କରିନଥିଲେ। ବିଦେଶମାଟିର କେତେ କେତେ ପରିବର୍ତ୍ତନକାମୀ ବିଚାର, ବ୍ୟବସ୍ଥା, ଜାଗରଣ, ଉଦ୍‌ବେଳନ, ବିଦ୍ୟା, ଅଭିପ୍ରାୟ, ନୈକଟ୍ୟକୁ କଦର କରିପାରିଥିବା ଚିତ୍ତରଂଜନ ଓଡ଼ିଶାକୁ ଛୁଉଁ ଛୁଉଁ ଜନ୍ମମାଟି ବାଗଲପୁରକୁ ନଯାଇ ଅନୁଗୁଳର ଚମ୍ପତିମୁଣ୍ଡାରେ ଜୀବନ ବିଦ୍ୟାଳୟ ତୀର୍ଥ-ଦର୍ଶନରେ ନିଜକୁ ମୁହାଁଇ ଆଣିଥିଲେ। ଅଗ୍ନିକନ୍ୟା ଶ୍ରୀମତୀ ମାଳତୀ ଚୌଧୁରୀ (ନୁମା) ଓ ଭୂଇଁଛୁଆଁ ମଣିଷ ବାପି (ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ)ଙ୍କ ହାତ ଗଢ଼ା ଅନୁଷ୍ଠାନ ବାଜିରାଉତ ଛାତ୍ରାବାସରୁ ରାସ୍ତା ପଡ଼ିଲା ଚମ୍ପତିମୁଣ୍ଡା-ଜୀବନ ବିଦ୍ୟାଳୟକୁ। ତମସାତୀରର ତୀର୍ଥଦର୍ଶନ-ଜୀବନ ବିଦ୍ୟାଳୟ। ୧୯୫୨ ମସିହାରେ ପ୍ରତିଷ୍ଠା ହେଲା ଜୀବନ ବିଦ୍ୟାଳୟ। ସତ୍ୟବାଦୀ ବନ ବିଦ୍ୟାଳୟ ଲୋକଲୋଚନରେ ଯେତେ ଚର୍ଚ୍ଚିତ, ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟ-ଓଡ଼ିଶାର ଆଲୋଚନା ଅଙ୍ଗନରେ ତତୋଧିକ ଅବହେଳିତ । ମାତ୍ର ଜୀବନ-ବିଦ୍ୟାଳୟର ପୁଣ୍ୟ ସକାଳକୁ ଫୁଟାଇ ପାରୁଥିବା ଚିତ୍ତରଂଜନଙ୍କୁ କ୍ରମଶଃ ଅପସାରଣ କରିଦିଆଯାଇଥିଲା। ଏକମାତ୍ର ପୁସ୍ତକ /ଦଲିଲ୍- "ଚଳିଛି ନିକର" (ଲେଖକ-ଶ୍ରୀ ନନିଗୋପାଲ ପାଲିତ, ଜୀବନ-ବିଦ୍ୟାଳୟର ଛାତ୍ର, ପ୍ରକାଶକ - ଶିକ୍ଷା ସନ୍ଧାନ) ରେ ଜୀବନ-ବିଦ୍ୟାଳୟ କାହିଁକି ଓ କିପରି ନିଷ୍ପନ୍ଦ ପାଲଟିଗଲା ତାହାର କୋହ-ବିବରଣ ସନ୍ନିବେସିତ। କଟକ ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମୀଙ୍କ ମେଳରେ ନିଜ ବ୍ରତକୁ ପଥଟାଇଥିବା ଚିତ୍ତରଂଜନ ଜୀବନ ବିଦ୍ୟାଳୟର ଉଭୟ ପରିଣତି ଓ ପଣତକୁ ଦେଖି ନିଶ୍ଚୟ ବିବ୍ରତ ହୋଇଥିବେ କି ନାହିଁ, ତାହା କିଏ ଅବା କହିବ ! ଏବେବି ଅଛନ୍ତି ଛାତ୍ର ଶ୍ରୀ ଶଶିଭୂଷଣ ପାଣିଗ୍ରାହୀ, ବୁର୍ଲା, ସମ୍ବଲପୁରରେ। କାଳ ଲମ୍ବି ଲମ୍ବି ଯାଉଥିବ । ଚିହ୍ନମାନ କେଜାଣି ହଜିଯିବେ! ଘେରାଏ ପୃଥିବୀର ପଣତରେ ଏଇ ଅମଳିନ ବିଦ୍ରୋହୀ ଆତ୍ମାଙ୍କୁ ହେଜିବାର ଅବସର ହାତଛଡ଼ା ନହେଉ। ହଁ, ଜୀବନ-ବିଦ୍ୟାଳୟରୁ ଆସିବାପରେ, ଚିତ୍ତରଂଜନ ସକାଳର ଘ୍ରାଣରେ ଆଗକୁ ପାଦ ବଢ଼ାଇଲେ, ବିଚ୍‌ପୁରୀ ଆଗ୍ରା ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଜୀବନର ଅୟମାରମ୍ଭ କଲେ। ସେତେବେଳର ଛାତ୍ର ଉତ୍ତରାଖଣ୍ଡର ଶ୍ରୀ ସଦନ ମିଶ୍ର, ଅଧ୍ୟାପକ ଶ୍ରୀ ରମେଶ ଘୋଡ଼େ (ନାଗପୁର) ଏବେବି ଏହି ପୁଣ୍ୟପ୍ଳୁତ ମଣିଷଙ୍କୁ କେତେ ଗଭୀର ଶ୍ରଦ୍ଧା-ନିବେଦନରେ ବିନୟାବନତ ହୋଇ ରହିଛନ୍ତି, ତାହା ଦେଖିଲେ ହିଁ ବିଶ୍ୱାସକରିହୁଏ। ଗଡ଼ୱାଲର ହାଟକଲ୍ୟାଣୀ ଗାଆଁରୁ ହିମାଳୟ ଦର୍ଶନର ଯାତ୍ରା ଶିଳାତୀର୍ଥରେ ପରିଣତ ହେଲା। ପାଦରେ ଚାଲି ଚାଲି ଶିଳାତୀର୍ଥର ନୟନାଭିରାମ ଅନୁଭୂତିର ପରାକାଷ୍ଠା। ଦୁଇଖଣ୍ଡ ପୁସ୍ତକରୁ ହିମାଳୟଦର୍ଶନ 'ଶିଳାତୀର୍ଥ'ର ସିନା ରୂପନେଲା ମାତ୍ର 'ଯମୁନେତ୍ରୀ'ର ଦର୍ଶନ ପୁସ୍ତକର ରୂପ ନେଇପାରିଲା ନାହିଁ। ଯମୁନେତ୍ରୀର ପାଣ୍ଡୁଲିପି ଓ ପ୍ରିୟ କ୍ୟାମେରା ଖଣ୍ଡକ କାହା ଲୋଭ ସମ୍ବରଣରେ କାଳ କାଳକୁ ଅତୀତ ହୋଇଗଲା। ଶିଳାତୀର୍ଥର ଉଲ୍ଲାସ ଓ ମହିମା ଯମୁନେତ୍ରୀ ଦର୍ଶନକୁ ଆଉ ଛୁଇଁ ପାରିଲା ନାହିଁ। ଘେରାଏ ପୃଥିବୀ ଓ ଅସରନ୍ତି ଅନୁଭୂତିର ଠୁଳ ସମ୍ମୋହନରୁ ବଞ୍ଚିତ ହେଲା କ୍ଷଣ କ୍ଷଣର ଜୀବନ। କ୍ଷଣ କ୍ଷଣର ଲୋଭନୀୟ ବିପଣିରୁ ଚିତ୍ତରଂଜନ ଆଖିଫେରାଇ ନେଇଥିଲେ । ମାତ୍ର ଯାହାକୁ ସେ ସାଉଁଟିନେଉଥିଲେ ତାହା କେବଳ ନିଜ ପାଇଁ ରଖୁନଥିଲେ, ଆଉଜି ଦେଉଥିଲେ ଆଉ ଏକ ପୃଥିବୀର ଆତ୍ମାପାଇଁ । ସଂଗୃହୀତ ବିଭିନ୍ନ ଦେଶର ହଜାର ହଜାର ଡାକଟିକେଟକୁ ସେ କାହାକୁ ଦେବେ କାହାକୁ ଦେବେ ଖୋଜି ଖୋଜି - ଉଷାନଗରୀକୁ (ଅରୋଭିଲ) ଶେଷରେ ସମର୍ପି ଦେଇଗଲେ। ବିଶ୍ୱନୀଡ଼ମ୍‌ର ସଂପତ୍ତି ବିଶ୍ୱଅଙ୍ଗନର ସଂପତ୍ତି ପାଲଟିଗଲା। ମାଆ ହାରାମଣି ଦେବୀ ଓ ବାପା ଶ୍ରୀଯୁକ୍ତ ଖୋସାଲି ଚରଣ ଦାସଙ୍କ ଏଇ ପୁଅଟି ଯେଉଁଠିକୁ ଯାଉଥିଲେ ତାହାକୁ ଅସରନ୍ତି ଡୋରରେ ବାନ୍ଧି ରଖିଥିଲେ। ସେଥିପାଇଁ ବିଦେଶକୁ ଗଲାବେଳେ, ବାପା ବାଟେଇ ଦେବାକୁ ଆସି କହିଥିଲେ, "ତୁ ଫେରିଲା ବେଳକୁ ମୁଁ ଥିବିକି ନାହିଁ କିଏ କହିବରେ! ମାତ୍ର ପୃଥିବୀର ଯୁଆଡ଼କୁ ଯିବୁ ତୋତେ ପୁଅ କରିନେବାକୁ କେତେ କେତେ ବାପା ମାଆ ମିଳିଯିବେ"। ହଁ, ତାହାହିଁ ହେଲା-ଅଧୀର ଘେରାଏ ପୃଥିବୀର ଅସରନ୍ତି ମଣିଷ ପ୍ରିୟ ଚିତ୍ତଭାଇ। ଯେତେବେଳେ ହେଉ ଯେଉଁଠି ବି ହେଉ, ଠୋ'ଠୋ' ହୋଇ ନାଗି ଆସନ୍ତି ସଳଖ ଭାବରେ, ବଡ଼ ନିଦା ଭାବରେ। ଭିଡ଼ ଠେଲି ଆଗକୁ, ଆମେ ପଛରେ ଥିଲେ, ସେ ଆଡ଼ ହୋଇ ଅନାଇ ରହିଛନ୍ତି କି !

**ବିଷମ କଟକ, ରାୟଗଡ**

## ଗୁଡ଼ିର ମୃତ୍ୟୁ ଫାଶ ଓ ମାଞ୍ଜା ସୂତା

**॥ ବାଦଲ ଭୂୟାଁ ॥**

କଟକ ଜିଲ୍ଲାରେ ମାଞ୍ଜା ସୂତା ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଦ୍ଧ କରାଯାଇଛି। ମାନ୍ୟବର ହାଇକୋର୍ଟଙ୍କ ଜାନୁଆରୀ ୯ ତାରିଖର କଡ଼ା ନିର୍ଦ୍ଦେଶ ପରେ କଟକର ଜିଲ୍ଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ମାଞ୍ଜା ଦିଆଯାଇଥିବା ନାଇଲନ ବା ଅନ୍ୟ ସୂତା ତିଆରି, ବିକ୍ରି, ରଖିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ। ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଆଇନର ଧାରା ୫ ରେ ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ମାଞ୍ଜା ସୂତାରେ କଟି ନିକଟରେ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ଅତୀତରେ କେତେକ ଘଟଣାରେ ଲୋକମାନଙ୍କ ଜୀବନ ଯାଇଛି। ମକର ସଂକ୍ରାନ୍ତି ଅବସରରେ ସବୁଆଡ଼େ ଗୁଡ଼ିର ମାହୋଲ ଦେଖାଯାଏ। ମକର ଯେତିକି ପାଖେଇ ପାଖେଇ ଆସେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଡ଼ି ଉଡା ପର୍ବ ସେତିକି ଅଧିକରୁ ଅଧିକ ଦେଖିବାକୁ ମିଳେ। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏହା ବିଶେଷ ଭାବରେ ପରିଲକ୍ଷିତ ହୁଏ। କଟକ ମହାନଗର କାଠଯୋଡ଼ି ବାଲିରେ ପ୍ରତିବର୍ଷ ଗୁଡ଼ି ଉଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏହାବାଦ ଛୋଟ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ନିଜ ଘରର ଛାତ ଉପରେ ବସି ଉଡେଇବା ପାଇଁ ଅନେକ ଲୋକ ପସନ୍ଦ କରନ୍ତି। ଶୀତଋତୁ ଥିବାରୁ ପବନର ତୀବ୍ରତା ନଥାଏ ଏବଂ ଏହି ଅବସରରେ ଗୁଡ଼ି ଉଡାଇବା ବେଶ ଆମୋଦଦାୟକ ହୋଇଥାଏ। ଖାଲି ସେତିକି ନୁହେଁ, ଆକାଶରେ ଉଡୁଥିବା ଆଉ ଏକ ଗୁଡ଼ିକୁ କାଟି ଖସାଇ ଦେବା ପାଇଁ ଏକ ପ୍ରତିଯୋଗିତା ମଧ୍ୟ ଲାଗେ। ଏହି ପ୍ରତିଯୋଗିତା ବର୍ତ୍ତମାନ ଆତ୍ମଘାତୀ ପ୍ରତିଯୋଗିତାରେ ପରିଣତ ହୋଇଛି। ଗୁଡ଼ି ଉଡ଼େଇବା ପାଇଁ କୌଣସି ନୀତିନିୟମ କି କଟକଣା ନାହିଁ। କିନ୍ତୁ ଗୁଡ଼ି ଉଡାରେ ବ୍ୟବହୃତ ହେଉଥିବା ସୂତା ହେଉଛି ଏକ ଭୟଙ୍କର ଅସ୍ତ୍ର। ଏହି ସୂତା ଲାଗି ପୂର୍ବ ବର୍ଷମାନଙ୍କରେ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ଜୀବନ ଯାଇଛି। ଯେଉଁମାନଙ୍କ ବୟସ ୧୫ରୁ ୨୨ ବର୍ଷ ଭିତରେ।

ଭଙ୍ଗାକାଚକୁ ଗୁଣ୍ଡ କରି ସୂତାରେ ଅଠା ଗୋଳାଇ ଏହି କାଚ ଗୁଣ୍ଡକୁ ଲଗାଇ ଅନ୍ୟର ଗୁଡ଼ି ଗୁଡ଼ିକୁ କାଟିବା ପାଇଁ ମାଞ୍ଜା ସୂତା ବ୍ୟବହାର କରାଯାଏ। ଏହି ଗୁଡ଼ିର ସୂତା ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ବାଜିଲେ ତାକୁ କାଟି ପକାଏ ଏବଂ ପୂର୍ବ ବର୍ଷମାନଙ୍କରେ ଯେତିକି ଜୀବନ ଯାଇଛି ସେମାନଙ୍କ ସମସ୍ତଙ୍କର ବେକରେ ମାଞ୍ଜା ସୂତା ଲାଗି ତଣ୍ଟି କଟିଛି। ଏହି ମାଞ୍ଜା ସୂତାର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ୨୦୧୬ ମସିହାରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା ଏବଂ ମାନବ୍ୟର ଉଚ୍ଚ ନ୍ୟାୟଳୟ କଟକଣା ଲଗାଇଥିଲେ। ଖାଲି ସେତିକି ନୁହେଁ ରାଜ୍ୟ ସରକାରଙ୍କୁ ମାଞ୍ଜା ସୂତା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ମସିହାରେ ମାଞ୍ଜା ସୂତାର ପ୍ରସ୍ତୁତି ଏବଂ ବିକାକିଣା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା। ଏହାବାଦ ରାଜ୍ୟରେ ଗୁଡ଼ି ଉଡାଇବାରେ ଏହି ମାଞ୍ଜା ସୂତା ବ୍ୟବହାର ହେଉଛି। ବିଶେଷକରି ମକରପର୍ବ ପାଳନ ଅବସରରେ ଗୁଡ଼ି ଉଡା ଏକ ସଉକ ଭାବରେ ଲୋକେ ପାଳନ କରିଥାନ୍ତି। ତା ପୂର୍ବରୁ ରାଜ୍ୟ ସରକାର ବଜାରରେ ଚଢ଼ାଉ କରି ମାଞ୍ଜା ସୂତା ବିକ୍ରେତା, କ୍ରେତା ଏବଂ ପ୍ରସ୍ତୁତକର୍ତ୍ତା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ରାସ୍ତାରେ ଯାତାୟତ କରୁଥିବା ସାଧାରଣ ନିରୀହ ଲୋକ ଏହି ମାଞ୍ଜା ସୂତାରେ ଆହତ କିମ୍ବା ମୃତ୍ୟୁବରଣ କରୁଛନ୍ତି। ତେଣୁ ଏ ପ୍ରକାରର ସୂତା ବ୍ୟବହାର କରି ଗୁଡ଼ି ଉଡାଉଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ଗିରଫ କରାଯିବା ଉଚିତ। ଏଭଳି ଏକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ଗାଇଡ଼୍‌ଲାଇନ ଆଣିବା ନିମିତ୍ତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ପୂର୍ବରୁ ରୁଜ୍ଜୁ ହୋଇ ସାରିଥିବାରୁ, ଏଭଳି ଏକ ପ୍ରସଙ୍ଗକୁ ରାଜ୍ୟ ସରକାର ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ। ଏହା ଏପରି ଏକ ଆତଙ୍କ ଯେ କେତେବେଳେ କାହାଠାରେ କାହାବେକରେ ଏହି ମାଞ୍ଜା ସୂତା ଲାଗିଯିବ ତାର କଳନା ମଧ୍ୟ କେହି କରିପାରିବେ ନାହିଁ। ଆକାଶରେ ବଜ୍ରପାତ ଭଳି ଆଖି ପିଛୁଳାକେ ମାଞ୍ଜା ସୂତା ଆସି ତଣ୍ଟି କାଟି ଚାଲିଯିବ। ତେଣୁ ଏ ପ୍ରକାରର ଏକ ଆମୋଦକୁ ଜନଗହଳି ଭିତରେ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ। ଜନଗହଳି ଅଞ୍ଚଳରେ ଯେତେ ଉଚ୍ଚର ଛାତ ହେଲେ ବି ଗୁଡ଼ି କଟିଗଲେ ତାର ସୂତା ତଳେ ପଡ଼ିବା ନିଶ୍ଚିତ ଏବଂ ଏହି ସୂତା କାହା ପାଇଁ ମୃତ୍ୟୁ ଦୂତ ସାଜିବ କେହି ବି ଆକଳନ କରିପାରିବେ ନାହିଁ। ଏ ଦୃଷ୍ଟିରୁ ଗୁଡ଼ି ଉଡାକୁ ମଧ୍ୟ କଟକଣା ଭିତରେ ରଖାଯିବା ଉଚିତ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

## ମାର୍କେଟ କମ୍ପ୍ଲେକ୍ସରେ ପଚାଶ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବରବାଦ
## ଯାଯାବରଙ୍କ ଆଶ୍ରୟସ୍ଥଳ ବା ନିଶାଡିଙ୍କ ପାଲଟିଛି ଭୂ ସ୍ୱର୍ଗ

ଦଶପଲ୍ଲା, (ମହାଭାରତ) : ଦଶପଲ୍ଲା ଏନ୍‌ଏସି ପକ୍ଷରୁ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ତ୍ରିନାଥ ବଜାରଠାରେ ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ କାମରେ ଆସୁନି। ନିର୍ମାଣ କାର୍ଯ୍ୟକୁ ପ୍ରାୟ ୩ ବର୍ଷ ବିତି ଯାଇଥିଲେ ମଧ୍ୟ ଏନ୍‌ଏସି କର୍ତ୍ତୃପକ୍ଷ ଏଦିଗରେ ସାମାନ୍ୟତମ ଗରୁତ୍ୱ ଦେଉ ନାହାନ୍ତି। ଫଳରେ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏସବୁ ଗୃହରୁ ଟଙ୍କାଟିଏ ରାଜସ୍ୱ ଆଦାୟ ହୋଇନଥିବା ବେଳେ ଏସବୁ ଗୃହ ଏବେ ଯାଯାବରଙ୍କ ଆଶ୍ରୟସ୍ଥଳ ପାଲଟିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦଶପଲ୍ଲା ସହରରେ ଏକର ଏକର ସରକାରୀ ଜାଗା ଜବରଦଖଲରେ ରହିଥିବା ବେଳେ ଏହି ସ୍ଥାନରେ ଏନ୍‌ଏସି ପକ୍ଷରୁ ଏକ ଟାଉନ୍ ହଲ୍ ନିର୍ମାଣ ପାଇଁ ପ୍ରସ୍ତାବ ହୋଇଥିଲା। ଦୀର୍ଘ ବର୍ଷ ଧରି ଜବରଦଖଲରେ ଥିବା ୧୫ ଜଣ କ୍ଷୁଦ୍ର ବ୍ୟବସାୟୀଙ୍କ ପେଟକୁ ଲାତମାରି ଉଠିବା ପାଇଁ ନୋଟିସ୍ ଜାରି ହୋଇଥିଲା। ଯାହାକି ଟାଉନ୍ ହଲ୍ ନିର୍ମାଣ ହେବାପରେ ପ୍ରାଥମିକତା ଭିତ୍ତିରେ ଏସବୁ ବ୍ୟବସାୟୀଙ୍କୁ ଥଇଥାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଶେଷରେ ବିଚରା ବ୍ୟବସାୟୀ ମାନେ ଉଠିବାକୁ ବାଧ୍ୟ ହୋଇଥିଲେ। ଏହାକୁ ଉଚ୍ଛେଦ କରାଯାଇ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ୬୪ ଲକ୍ଷ ୧୩ ହଜାର ୪୮୩ ଟଙ୍କା ମଞ୍ଜୁର ହୋଇଥିଲା। ୨୦୨୧ ଅଗଷ୍ଟ ମାସରେ କାମ ଆରମ୍ଭ ହୋଇ ୨୦୨୨ ଅଗଷ୍ଟ ମାସରେ କାମ ଶେଷ ହୋଇଥିବା ଦର୍ଶାଯାଇଛି। ହେଲେ ସେହି ଦିନଠାରୁ ଏସବୁ ଘର ପଡ଼ି ରହିଛି। ବିସ୍ଥାପିତ ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ଏନ୍?ଏସିର କିଛି କରିତ୍?କର୍ମା କର୍ମଚାରୀ ସେସବୁ ବ୍ୟବସାୟୀଙ୍କ ଠାରୁ ୧ ଲକ୍ଷ ଲେଖାଏଁ ଆଦାୟ କରିଥିଲେ। ତାହା ପୁଣି ବିନା ରସିଦରେ ଦୀର୍ଘଦିନ ପର୍ଯ୍ୟନ୍ତ ସେସବୁ ବ୍ୟବସାୟୀ ଘର ନ ପାଇବାରୁ କଥା ଦାଣ୍ଡରେ ପଡ଼ି ହାଟରେ ଗଡ଼ିଥିଲା। ଶେଷରେ ହଟହଟା ହୋଇ କର୍ମଚାରୀ ମାନେ ବ୍ୟବସାୟୀଙ୍କୁ ଟଙ୍କା ଫେରାଇବାକୁ ବାଧ୍ୟ ହୋଇଥିଲେ। ସେହିଭଳି ଠିକାଦାର ପ୍ରାପ୍ୟ ପାଇବାକୁ ନେଇ ତୁମ୍ବିତୋଫାନ ହେବାସହ କଥା ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଯାଇଥିଲା। ହେଲେ ସେବେଠାରୁ ଆଉ ଏସବୁ ଘର ଭଡ଼ାରେ ଦେବାକୁ ଏନ୍‌ଏସି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନଥିବା ଦେଖିବାକୁ ମିଳିଛି। ବିଭିନ୍ନ କାଉନସେଲିଂ ବୈଠକରେ କାଉନସିଲରଙ୍କ ପକ୍ଷରୁ ତୁରନ୍ତ ଟେଣ୍ଡର କରିବା ପାଇଁ ଦାବି କରାଯାଉଛି। ଏନେଇ ପ୍ରସ୍ତାବ ମଧ୍ୟ ନିଆଯାଉଛି। ହେଲେ ଫାଇଲ୍ ମଧ୍ୟରେ ଏହା ଚାପି ହୋଇ ରହୁଛି। ଗୋଟିଏ ପାର୍ଶ୍ୱରେ ପ୍ରତିବର୍ଷ ଟାର୍ଗେଟ ଅନୁଯାୟୀ ରାଜସ୍ୱ ଆଦାୟକୁ ନେଇ ଏନ୍‌ଏସିକୁ କାଠିକର ପାଠ ହୋଇ ପଡୁଥିବା ବେଳେ କର୍ତ୍ତୃପକ୍ଷଙ୍କ ଖିଆଲି ମନୋଭାବକୁ ନେଇ ରାଜସ୍ୱ ହରାଇବାକୁ ପଡୁଛି। ଏଠାରେ ୨୪ଟି ଗୃହ ନିର୍ମାଣ ହୋଇଥିବା ବେଳେ କେତେ ବେଳେ ଯାଯାବରମାନେ ଆସ୍ଥାନ ଜମାଉଛନ୍ତି ତ ପୁଣି କେତେ ବେଳେ ନିଶାଡ଼ିଙ୍କ ଆଡ଼ାସ୍ଥଳ ପାଲଟୁଛି। ଏସମ୍ପର୍କରେ ଏନ୍‌ଏସି କତୃପକ୍ଷଙ୍କ କହିବା ଅନୁଯାୟୀ, ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି; ଗୋଟିଏ କମିଟି କରାଯାଉଛି; ବିସ୍ଥାପିତଙ୍କୁ ଥଇଥାନ କରାଯିବା ସହ ଖୁବଶୀଘ୍ର ଟେଣ୍ଡର କରାଯିବା।



## ସାପ କାମୁଡ଼ାରେ ୪ ବର୍ଷରେ ଯାଇଛି ୭୦ ଜୀବନ
### ହସ୍ପିଟାଲ ଉପରେ ଭରସା ପାଉନି
### ଗୁଣିଆ କିମ୍ବା ଠାକୁରାଣୀଙ୍କ ପାଖରେ ଚାଲୁଛି ଝଡ଼ାଫୁଙ୍କା

ନୟାଗଡ଼, (ମହାଭାରତ) : ସାପ କାମୁଡ଼ା ରୋଗୀଙ୍କୁ ଗୁଣିଆ କିମ୍ବା ଠାକୁରାଣୀଙ୍କ ପାଖକୁ ନ ନେଇ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହା ଦ୍ୱାରା ସାପ କାମୁଡ଼ିଥିବା ରୋଗୀଟି ବଞ୍ଚିପାରିବ ବୋଲି ବିଶେଷଜ୍ଞ ମାନେ ବାରମ୍ବାର ପରାମର୍ଶ ଦେଉଛନ୍ତି। ମାତ୍ର ଏହି ସଚେତନତା କାର୍ଯ୍ୟକ୍ରମ ଲୋକ ମାନଙ୍କ ଉପରେ କୌଣସି ପ୍ରଭାବ ପକାଉ ନାହିଁ। ଫଳରେ ପ୍ରତ୍ୟେକ ବର୍ଷ ପ୍ରାୟ ୨୦ ଜଣଙ୍କର ସାପ କାମୁଡ଼ାରେ ମୃତ୍ୟୁ ହେଉଥିବା ଜଣାପଡ଼ିଛି। ଯାହାକି ବେଶ୍ ଚିନ୍ତାର କାରଣ ପାଲଟିଛି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଅଶୋକ କୁମାର ରଥଙ୍କ ସୂଚନା ମୁତାବକ, ସାପ କାମୁଡ଼ାରେ ଗତ ଚାରି ବର୍ଷରେ ଜିଲ୍ଲାରେ ୭୦ ଜଣଙ୍କ ଜୀବନ ଯାଇଛି। ୨୦୨୧ ରେ ୧୦ ଜଣଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ବେଳେ ୨୦୨୨ ରେ ୨୬ ଜଣ, ୨୦୨୩ ରେ ୧୪ ଓ ୨୦୨୪ ରେ ୧୮ ଜଣଙ୍କର ମୃତ୍ୟୁ ହୋଇଛି। ୨୦୨୫ ର ତଥ୍ୟ ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇନାହିଁ। ଗତବର୍ଷ ଓଡ଼ଗାଁ ବ୍ଲକ୍?ରେ ସର୍ବାଧିକ ଲୋକଙ୍କର ମୃତ୍ୟୁ ହୋଇଛି। ନୟାଗଡ଼ ଜିଲ୍ଲାଟି ବଣପାହାଡ଼ ଘେରା ଅଞ୍ଚଳ ଭାବେ ଜଣାଶୁଣା। ସେଥିପାଇଁ ସ୍ୱାଭାବିକ ଭାବେ ସର୍ବଦା ସାପ କାମୁଡ଼ାର ଭୟ ରହିଥାଏ। ଏହା ସହ ଆଦିବାସୀଙ୍କ ପରିବାରରୁ କାହାକୁ ସାପ କାମୁଡ଼ିଲେ ସେମାନେ ରୋଗୀକୁ ହସ୍ପିଟାଲ ଆଣିବା ପରିବର୍ତ୍ତେ ଗୁଣିଗାରେଡ଼ିର ସହାୟତା ନେଉଛନ୍ତି। ଆଉ କେହି ଠାକୁରାଣୀଙ୍କ ପାଖକୁ ନେଇ ପୂଜା ପାଠ ସହ ଗାଧୋଇ ଦିଅନ୍ତି। ସେତେବେଳକୁ ସାପ ବିଷ ରୋଗୀଟିର ସମ୍ପୂର୍ଣ୍ଣ ଶରୀରକୁ କବଳିତ କରିସାରିଥାଏ। ଡାକ୍ତରଖାନାରେ ପହଞ୍ଚିବା ମଧ୍ୟ ବହୁ ରୋଗୀଙ୍କ ପକ୍ଷେ ସମ୍ଭବ ହୁଏ ନାହିଁ। ଏମିତି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ସେମାନେ ଏହାକୁ ସେତେଟା ଗୁରୁତ୍ୱ ଦେଉ ନାହାନ୍ତି। ବର୍ଷା ଦିନେ ସାପ କାମୁଡ଼ା ମାମଲା ଅଧିକ ଦେଖିବାକୁ ମିଳେ। ପ୍ରବଳ ବର୍ଷା ହେଲେ ବିଷଧର ସାପ ସବୁ ଗାତରୁ ବାହାରି ବାହାରେ ବୁଲାବୁଲି କରିଥାନ୍ତି। ସାପ କାମୁଡ଼ାରେ ମୃତକଙ୍କ ପରିବାରକୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ଅର୍ଥରାଶି ପ୍ରଦାନ କରାଯାଉଛି। ଫଳରେ ଏବେ ସାପ କାମୁଡ଼ାରେ କେତେ ଲୋକଙ୍କ ମୃତ୍ୟୁ ହେଉଛି, ଏହାର ଏକ ତଥ୍ୟ ଜିଲ୍ଲା ପ୍ରଶାସନ ନିକଟରେ ରହୁଛି। ପୂର୍ବରୁ କେଉଁଠି କେତେ ଲୋକଙ୍କ ମୃତ୍ୟୁ ହେଉଥିଲା, ତାହାର ଖବର କେହି ରଖୁନଥିଲେ। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ ଦାସ କୁହନ୍ତି ଯେ, ସାପ କାମୁଡ଼ା ରୋଗୀଙ୍କୁ ତୁରନ୍ତ ହସ୍ପିଟାଲରେ ଆଣି ଭର୍ତ୍ତି କରାଯିବା ଆବଶ୍ୟକ। ଏଠାରେ ପର୍ଯ୍ୟାପ୍ତ ପରିମାଣର ଇଂଜେକ୍ସନ୍ ରହିଛି। ଏଣୁ ରୋଗୀ ମାନଙ୍କର ଠିକ୍ ଭାବେ ଚିକିତ୍ସା କରିହେବ ଓ ସେମାନଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇ ହେବ। ବିଳମ୍ବ ହେଲେ ରୋଗୀଙ୍କୁ ବଞ୍ଚାଇବା ଅସମ୍ଭବ ହୋଇପଡୁଛି।

## ମାରଓ୍ୱାଡି ଯୁବା ମଞ୍ଚ ଦ୍ୱାରା ସରସ୍ୱତୀ ବିଦ୍ୟା ମନ୍ଦିରରେ ସବୁଜୀକରଣ ଆଲୋଚନା

ରାଜଗାଙ୍ଗପୁର, (ମହାଭାରତ ) କାର୍ଗିଲ ବିଜୟ ଦିବସର ଶୁଭ ଅବସରରେ, ମାରଓ୍ୱାଡି ଯୁବ ମଞ୍ଚ, ରାଜଗାଙ୍ଗପୁର ଶାଖା ପକ୍ଷରୁ ଆଜି ଷ୍ଟେସନ ପଡ଼ାର ସରସ୍ୱତୀ ବିଦ୍ୟା ମନ୍ଦିରରେ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପରିବେଶ ସୁରକ୍ଷା, ସବୁଜୀକରଣ ଏବଂ ପ୍ରାକୃତିକ ସମ୍ପଦର ଗୁରୁତ୍ୱ ଉପରେ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣାଦାୟକ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ଆଶିଷ ଶତପଥୀ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଓଡିଶା ପ୍ରାଦେଶିକ ରକ୍ତଦାନ ସଂଯୋଜକ ଯୁବ ରାଜେଶ ରାଜୁକା,ଶାଖା ସଭାପତି ଯୁବ ରୋହିତ ଜୈନ, ଶାଖା କୋଷାଧ୍ୟକ୍ଷ ଶୁଭମ ଅଗ୍ରଓ୍ୱାଲ, ପରିବେଶ ମୁଖ୍ୟ ଆଶିଷ ମିତ୍ତଲ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପିଲାମାନଙ୍କୁ ପରିବେଶ ବିଷୟରେ ସଚେତନ କରିବା ସହିତ ଏହାର ସୁରକ୍ଷା ନିମନ୍ତେ ପ୍ରତ୍ୟେକଙ୍କୁ ଗଛ ଲଗାଇବାକୁ କହିଥିଲେ, , ଯଦି ଗଛ ଲଗାଇ ପାରୁନାହଁ ତାହେଲେ ଅତି କମରେ ଗଛ କାଟିବାକୁ ନଦେବା ପାଇଁ ପ୍ରତିଜ୍ଞା ନିଅନ୍ତୁ ବୋଲି ନିଷ୍ପତ୍ତି ନିଅନ୍ତୁ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମଟି ସ୍ୱରସ୍ୱତୀ ବନ୍ଦନା ସହିତ ଆରମ୍ଭ ହୋଇଥିଲା। ଅଧ୍ୟକ୍ଷ ଅଭୟ କୁମାର ଷଡ଼ଙ୍ଗି ଅତିଥି ମାନଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶାଖା ପରିବେଶ ମୁଖ୍ୟ ଆଶିଷ ମିତ୍ତଲ, ପିଲାମାନଙ୍କୁ ସେମାନଙ୍କ ଜନ୍ମଦିନରେ ଗଛ ଲଗାଇବା ପାଇଁ ପ୍ରତିଜ୍ଞା ନେବାକୁ ଆହ୍ୱାନ କରିଥିଲେ। ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ମାରଓ୍ୱାଡି ଶାଖା ଦ୍ୱରା ଏହି ପ୍ରଶଂସନୀୟ କାର୍ଯ୍ୟକୁ ହୃଦୟର ସହିତ ପ୍ରଶଂସା କରିଥିଲେ ଏବଂ ଫୋରମ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ।

## କୁବେରର ପୁରିରେ ନର୍କ ଯନ୍ତ୍ରଣା

ଯୋଡ଼ା (ମହାଭାରତ): ଯୋଡା ୧୪ ଗୋଟି ୱାର୍ଡ଼ କୁ ନେଇ ପୌରପାଳିକା। ଖଣି ଏବଂ ଶିଳ୍ପ ପରିବେଷ୍ଟିତ ଏହି ସହରରେ ପ୍ରାୟ ୫୫ ହଜାର ଲୋକ ବସବାସ କରୁଛନ୍ତି । ଦିନ ଥିଲା ସ୍ୱଚ୍ଛ ସହର ର ମାନ୍ୟତା ପାଇ ବହୁ ପୁରସ୍କାର ହାତେଇଥିବା ଯୋଡ଼ା ପୌରପାଳିକା ବର୍ତମାନ କୁଡ଼ କୁଡ଼ ମଇଳା ଓ ଦୁର୍ଗନ୍ଧ ମୟ ପରିବେଶ ର ସହର ପାଲଟିଛି । ୧୪ ନମ୍ବର ୱାର୍ଡ଼ ପୌରପାଳିକା ରୁ ବିଚ୍ଛିନ୍ନ ହୋଇ ପଡ଼ିଥିବା ପାରି ପରିବେଶ ସୃଷ୍ଟି ହୋଇଛି । ସଫେଇ ହେଉ ନ ଥିବାରୁ ଡ୍ରେନ ପୋତି ହୋଇ ଘର ଭିତରେ ବର୍ଷା ପାଣି ପସିଯାଉଛି । ନିକଟରେ ଥିବା ଏକ ଖଣି ଆନ୍ତରରାଜ୍ୟ ସୀମା ଚିହ୍ନଟ କଲା ଭଳି ୱାର୍ଡ଼ ବାସୀଙ୍କୁ ବ୍ୟବହାର କରୁଛି । ୱାର୍ଡବାସୀଙ୍କ ମଧ୍ୟରେ ବର୍ଷରାଣୀ ପାତ୍ର, ରାଜେଶ ଓରାମ, ନଟବର ନାଗ ପ୍ରମୁଖ ଏହି ଅଭିଯୋଗ କରିଛନ୍ତି । ସମାନ ଅବସ୍ଥା ଅନ୍ୟ ୱାର୍ଡ଼ ଗୁଡିକରେ ମଧ ଦେଖାଦେଇଛି ଜନସାଧାରଣ



ଅଭିଯୋଗ କରି କହିଛନ୍ତି ଯେ, ସହରରେ ସଫେଇ ଅଭାବରୁ ମଧ କୁଡ଼ କୁଡ଼ ମଇଳା ଆବର୍ଜନା ପଡ଼ି ରହିଛି ଏବଂ ବୁଦା ଲତା ,ଅନାବନା ଗଛ ସଫେଇ ହେଉ ନାହିଁ ।ସହର ରେ ମଶା ସାଉଁ ସ ।ଉଁ ହେଉଥିବା ବେଳେ ମଶା ତେଲ,ବ୍ଲିଚିଂ ପାଉଡର,ସହର ଆବଶ୍ୟକ ମୂତ ।ବିକ୍ ଦିଆ ଯାଉ ନାହିଁ ।ସେହିପରି ମଶା ଧୂଆଁ ମେସିନ ପୌର ପାଳୀକ। ରେ ଥାଇ ମଧ ଏହାର ବ୍ୟବହାର ହେଉ ନାହିଁ ।ଅନୁରୂପ ଭାବେ ବଚୁ ହଟିଙ୍ଗ ସ୍ଥିତ ମାଇକ୍ରୋ କମ୍ପୋଷ୍ଟ କାରଖାନା ରେ ପରିଚାଳନା ଗତ ସମସ୍ୟା ଯୋଗୁଁ ସେଠାରେ ପରିବେଶ ବିପର୍ଯ୍ୟସ୍ତ ହୋଇ ପଡିଛି ମାର୍ଚ୍ଚ ୨୦୨୫ ପୂର୍ବରୁ ୪୦ ଜଣ ସଫେଇ ଶ୍ରମିକ ସଫେଇ କାର୍ଯ୍ୟ କରୁଥିଲେ ।୨୦୨୫ ମାର୍ଚ୍ଚ ପରେ ମାତ୍ର ୧୭ ଜଣ ଶ୍ରମିକ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି ।ତେଣେ କିଛି ସଫେଇ ଶ୍ରମିକ କହିଛନ୍ତି ଯେ,ସରକାର ଧାର୍ଯ୍ୟ କରିଥିବା ଦୈନିକ ମଜୁରୀ ୪୬୨ ଟଙ୍କା ପରିବର୍ତ୍ତେ ସେମାନଙ୍କୁ ୪୫୦ ଟଙ୍କା ଦିଆ ଯାଉଛି ।ମାର୍ଚ୍ଚ ୨୦୨୫ ରେ ହୋଇଥିବା ଟେଣ୍ଡର ରେ ପୂର୍ବ ଅପେକ୍ଷା ବ୍ୟୟ ଅଟକଳ ଅର୍ଥ ବୃଦ୍ଧି ପାଇଥିବା ବେଳେ ବଦଳୁ ନାହିଁ ପରିମଳ ବ୍ୟବସ୍ଥା ପରିମଳ ବ୍ୟବସ୍ଥା ସୁଧୁରିବା ପରିବର୍ତ୍ତେ ବିପର୍ଯ୍ୟସ୍ତ ହୋଇ ପଡ଼ିଛି ।ଡ୍ରେନ ସଫା ହେଉ ନ ଥିବାରୁ ସାପ ଘର ଭିତରେ ପଶି ଯାଉଛନ୍ତି ।ନିକଟରେ ବୁଲା ସାହି ଠାରେ ଏକ ଅଜଗର ସାପ ପଶି ଆସିଥିବା ବେଳେ ୯ ନଂ ୱାର୍ଡ ରେ ଏକ ବିଷଧର ବଡ ସାପ ପଶି ଆସିଥିଲା ।

## ଲୁହାଶିଳା ଆର.କେ. କଲେଜରେ ‘ବନ ମହୋତ୍ସବ’ ପାଳିତ

ରାଇରଙ୍ଗପୁର, ମୟୂରଭଂଜ ଜିଲ୍ଲାର ବିଜାତଳା ବ୍ଲକ ଅନ୍ତର୍ଗତ ସ୍ଥାନୀୟ ରଜନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କଲେଜ ଅଧକ୍ଷ କବି ସଂଗ୍ରାମ ଶତପଥୀଙ୍କ ପୌରୋହିତ୍ୟରେ ବୃକ୍ଷ ରୋପଣ ଓ ବନ ମହୋତ୍ସବ କାର୍ଯ୍ୟକ୍ରମ ଜୁଲାଇ ୨୫ ଶୁକ୍ରବାର ଦିନପାଳିତ ହୋଇଯାଇଛି। ଜୁଲାଇ ମାସରେ ପାଳିତ ହେଉଥିବା ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକମାନେ ଉପସ୍ଥିତ ରହି ‘ମା ପାଇଁ ଗଛଟିଏ’ ବିଷୟ ଉପରେ




ଆଲୋକପାତ କରିବା ସହ ବୃକ୍ଷ ହିଁ ଜୀବନ ’ବୋଲି ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ଅଜୟ କୁମାର ଗିରି ଓ ଯୁବ ରେଡ କ୍ରସ ପରାମର୍ଶଦାତା ସଂଜୀବ କୁମାର ଗିରି ଉତ୍ସବରେ ଯୋଗ ଦେଇ ନିଜ ନିଜ ଅଞ୍ଚଳରେ ସଚେତନତା ସୃଷ୍ଟି କରିବାକୁ ସ୍ୱେଚ୍ଛାସେବୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶଶିକାନ୍ତ ନନ୍ଦ,ରୂପ ନାରାୟଣ ମାଝୀ, ରମାକାନ୍ତ ପାତ୍ର, ଅନୀଲ କୁମାର ଗିରି, ପ୍ରହଲ୍ଲାଦ ସ୍ୱାଇଁ, ଯୋଗେଶ୍ୱର ତୁଙ୍ଗ , ଅଶୋକ ବେହେରା, ମାୟାଧର ସି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପରିବେଶ ସଂକ୍ରାନ୍ତ ଉପାଦେୟ ଉପଦେଶମାନ ଦେଇଥିଲେ। ଯୁବ ରେଡକ୍ରସ୍ କ୍ଲବର ସଂଚାଳକ ଅଧ୍ୟାପକ ସଂଜୀବ କୁମାର ଗିରିଂକ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ସାମାନ୍ୟ ବର୍ଷା ସତ୍ତ୍ୱେ ବୃକ୍ଷ ରୋପଣ (ବିଭିନ୍ନ ଫଳ ଗଛ) କରାଯାଇଥିଲା । ନନୀକାନ୍ତ ନନ୍ଦ, ନଂଦ କିଶୋର ହେଂବ୍ରମ, ସାଗ୍ରାମ ଟୁଡୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ କଲେଜର ବହୁ ସଂଖ୍ୟକ ରେଡ କ୍ରସ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## କନ୍ଧମାଳରେ ନକଲି ନୋଟ
## ରାକେଟକୁ ଧରିବାକୁ ପୋଲିସର ଛାନଭିନ୍ ଆରମ୍ଭ

କନ୍ଧମାଳ, (ମହାଭାରତ) : ସମଗ୍ର କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବ୍ୟାପିବାରେ ଲାଗିଛି ନକଲି ୫ ଶହ ଟଙ୍କିଆ ନୋଟ୍ ।ଏହାକୁ ନେଇ ବ୍ୟବସାୟୀ ମାନଙ୍କ ମନରେ ଏବେ ଭୟ ସଂଚାର ଦେଖା ଦେଇଛି । ବିଶେଷକରି ଲେବର ଶ୍ରେଣୀ ଲୋକ ଏହି ଠକାମୀର ଶୀକାର ହେବା ଅଧିକ ସଂଭାବନା ଦେଖାଯାଇଛି । କାରଣ ଅଧିକାଂଶ ଲେବର ଅପାଠୁଆ, ଅଶିକ୍ଷିତ, ମୂର୍ଖ ହୋଇଥିବାରୁ ସେମାନଙ୍କୁ ସହଜରେ ଏହି ନକଲି ନୋଟ୍ କୁ ଦିଆଯାଇ ପାରେ ।ଯଦି ମୂଲିଆ ଶ୍ରେଣୀ ର ଏଭଳି ନକଲି ନୋଟ୍ ପାଇଯିବେ ତେବେ ତାଙ୍କର ଦୁଇ ଦିନର ରୋଜଗାର ମଧ ହରାଇ ବସିବେ ବୋଲି ଚର୍ଚ୍ଚା ହେଉଛି। ଏଇ କିଛିଦିନ ହେଲା ବ୍ୟବସାୟୀଙ୍କ ପାଖରେ ଜାଲ ପାଞ୍ଚଶହ ଟଙ୍କିଆ ନୋଟ ପହଁଚିଥିବା ବେଳେ ଉକ୍ତ ଜାଲ ନୋଟକୁ ଚିହ୍ନିବା ଏତେ ସହଜ ହେଉନି ଅସଲି ଭଳି ଅବିକଳ ଏହି ଜାଲ ନୋଟକୁ ଦେଖିଲେ କେହି ବି ଚିହ୍ନିବା ଭାରି କଷ୍ଟକର ପାଠ । ବ୍ୟାଙ୍କରେ ନକଲି ନୋଟ ପ୍ରତି ସତର୍କ ନଜର ରଖି ଜାଲନୋଟକୁ ଚିହ୍ନଟ କରି ତା ଉପରେ ନାଲି ଗାର ଟଣା ଯାଉଥିବା ବେଳେ ସ୍ଥାନୀୟ ବ୍ୟବସାୟୀ ଜାଲନୋଟକୁ ନେଇ ଚିନ୍ତାରେ ପଡିଯାଇଛନ୍ତି। ବ୍ୟବସାୟ ସମୟରେ ଗହଳିର ସୁଯୋଗ ନେଇ କିମ୍ବା ବ୍ୟବସାୟୀଙ୍କ ସରଳତାର ଫାଇଦା ଉଠାଇ ଜାଲ ନୋଟକୁ ଦେଇ ଫାଇଦା ନେବାରେ କିଛି ଠକ ଲାଗି ପଡ଼ିଛନ୍ତି। ଏହିଜାଲ ନୋଟ ବିଷୟରେ ଖବର ପାଇବା ପରେ ସ୍ଥାନୀୟ ବ୍ୟବସାୟୀ ସଂଘ ପକ୍ଷରୁ ସମସ୍ତ ବ୍ୟବସାୟୀଙ୍କୁ ସତର୍କତା ସହ ବ୍ୟବସାୟ କରିବାକୁ ପରାମର୍ଶ ଦେବା ସହ ନୋଟକୁ ରଖିବା ପୂର୍ବରୁ ଭଲଭାବରେ ଯାଞ୍ଚ କରି ରଖିବାକୁ ପରାମର୍ଶ ଦିଆଯାଇଛି। ସନ୍ଦେହ ହେଲେ ପୁଲିସକୁ ସୂଚନା ଦେବାକୁ କୁହାଯାଇଛି। ସୂଚନା ପ୍ରକାରେ ଦାରିଙ୍ଗବାଡି ଥାନା ଅଞ୍ଚଳ ସିମନବାଡ଼ିର ଜନୈକ ବ୍ୟବସାୟୀଙ୍କ ଠାରୁ ଜଣେ ନାମିଦାମୀ କମ୍ପାନୀର ଡିଷ୍ଟ୍ରିବ୍ୟୁଟର ସାମଗ୍ରୀ ଦେଇ ତାହା ବଦଳରେ ଟଙ୍କା ନେଇଥିଲେ ।ଏହି ନୋଟ ଉପରେ ସନ୍ଦେହ ସୃଷ୍ଟି ହେବାରୁ ଡିଷ୍ଟ୍ରବୁଟର କୁ ଗଲାବେଳେ ସିମନବାଡ଼ିର ବ୍ୟାଙ୍କରେ ଏହା ନକଲି କି ନାହିଁ ବୁଝିଦେବ କହିଥିଲେ ଏବଂ ଡିଷ୍ଟ୍ରିବ୍ୟୁଟର ଜଣକ ନେଇ ବାଲିଗୁଡ଼ା ବ୍ୟାଙ୍କରେ ଯାଞ୍ଚ କରାଇ ସ୍ପଷ୍ଟ ହୋଇଥିଲେ ଯେ ତାହା ନକଲି ବୋଲି। ସୂଚନାଯୋଗ୍ୟ, ଉକ୍ତ ନକଲି ନୋଟ୍ ବୃଦ୍ଧ ବ୍ୟବସାୟୀଙ୍କୁ କିଏ ଧରାଇଦେଇଛି ସେ ତାକୁ ଚିହ୍ନିବା ସହଜ ହୋଇପାରି ନ ଥିଲା। ତେବେ ବ୍ୟବସାୟ ସାରିବା ପରେ ରାତିରେ ଦୋକାନ ବନ୍ଦ ପୂର୍ବରୁ ଟଙ୍କା ସାଇତି ଗଣିବା ବେଳେ ୨ଟି ୫ ଶହ ଟଙ୍କିଆ ନୋଟ୍ ହାତକୁ ପତଳା ଲାଗିଥିଲା। ଫଳରେ ଜନୈକ ବ୍ୟବସାୟୀ ଜଣକ ଉକ୍ତ ନୋଟ୍‌କୁ ଅଲଗା କରି ରଖିଥିଲେ। ଉକ୍ତ ନକଲି ନୋଟ୍?ର କ୍ରମିକ ସଂଖ୍ୟା( ୫ଘଞ ୩୩୯୮୦୨) ହୋଇଥିବା ଜଣାପଡ଼ିଛି। ଏହି ଖବର ଜଣାପଡ଼ିବା ପରେ ଅଞ୍ଚଳରେ ୫ ଶହ ଟଙ୍କିଆ ନକଲି ନୋଟ୍‌କୁ ନେଇ ଲୋକଙ୍କ ଭିତରେ ଭୟ ସୃଷ୍ଟି ହୋଇଥିବା ବେଳେ କିଏ ଓ ଏହି ରାକେଟ ପଛରେ ସମ୍ପୃକ୍ତ ଅଛି ତାକୁ ଧରିବାକୁ ପୋଲିସ ଚଳାଇଛି ଛାନଭିନ୍ ।




## ବାଇକ୍‌କୁ ରକ୍ଷା କରିବାକୁ ଯାଇ ଦୁଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା: ୩ ମୃତ

ଦଶପଲ୍ଲା, (ମହାଭାରତ): ଏକ ବାଇକ୍‌କୁ ରକ୍ଷା କରିବା ପାଇଁ ଦୁଇ ଜଣ ଟ୍ରକ୍ ଚାଳକ ମୁହାଁମୁହିଁ ହୋଇଛନ୍ତି। ଟ୍ରକ୍ ଦୁଇଟି ଧକ୍କା ହେବାରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଅଛନ୍ତି। ଆଜି ସଂଧ୍ୟା ପ୍ରାୟ ୬ଟା ସମୟରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ନୟାଗଡ଼ ଜିଲ୍ଲା ଟାକରା ନିକଟରେ ଏହି ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ରକ୍ଷା କରିବାକୁ ଯାଇ ଦୁଇ ମାଲ୍ ବୋଝେଇ ଟ୍ରକ୍ ମଧ୍ୟରେ ଭୟଙ୍କର ଭାବେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ୩ଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ପ୍ରକାଶ ପାଇଛି। ସମସ୍ତଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୁଲିସ ସୂଚନା ପାଇଁ ଘଟଣାସ୍ଥଳରେ ପହଞ୍ଚିଛି। ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ଆସନ୍ତାକାଲି ପୋଷ୍ଟମର୍ଟମ ପରେ ମୃତକଙ୍କ ପରିବାରରୁ ଶବ ହସ୍ତାନ୍ତର କରାଯିବ। ପୁଲିସ ଦୁର୍ଘଟଣାଗ୍ରସ୍ତ ୨ଟି ଟ୍ରକ୍‌କୁ ଜବତ କରି ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

## ଆସିକାରେ ମଶାଙ୍କ ଉପଦ୍ରବ ବୃଦ୍ଧି ଡେଙ୍ଗୁ ଓ ଫାଇଲେରିଆ ବ୍ୟାପିବା ଆଶଙ୍କା !

ଆସିକା, (ମହାଭାରତ) : ଗତ କିଛି ଦିନ ତଳେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଦେଶରେ ସ୍ୱଚ୍ଛତା ପାଇଁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ବେଳେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଅଧିକାଂଶ ସାହି ବସ୍ତିରେ ବିଗତ କିଛି ମାସ ହେଲା ମଶାଙ୍କ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ବର୍ଷା ପାଗ ଜାରି ରହିଥିଲା ବେଳେ ପରିଷଦ ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡ଼ି ରହୁଥିବା, ବିଭିନ୍ନ ୱାର୍ଡ ରେ ଅନାବନା ଗଛ ଲତା ସଫା ନହେବା, ସହରର ମୁଖ୍ୟ ରାସ୍ତା ଓ ବିଭିନ୍ନ ଗଳି କନ୍ଦି ରେ ପାଣି ଜମି ରହିବା ଯୋଗୁଁ ମଶାଙ୍କ ଉପଦ୍ରବ ଦିନକୁ ଦିନ ବଢୁଥିବା ଅଭିଯୋଗ ହେଉଛି ଓ ମଶାବଂଶକୁ ଦମନ ପାଇଁ ଆସିକା ଏନ୍‌ଏସି ପକ୍ଷରୁ ସମସ୍ତ ୱାର୍ଡରେ ମଶାଧୂଆଁ ସ୍ପ୍ରେ ଓ ନାଳନର୍ଦ୍ଦମାରେ ମଶାତେଲ ଛିଞ୍ଚନ ପ୍ରକ୍ରିୟା ଗତ କିଛି ବର୍ଷ ହେଲା ବନ୍ଦ ହୋଇଯାଇଥିବା ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ସଞ୍ଜ ହେଲେ ଘରେ ହେଉ କି ବାହାରେ, କେଉଁଠି ବି ମଶାଙ୍କ ଦାଉରୁ ନିସ୍ତାର ମିଳୁନାହିଁ। ଫଳରେ ସହରର କେତେକ ୱାର୍ଡର ଜନତାଙ୍କୁ ମ୍ୟାଲେରିଆ, ଡେଙ୍ଗୁ ଓ ଫାଇଲେରିଆ ଭଳି ରୋଗର ଭୟ ସୃଷ୍ଟି ହେଲାଣି ମଶାବଂଶ ନିପାତ କରିବା ନେଇ ସମସ୍ତ ୱାର୍ଡରେ ଯୁଦ୍ଧକାଳୀନ ଭିତ୍ତିରେ ବ୍ୟାପକ ବ୍ୟବସ୍ଥା କରାନଯାଏ ତେବେ ଆଗାମୀ କିଛି ଦିନ ମଧ୍ୟରେ ଆସିକା ଡେଙ୍ଗୁ, ମ୍ୟାଲେରିଆ ଓ ଫାଇଲେରିଆ ପ୍ରବଣ ସହରରେ ପରିଗଣିତ ହେବା ସମ୍ଭାବନାକୁ ମଧ୍ୟ ଏଡାଇ ହେବ ନାହିଁ ଓ ନାଳନର୍ଦ୍ଦମା ଓ ସନ୍ତସନ୍ତିଆ ଜାଗା ମଶାଙ୍କ ଜନ୍ମସ୍ଥାନ ପାଲଟିଛି। ଏନ୍‌ଏସି ଅଧୀନସ୍ଥ ଜୋକବନ୍ଧ, ରଙ୍କବନ୍ଧ ଭଳି କେତେକ ପରିତ୍ୟକ୍ତ ଜଳାଶୟ ଗୁଡିକରେ ମଶାତେଲ ସିଞ୍ଚନ ସହ ମଶା ଲାଭ୍ରା ଖାଉଥିବା ଗମ୍ବୁସିଆ ମାଛ ଛାଡିବା ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଆସିକା ଏନ୍‌ଏସି ପରିସରଭୁକ୍ତ କେତେକ ସାହିବସ୍ତିର ଜନସାଧାରଣଙ୍କ ଶରୀରରୁ ରକ୍ତ ଶୋଷିବାରେ ପାରଙ୍ଗମ ମଶାଙ୍କ ଦୌରାତ୍ମ୍ୟରେ ବହୁ ବ୍ୟକ୍ତି କଲବଲ ହୋଇଗଲେଣି। ମଶାବଂଶ ନିପାତ ପାଇଁ ଏନ୍‌ଏସି ପକ୍ଷରୁ ଫଗିଂ ମେସିନ୍ ଜରିଆରେ ମଶାଧୁଆଁ ଛଡାଯିବା ସାଙ୍ଗକୁ ନାଳନର୍ଦ୍ଦମା ଗୁଡିକରେ ମଶାତେଲ ମଧ ସ୍ପ୍ରେ କରିବାକୁ ଦାବି ହେଉଛି। ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଏନ୍‌ଏସି ପରିସରଭୁକ୍ତ ଅଞ୍ଚଳରେ ମଶାବଂଶକୁ ଦମନ କରିବା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ବିଭିନ୍ନ ମହଲରେ ଦୃଢ ଦାବୀ ହେଉଛି।





# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## କେନ୍ଦେଇପଶିରେ କାରଗିଲ୍ ଦିବସ ପାଳିତ



ପାଟଣା:-(ମହାଭାରତ)ଦେଶ ପାଇଁ ବୀର ଯବାନ ଙ୍କ ବଳିଦାନ କୁ ମନେ ପକାଇ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପଶି ପଞ୍ଚାୟତ କେନ୍ଦେଇପଶି ଠାରେ ବିର୍ସା ମୁଣ୍ଡା ହୋ ସମାଜ ମାର୍ଶାଲ ଆକାଳା ତରଫ ରୁ କାରଗିଲ୍ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମ ରେ କେନ୍ଦେଇପଶି ପଂଚାୟତ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ପରମାନନ୍ଦ ମହାନ୍ତ ଯୋଗଦାନ କରି ସହିଦ ଅକ୍ଷୟ କୁମାର ନାଏକ ଙ୍କ ପ୍ରତିମୂର୍ତ୍ତି ଉପରେ ପୁଷ୍ପ ମାଲ୍ୟା ଅର୍ପଣ କରି ଛନ୍ତି । ଏହି ପେରିପେକ୍ଷୀ ରେ ଉପସ୍ଥିତ ମଞ୍ଚାସିନ ଅତିଥି ମାନେ ସହିଦ ଅକ୍ଷୟ ଙ୍କ ବୀର୍ ସହିଦ ଉପରେ ଉପସ୍ଥିତି ଅତିଥି ମାନେ ଅଭିଭାଷଣ ରଖି ଥିଲେ। କାର୍ଯ୍ୟକ୍ରମ କୁ ବିର୍ସା ମୁଣ୍ଡା ହୋ ସମାଜ ମାର୍ଶାଲ ଆକାଳା ବ୍ଲକ ସଭାପତି ସୁଦର୍ଶନ ମୁଣ୍ଡା ଙ୍କ ସଂଯୋଜନା ରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ରେ ବିର୍ସା ମୁଣ୍ଡା ହୋ ସମାଜ ମାର୍ଶାଲ ଆକାଳା ର ଉପଦେଷ୍ଟା ପ୍ରଭାତ କୁମାର ମୁଣ୍ଡା,ଉପସଭାପତି ସୁବାସ ମୁଣ୍ଡା, ସଂପାଦକ ମହାନ୍ତି ମୁଣ୍ଡା,କୋଷାଧକ୍ଷ ଅଭିରାମ ମୁଣ୍ଡା,ସଦସ୍ୟା ବାସନ୍ତୀ ହାଇବୁରୁ ପ୍ରମୁଖ ଉପସ୍ଥିତ ହୋଇ ବୃକ୍ଷ ରୋପଣ କରାଯାଇଛି।

## ଅସ୍ଥାୟୀ ସରକାରୀ ବସଷ୍ଟାଣ୍ଡ ରୁ ଡିଜେଲ୍ ଉଧାର : ପୋଲିସର ତଦନ୍ତ

କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ବ୍ଲକ ପରିସରରେ ରହୁଥିବା ଅସ୍ଥାୟୀ ଓଏସଆରଟିସି ବସଷ୍ଟାଣ୍ଡ ରୁ ଲୁଚାଇରଖାଯାଇଥିବା ଦୁଇଟି ଜାରକିନ୍ ରେ ଥିବା ପ୍ରାୟ ୬୦ ଲିଟର ଡିଜେଲ୍ କୁ ଶନିବାର ଦିନ ଠାକୁରମୁଣ୍ଡା ଥାନା ପୋଲିସ ଉଧାର କରିଛି। ଡିଜେଲ୍ କୁ କିଏ କାହିଁକି ଲୁଚାଇରଖିଥିଲା ତାହା ଜଣାପଡିନଥିବା ବେଳେ ଷ୍ଟାଣ୍ଡରେ ରହୁଥିବା ସରକାରୀ ବସ ଗୁଡିକରୁ ତେଲ ଚୋରାଇକରି ରଖିଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ଏଥିରେ ବସ୍ କର୍ମଚାରୀ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି । ଘଟଣାରୁ ପ୍ରକାଶ, ଠାକୁରମୁଣ୍ଡା ବ୍ଲକରେ ବିଭିନ୍ନ ଗ୍ରାମପଞ୍ଚାୟତକୁ ସଂଯୋଗ କରୁଥିବା ସରକାରୀ ବସ ସକାଳୁ ଚଳାଚଳ ପରେ ବ୍ଲକ ପରିସରରେ ଆସି ରହିଥାନ୍ତି । ସନ୍ଧ୍ୟା ୬ ବେଳକୁ ବ୍ଲକ ପରିସର ମଧ୍ୟ ଶୁନଶାନ ହୋଇଯାଇଥାଏ ।ଗାଡିରୁ ତେଲ ଚୋରି କରିବା ସହଜ ହୋଇଥାଏ । ଏହା ଅଭ୍ୟାସରେ ପରିଣତ ହୋଇଥାଇପାରେ ବୋଲି ସନ୍ଦେହ ସୃଷ୍ଟି ହୋଇଛି । ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଲାଯେ ବସରୁ ତେଲ କାଢି ଜାରକିନରେ ବୁଦା ଗଛ ଆଢୁଆଳରେ ରଖାଯାଇଛି ଏବଂ ପରେ ବାହାରେ ନେଇ ବିକ୍ରି କରାଯିବ। ଖବର ପାଇଁ ସାମ୍ବାଦିକ



ଯାଇ ତେଲ ଥିବା ଦେଖି ବିଡ଼ିଓଙ୍କୁ ଜଣାଇବା ପରେ ବିଡ଼ିଓ ଥାନାକୁ ଜଣାଇଥିଲେ । ସିସି ଟିଭି ଆଧାରରେ କେଉଁ ବସରୁ ତେଲ ଚୋରି ହୋଇଛି ତାହା ସ୍ପଷ୍ଟ ହୋଇନାହିଁ । ଷ୍ଟାଫଙ୍କୁ ଡାକି ପୋଲିସ ଖୋଳତାଡ଼ ଆରମ୍ଭ କରିଛି । ତେବେ ଗାଡି ଷ୍ଟାଣ୍ଡକୁ ପହଞ୍ଚିବା ପରେ ସୁପରଭାଇଜରକୁ ଚାବି ହସ୍ତାନ୍ତର କରି ଷ୍ଟାଫ ଚାଲିଯାଉଥିବା କହିଥିଲେ । ତେଣୁ ଚୋରି ହୋଇଥିଲେ କେବଳ ସୁପରଭାଇଜର ହିଁ ସମ୍ପୃକ୍ତ ବୋଲି ଡ୍ରାଇଭର କହିଛନ୍ତି। ପୋଲିସ ତଦନ୍ତ ସମୟରେ ଥାନାରୁ ଅଚାନକ ସୁପରଭାଇଜର ଖସି ଯାଇଥିବା ଜଣାପଡିଛି । ତେବେ ତଦନ୍ତ ପରେ ସଠିକ ତଥ୍ୟ ସାମ୍ନାକୁ ଆସିବ ବୋଲି ଥାନାଧିକାରିଣୀ ସାବିତ୍ରୀ ଦଳେଇ ସୂଚନା ଦେଇଛନ୍ତି ।

## ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୬୯ତମ ଶ୍ରାଦ୍ଧଦିବସରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

ବାଣପୁର :( ମହାଭାରତ ) ଉତ୍କଳମଣି ଗୋପବନ୍ଧୁଙ୍କ ପଞ୍ଚଶିଷ୍ୟ, ସତ୍ୟବାଦୀ ବନ ବିଦ୍ୟାଳୟର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ସୁଶିକ୍ଷକ, ଓଡ଼ିଶାର ପ୍ରଥମ ଶିକ୍ଷାମନ୍ତ୍ରୀ, କବି,ନାଟ୍ୟକାର, ବାଣପୁର ଗୌରବ ପୁଣ୍ୟଶ୍ଳୋକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୬୯ତମ ପୁଣ୍ୟତିଥି ଅବସରରେ ଜନ୍ମମାଟି ସମଗ୍ର ବାଣପୁର ବାସୀଙ୍କ ତରଫରୁ ତାଙ୍କ ସ୍ମୃତି ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ପ୍ରଥମେ ତିଳତର୍ପଣ ଓ ପରେ ବଜାର ନିକଟସ୍ଥ ଶିଶୁ



ଉଦ୍ୟାନରେ ଥିବା ପଣ୍ଡିତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ତାଙ୍କ ସ୍ମୃତି ଚାରଣ କରାଯାଇ ବାଣପୁର ତଥା ଓଡିଶାର ଶିକ୍ଷା, ସାହିତ୍ୟ, ସମାଜସେବା, ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ, ବିଚ୍ଛିନ୍ନାଞ୍ଚ ମିଶ୍ରଣ ସହିତ ସେହି ଅଞ୍ଚଳରେ ରହୁଥିବା ଓଡ଼ିଆ ଭାଷାଭାଷୀଙ୍କ ଶିକ୍ଷା ନିମନ୍ତେ ଓଡ଼ିଆ ବିଦ୍ୟାଳୟ ଗଠନରେ ତାଙ୍କ ଅସୀମ ତ୍ୟାଗ ଓ ଉତ୍ସର୍ଗୀକୃତ ଜୀବନ ଉପରେ ଆଲୋକପାତ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ବାଣପୁରର ବିଶିଷ୍ଟ କଥାକାର ଶିବ ମିଶ୍ର, କବି ପୁରୁଷୋତ୍ତମ ମହାପାତ୍ର, କବି ଦିଗମ୍ବର ବିଶ୍ୱାଳ, ପୂର୍ବତନ ଅଧ୍ୟକ୍ଷ ଡଃ. ନୃସିଂହ ପ୍ରଧାନ, ଅଧ୍ୟାପକ ସଂଗ୍ରାମ କେଶରୀ ସାହୁ, କ୍ୟାପଟେନ୍ ଭବାନୀ ଶଙ୍କର ହୋତା, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ, ଶିକ୍ଷାବିତ୍ ଡଃ. ଚିନ୍ତାମଣି ମିଶ୍ର, ରାଜେନ୍ଦ୍ର ପ୍ରସାଦ ରଥ, ମଧୁସୂଦନ ନନ୍ଦ, ବୈରାଗୀ ଚରଣ ବଳ, ବ୍ରଜବନ୍ଧୁ ମିଶ୍ର, ସୁଶାନ୍ତ ଦାଶ, ବରିଷ୍ଠ ଓକିଲ ରବିନ୍ଦ୍ରନାଥ ମାନସିଂ, ଶେଷଦେବ ମହାରଣା, ସମାଜସେବୀ ସଂଧ୍ୟାଦେବୀ, ଅନନ୍ତ ଚରଣଖଟେଇ, ସଂଗଠକ ପ୍ରଦୀପ ସ୍ୱାଇଁ, ପତ୍ରକାର ଅନନ୍ତ ଚରଣ ବାରିକି, ବ୍ରଜକିଶୋର ଜେନା, ପ୍ରସନ୍ନ କୁମାର ଭୋଳ, ଅବସରପ୍ରାପ୍ତ ସେନା କର୍ମଚାରୀ ବିଜୟ କୁମାର ପ୍ରଧାନ, କିଶୋରଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇ ସ୍ମୃତି ଚାରଣ କରି ପଣ୍ଡିତ ମିଶ୍ରଙ୍କ ସୁନ୍ଦର ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତିଟିଏ ସହରର ମଧ୍ୟଭାଗରେ ଏକ ଆକର୍ଷଣୀୟ ପରିବେଷ୍ଟନୀରେ ସ୍ଥାପନ କରିବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଥିଲା।

## ବିଳମ୍ବିତ ରାତ୍ର ରେ ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କା ର କ୍ଷତି



ଅସ୍ତରଙ୍ଗ( ମହାଭାରତ) : ଅସ୍ତରଙ୍ଗ ବ୍ଲକ ଶିଶୁଅ ପଞ୍ଚାୟତ ଉଦୟକଣୀ ଗ୍ରାମ ୫ ନମ୍ବର ୱାର୍ଡ ରେ ବିଳମ୍ବିତ ରାତ୍ର ରେ ଘଟିଯାଇଛି ଏକ ଅଭାବନୀୟ ଘଟଣା, ଏହି ଗ୍ରାମ ର କପିଳା କାଣ୍ଡି ତାଙ୍କ ପରିବାର ସହ ରୁହନ୍ତି, ସେ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ନିଜ ଝିଅ ର ବିବାହଘର ପାଇଁ ଅଳଙ୍କାର, ଲୁଗା, କିଛି ଟଙ୍କା ଏକ ବାକ୍ସ ରେ ରଖିଥିଲେ,ମାତ୍ର ବିଳମ୍ବିତ ରାତ୍ର ରେ ହଟାତ ଜଳିବାକୁ ଲାଗିଥିଲା ତାଙ୍କ ର ୩ ବଖରା ମାଟି ଝାଟି ଚାଳ ଘର, ଅଗ୍ନିକାଣ୍ଡ ର ପ୍ରକୋପ ଅତ୍ୟନ୍ତ ଭୟଙ୍କର ଥିଲା, ସେ ତାଙ୍କ ପରିବାର ସହିତ ନିଜ ଜୀବନ ବଞ୍ଚେଇ ବାକୁ ବାହାରକୁ ପଳେଇ ଆସିଥିଲେ, ସ୍ଥାନୀୟ ଲୋକ ଏହି ଘଟଣା କୁ ଦେଖି ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ କରିଥିଲେ ମାତ୍ର ଅଗ୍ନି ର ପ୍ରଭାବ ଅତ୍ୟନ୍ତ ଭୟଙ୍କର ଥିଲା,ଯେଉଁ ଅଗ୍ନିକାଣ୍ଡ ର କାରଣ ସମ୍ପୂର୍ଣ୍ଣ ଅସ୍ପଷ୍ଟ ରହିଛି, ସଙ୍ଗେ ସଙ୍ଗେ ନିକଟସ୍ଥ କୋଣାର୍କ ଦମକଳ କେନ୍ଦ୍ର କୁ ଯୋଗାଯୋଗ କରିଥିଲେ, ଦମକଳ ପହଞ୍ଚି ଥିଲା କିନ୍ତୁ କପିଳା ଙ୍କର ସବୁ ଜଳି ପୋଡି ପାଉଁଶ ହୋଇଯାଇଥିଲା, ଏହି ଘରେ ଖଟ, ପଲଙ୍କ, ଆସବାବ ପତ୍ର, ଘରୋଇ ବ୍ୟବହୃତ ଦ୍ରବ୍ୟ, ଝିଅ ବାହାଘର ପାଇଁ ବାକ୍ସ ରେ ଥିବା ଗହଣା, ଲୁଗାପଟା, ପଇସା, କିଛି କାଗଜପତ୍ର, ଏକ ସ୍କୁଟି ଓ ସାଇକେଲ ମଧ୍ୟ ଜଳି ପୋଡି ନଷ୍ଟ ହୋଇଯାଇଛି, ଏ ବାବଦରେ ଅସ୍ତରଙ୍ଗ ତହସିଲ ପକ୍ଷ ରୁ ସ୍ଥାନୀୟ ରାଜ୍ସ ନିରୀକ୍ଷକ ସ୍ଥିତି ଅନୁଧ୍ୟାନ କରିବା ପରେ ଅସ୍ତରଙ୍ଗ ତହସିଲ ତରଫରୁ ଏକ ପଲିଥିନ ଯୋଗାଇ ଦିଆଯାଇଛି, ଆଗକୁ ତଦନ୍ତ ରିପୋର୍ଟ ଆସିବା ପରେ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି, ମାତ୍ର ଏହି ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି ।

## ପଇଦା ନାଳ ଉପରେ ବନ୍ୟା ଜଳ ପ୍ରବାହିତ ଯାତାୟାତ ଠପ୍



ପାଟଣା:-(ମହାଭାରତ) ଲଘୁଚାପ ର ପ୍ରବଳ ବର୍ଷା ଯୋଗୁଁ କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ କପୁଣ୍ଡି ଗ୍ରାମ ପଞ୍ଚାୟତ ର ପଇଦା ନାଳ ଉପରେ ୪ ଫୁଟ ର ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ୨୨୦ ନଂ ଜାତୀୟ ରାଜପଥ ରୁ ସଂଯୋଗ ଥିବା ଧାନବେଣି ଭାୟା କପୁଣ୍ଡି,ଦେଇ ଠାକୁରମୁଣ୍ଡା ରାସ୍ତା ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ଥିବାବେଳେ ବିଭିନ୍ନ ଘୋରୋଇ ବସ୍ ଏବଂ ଓ ଆର ଟି ସି ବସ୍ ମଧ୍ୟ ଯାତାୟାତ ରେ ବାଧାପ୍ରାପ୍ତ ହୋଇଛି ।ସ୍କୁଲ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀ ମଧ୍ୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ସରକାର ଏପଟେ ପ୍ରତ୍ୟକ୍ ଗାଁ ଠାରୁ ସହର ସଂଯୋଗିକରଣ ନିମନ୍ତେ ସମସ୍ତ ରାସ୍ତା କୁ ରୁପାନ୍ତିକରଣ କରୁଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ରେ ଏପରି ଦୁଃଖଦ ଦୃଶ୍ୟ ଦେଖିବାକୁ ମିଳିଛି ।ଯାହାକି ଅନେକ ବର୍ଷ ଧରି ଏହି ନାଳ ରେ ଥିବା ପୋଲ ର ଉଚ୍ଚତା କମ୍ ଥିବାରୁ ବର୍ଷା ଦିନରେ ବୈତରଣୀ ର ବନ୍ୟା ଜଳ ଏହାରି ଉପରେ ପ୍ରବାହିତ ହୁଏ ଫଳରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଏ ।ଏହି ସରକାରଙ୍କ ସମୟରେ ଏହି ପଇଦା ନାଳ ରେ ଥିବା ପୋଲ ଉତ୍ତତିକରଣ କରି ଅଧିକ ଉଚ୍ଚତା ପୋଲ ନିର୍ମାଣ ନିମନ୍ତେ ସାଧାରଣରେ ଦାବି ହେଉଛି ।

## ବୈତରଣୀରେ ବନ୍ୟାକୁ ନେଇ ନଦୀକୂଳିଆ ବାସିନ୍ଦା ଆତଙ୍କିତ

ଆରଡି: ଲଘୁଚାପ ପ୍ରଭାବରେ ବୈତରଣୀ ନଦୀର ଉପରମୁଣ୍ଡରେ ଲଗାଣବର୍ଷା ଯୋଗୁ ନଦୀରେ ବଡଧରଣ ବନ୍ୟା ଦେଖାଦେଇଛି। ଆଖୁଆପଦାଠାରେ ବୈତରଣୀ ନଦୀର ବନ୍ୟାଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବାରୁ ତଳମୁଣ୍ଡରେ ଅର୍ଥାତ୍ ଚାନ୍ଦବାଲି ବ୍ଲକର ଆରଡି, ଓଳଗ, ସୁନ୍ଦରପୁର, ନାନ୍ଦପୁର ଆଦି ଅଞ୍ଚଳର ନଦୀକୂଳିଆ ଲୋକେ ଆତଙ୍କିତ ହୋଇ ପଡିଛନ୍ତି ।ଯବିଶେଷକରି କୁଆଖିଆ-ଆଖଣ୍ଡଳମଣି ଜାତୀୟ ରାଜପଥର ବୋଡକ ନିକଟରେ ବୈତରଣୀ ନଦୀକୂଳ ଦେଇ ଯାଇଥିବାରୁ ଗତ ୨ବର୍ଷ ହେବ ୨ଶହ ଫୁଟର ରାସ୍ତା ନଦୀ ଆଡକୁ ଢଳି ରହିବା ସହ କିଛି ଅଂଶ ଦିଯାଇଛି। ବୈତରଣୀ



ନଦୀରେ ଆସୁଥିବା ବନ୍ୟାପାଣି ରାସ୍ତାକୁ ବୁଡାଇବାର ଆଶଙ୍କା ଦେଖାଦେଇଥିବାରୁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ରାସ୍ତା କଡ଼ରେ ବାଉଁଶ ।ଡା ସହ କିଛି ବାଲିବସ୍ତା ପକାଯାଇଛି । ଏପଟେ ଧାମରାଠାରେ ସମୁଦ୍ର ଅଶାନ୍ତ ହୋଇ ପଡ଼ିଥିବାରୁ ଉଚ୍ଚ ଜୁଆର ଢେଉ ବଢ଼ିବାରେ ଲାଗିଛି। ଯାହାକି ବୈତରଣୀ ନଦୀର ଉପରମୁଣ୍ଡରୁ ଆସୁଥିବା ନ୍ୟାପାଣି ନିଷ୍କାସନରେ ବାଧକ ସାଜିପାରେ। ବୈତରଣୀ ନଦୀରେ ଏବେ ନ୍ୟାପାଣି ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଆରଡି ନିକଟ ମୁଆ କଜଳା ମାହାରା ନିକଟରେ ନଦୀବନ୍ଧ ଅତ୍ୟନ୍ତ ଦୁର୍ବଳ ଥିବାବେଳେ ସାଠିଙ୍କୁଡା ଓ ସୁନ୍ଦରପୁର ଗାଁ ନିକଟରେ ନଦୀବନ୍ଧ ଦୁର୍ବଳ ରହିଛି। ଯାହାକୁ ନେଇ ଆତଙ୍କିତ ଅବସ୍ଥାରେ ଅଛନ୍ତି ନଦୀକୂଳିଆ ବାସିନ୍ଦା।

## ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



ଯୋଡ଼ା,(ମହାଭାରତ) ଯୋଡ଼ା ସ୍ଥିତ କୁନ୍ଦୁରୁନାଲା ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ସମିତିର ସଭାପତି ଅଜୟ ଗୋପାଳ ଦାସ, ସମ୍ପାଦକ ଅଭିଜିତ ମୁଖାର୍ଜୀ, ସଦସ୍ୟା ପଦ୍ମିନୀ ପାତ୍ର,ଯୋଡ଼ା ହିନ୍ଦୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲମ୍ବୋଧର ବିରୁଆ,କୁନ୍ଦୁରୁନାଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଚିତ୍ରସେନ ପ୍ରଧାନ ଯୋଗ ଦେଇ ଜ୍ଞାନ ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଭଗବାନ ବର୍ଦ୍ଧନ ଶିଶୁ ଛାତ୍ର ଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏଥିରେ ବିଭିନ୍ନ ପ୍ରକଳ୍ପ, ପ୍ରଶ୍ନଉମ, ପତ୍ର ବାଚନରେ ମୋଟ ୧୬୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ରାତ୍ରରେ ଗୁହାଳ ଭାଙ୍ଗିବାକୁ ଉଦ୍ୟମ, ଥାନା ରେ ଅଭିଯୋଗ



ଅସ୍ତରଙ୍ଗ(ମହାଭାରତ) -ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତ ନମାରୋ ପଦାସାହି ରେ ଜିତନ ଭୋଇ ନାମକ ଜଣେ ବ୍ୟକ୍ତି ଙ୍କ ଗୁହାଳ ଘର ଚାଳ କିଛି ମନ୍ଦ ଉଦ୍ଦେଶ୍ୟ ରେ ଓଟାରି ଉଦ୍ୟମ ରେ ବିଫଳ ହୋଇଥିବାକୁ ନେଇ ଜିତନ ଭୋଇ ଙ୍କ ତରଫରୁ ଆଜି ଅସ୍ତରଙ୍ଗ ଥାନା ରେ ଲିଖିତ ଅଭିଯୋଗ ହୋଇଛି, ସୂଚନା ମୁତାବକ ଉକ୍ତ ବ୍ୟକ୍ତି ଙ୍କ ଗୁହାଳ ଦୁଆର ମୁହଁ ରେ ତାଙ୍କ ଗାଈ ବନ୍ଧା ହୁଅନ୍ତି ଆଉ ଗୁହାଳ ଭିତରେ ଛେଳି ରୁହନ୍ତି, ଗତ ରାତ୍ର ୧ଘଟିକା ୩୫ ମିନିଟ ସମୟ ରେ ପରିସ୍ରା କରିବାକୁ ଲାଇଟ ଲଗାଇ ବାହାରକୁ ଆସିଲା ବେଳକୁ ବନ୍ଧା ହୋଇଥିବା ଗାଈ ଜୋରେ ବୋବାଇଲେ, ସନ୍ଦେହ ଉପୁଜିବାରୁ ପରିବାର ଲୋକ ଗୁହାଳ ପର୍ଯ୍ୟନ୍ତ ଯାଇ ଦେଖନ୍ତି ୨ ଜଣ ବ୍ୟକ୍ତି ଦୌଡ଼ି ପଳାଇଯାଉଛନ୍ତି। ଉକ୍ତ ବ୍ୟକ୍ତି ସେହି ଗ୍ରାମ ର ଜାଣି ଆଜି ଅସ୍ତରଙ୍ଗ ଥାନା ରେ ଜିତନ ଭୋଇ ତାଙ୍କ ପରିବାର ସହ ଆସି ଶିବ ନାୟକ ଓ ରବି ବିଶ୍ୱାଳ ନାମକ ୨ ବ୍ୟକ୍ତି ଙ୍କ ବିରୁଦ୍ଧରେ ଏତଲା କରିଛନ୍ତି,କିଛି ରାଜନୈତିକ ଶତ୍ରୁତା ରୁ ବାରମ୍ବାର ଏହି ପରିବାର କୁ ଧମକ ଚମକ ମିଳିବା ସହିତ ତାଙ୍କ ସାମାଜିକ ଜୀବନ କୁ ପ୍ରଭାବିତ କରାଯାଉଛି ବୋଲି ଅଭିଯୋଗ କାରୀ ଦର୍ଶାଇ ଛନ୍ତି, ସେଥିପାଇଁ ଅସ୍ତରଙ୍ଗ ଥାନା ରେ ଲିଖିତ ଅଭିଯୋଗ କରିବାକୁ ଆସି ନ୍ୟାୟ ପାଇଁ ନିବେଦନ କରିଛନ୍ତି।

## ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟରେ ଓଥ୍ ଟେକିଂ ଓ ହ୍ୱାଇଟ୍ କୋଟ୍ ସେରିମୋନି ଭବିଷ୍ୟତ ନର୍ସମାନେ ମାନବ ସେବାକୁ ଶପଥବଦ୍ଧ



ପାରଳାଖେମୁଣ୍ଡି,(ମହାଭାରତ): ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ନର୍ସିଂ, ପାରଳାଖେମୁଣ୍ଡିରେ ୨୩ ଜୁଲାଇ ୨୦୨୫ ରେ ଓଥ୍ ଟେକିଂ ଓ ହ୍ୱାଇଟ୍ କୋଟ୍ ସେରିମୋନି ଉଦ୍ୟାପିତ ହେଲା। ଏହି ଗଭୀର ଅବସର ରେ ନର୍ସିଂ ଛାତ୍ରଛାତ୍ରୀମାନେ ନିଜ ଜୀବନକୁ ମାନବ ସେବାରେ ଉତ୍ସର୍ଗ କରିବା ପାଇଁ ଦୃଢ଼ ସଂକଳ୍ପ ଗ୍ରହଣ କଲେ। ସେମାନଙ୍କ ଏହି ଯାତ୍ରାର ଏହି ମୁଖ୍ୟ ମୁହୂର୍ତ୍ତଟି ଉତ୍ସର୍ଗ, ଦୟା ଓ ନିଷ୍ଠାର ପ୍ରତୀକ ଭାବରେ ଅନୁଭୂତ ହେଲା। ଏହି ଅନୁଷ୍ଠାନରେ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ- ଡ଼. ମହେନ୍ଦ୍ର କୁମାର ଭୁୟାଁ, ଏଡିଏମଓ (ଫ୍ୟାମିଲି ୱେଲଫେର୍ ଓର୍ଗାନାଇଜେସନ୍), ଗଜପତି; ଶ୍ରୀ ଜତିନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ପୁଲିସ୍ ସୁପରିଟେଣ୍ଡେଣ୍ଟ, ପାରଳାଖେମୁଣ୍ଡି; ଓ ଡ଼. ସାନ୍ତନୁ ପାଢୀ, ଜିଲ୍ଲା ଚିକିତ୍ସାଧିକାରୀ, ମୁଖ୍ୟ ଜିଲ୍ଲା ଚିକିତ୍ସାଳୟ, ପାରଳାଖେମୁଣ୍ଡି।

ଡ଼. ଅନିତା ପାତ୍ର, ରେଜିଷ୍ଟ୍ରାର୍, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ତାଙ୍କ ଉଦ୍ବୋଧନରେ କହିଲେ: ନର୍ସମାନେ ହେଲ୍ଥକେୟାର୍ ବ୍ୟବସ୍ଥାର ମୂଳ ଆଧାରୟ ସେମାନଙ୍କର ନୀତିମୂଳକ ଆଚରଣ, ସମ୍ବେଦନା ଓ ନିଷ୍ଠା ହେଉଛି ଏହି ବୃତ୍ତିର ଆତ୍ମା। ଏହି ଅନୁଷ୍ଠାନ ଆମକୁ ମନେ ପକାଏ ଯେ, ଏକ ନର୍ସ ତାଙ୍କ ରୋଗୀଙ୍କ ଜୀବନରେ ଆଶା ଓ ଆଲୋକ ଆଣିପାରନ୍ତି ।ପ୍ରୋଫେସର ଏସ୍.ଏନ୍. ସନ୍ଧ୍ୟା, ଉପପ୍ରାଚାର୍ଯ୍ୟ,ସ୍କୁଲ ଅଫ ନର୍ସିଂ ସ୍ୱାଗତ ଉଦ୍ବୋଧନରେ ନର୍ସିଂ ପେଶାର ମାନବିକ ମୂଲ୍ୟ ଓ ଏହି ବିଦ୍ୟାଳୟ ଦ୍ୱାରା ଭବିଷ୍ୟତ ସେବାପ୍ରଧାନ ପେଶାଜୀବୀ ତିଆରି କରିବାରେ ଗୌରବଜନକ ଭୂମିକା ବିଷୟରେ ଆଲୋଚନା କଲେ ।ଅନୁଷ୍ଠାନର ମୁଖ୍ୟ ଆକର୍ଷଣ ହେଲା ନର୍ସିଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ଫ୍ଲୋରେନ୍ସ ନାଇଟିଂଗେଲ ଶପଥ ଗ୍ରହଣ-ଏକ ଗଭୀର ଦୃଢ଼ ସଂକଳ୍ପ ଯାହା ତାଙ୍କର ବୃତ୍ତିଗତ ଯାତ୍ରାରେ ସତ୍ୟନିଷ୍ଠା, ଗୋପନୀୟତା ଓ ମାନବ ସମ୍ବେଦନାର ପ୍ରତି ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରେ।

ପ୍ରୋଫେସର ସୁନୀଲ କୁମାର ଝା, ନିର୍ଦ୍ଦେଶକ, ସ୍କୁଲ ଅଫ ନର୍ସିଂ ତାଙ୍କ ବକ୍ତବ୍ୟରେ ଚିକିତ୍ସା ଓ ମାନବତା ମଧ୍ୟରେ ଗଭୀର ସମ୍ପର୍କ ବିଷୟରେ ଆଲୋକପାତ କରି, ଏହି ବୃତ୍ତିର ଗାମ୍ଭୀର୍ଯ୍ୟ ଓ ମାନବିକ ଦାୟିତ୍ୱ ଉପରେ ଜୋର ଦେଲେ। ଏହି ଓଥ୍ ଟେକିଂ ଓ ହ୍ୱାଇଟ୍ କୋଟ୍ ସେରିମୋନି ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ସୋନିଷ୍ଠା ଓ ମାନବିକ ମୂଲ୍ୟରେ ଭିତ୍ତି ମାନଦଣ୍ଡ ସ୍ଥାପନ କରିଥିବା ଉଦ୍ୟମକୁ ପ୍ରତିବିମ୍ବିତ କଲା, ଯାହା ଭବିଷ୍ୟତରେ ଦୟା, ନୀତିମୂଳକ ଆଚରଣ ଓ ଦକ୍ଷତାର ସମନ୍ୱୟ। ସହିତ ନର୍ସିଂ ପ୍ରୋଫେସନାଲ୍ମାନେ ପ୍ରସ୍ତୁତ କରିବା ପାଇଁ ଏକ ମିଳକ ପଥର ହିସାବରେ ସ୍ଥାପିତ ହେବ।

## ଟ୍ରେନ ଧକ୍କାରେ ଜଣକର ମୃତ୍ୟୁ

ଯୋଡ଼ା,(ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ପଳଶୟ ଗ୍ରାମ ପଞ୍ଚାୟତ ର ଉଁଚବୟଲି ରେଳ ଧାରଣାରେ ଟ୍ରେନ ଧକ୍କାରେ ଜଣେ ବ୍ୟକ୍ତି ଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି ।ମୃତ ବ୍ୟକ୍ତି ହେଲେ ଝୁମୁରା ବ୍ଲକ ବସନ୍ତପୁର ପଞ୍ଚାୟତ ର ଜଳିପଦା ଗାଁ ର କାନ୍ଦା ଦେହୁରୀ(୬୦) । ଖବର ରୁ ନେବାରୁ ଜଣାପଡିଛି ଯେ,ମସ୍ତିଷ୍କ ବିକୃତ ଥିବା କାନ୍ଦା ଦେହୁରୀ ତାଙ୍କ ଭଉଣି ଘର ଯୋଡା ବ୍ଲକ ବଳଦା ପଞ୍ଚାୟତ ର ବଳଦା ଗାଁ କୁ ଯାଇଥିବା ବେଳେ ସେଠାରେ ମାତ୍ର ଗୋଟେ ଦିନ ରହିବା ପରେ ଦୀର୍ଘ ସାତଦିନ ହେବ ନିଖୋଜ ଥିଲେ ।ତେବେ ଶନିବାର ପଳସା ପଞ୍ଚାୟତ ର ଉଁଚବାଲି ଠାରେ ଥିବା ରେଳ ଧାରଣା ରେ ଟ୍ରେନ ଧକ୍କା ହୋଇ ତାଙ୍କର ମତ୍ୟୁ ଘଟିଥିବା ଦେଖିବାକୁ ମିଳିଛି ।ଘଟଣାସ୍ଥଳ ରେ ରେଳ ବାଇ ପୋଲିସ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଇଣ୍ଟରନ୍ୟାସନାଲ ଏୟାରପୋର୍ଟକୁ ବୋମା ଧମକ



ରାଜସ୍ଥାନ : ରାଜସ୍ଥାନ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଏବଂ ଇଣ୍ଟରନ୍ୟାସନାଲ ଏୟାରପୋର୍ଟକୁ ବୋମା ଧମକ । ଜୟପୁର ଏୟାରପୋର୍ଟର ଅଫିସିଆଲ ସାଇଟକୁ ଇମେଲ ଆସିଛି । ଏଥିରେ ଲେଖାଯାଇଛି କି, ଘଣ୍ଟାଏ କିମ୍ବା ଦୁଇ ଘଣ୍ଟା ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଏୟାରପୋର୍ଟକୁ ବୋମାରେ ଉଡ଼ାଇ ଦିଆଯିବ । ଇମେଲ ଆସିବା ପରେ ପ୍ରଶାସନ ତତ୍ପର ହୋଇ ଦୁଇଟି ଯାକ ସ୍ଥାନରେ ହାଇ ଆଲର୍ଟ ଘୋଷଣା କରିଛି । ଖବର ମୁତାବକ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଏବଂ ଇଣ୍ଟରନ୍ୟାସନାଲ ଏୟାରପୋର୍ଟକୁ ବୋମା ଧମକ ମିଳିବା ପରେ ସରକାର ତଦନ୍ତ ଆରମ୍ଭ କରିଛନ୍ତି । ଦୁଇଟି ଯାକ ସ୍ଥାନରେ ପୋଲିସ, ବୋମା ସ୍କ୍ୱାର୍ଡ, ଫାୟର ବ୍ରିଗେଡ, ସିଭିଲି ଡିଫେନ୍ସ ଏବଂ ଇଣ୍ଟେଲିଜେନ୍ସି ଟିମ୍ ପହଞ୍ଚିଛି । ଏୟାରପୋର୍ଟରେ ଦେଢ ଘଣ୍ଟାରୁ ଅଧିକ ସମୟ ସର୍ଚ୍ଚ ଅପରେସନ ଜାରି ରହିଛି । କିନ୍ତୁ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନଥିଲା । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରେ ମଧ ବୋମା ସ୍କ୍ୱାର୍ଡ ଏବଂ ସୁରକ୍ଷା ବଳ ପ୍ରତ୍ୟେକ ସ୍ଥାନରେ ଯାଞ୍ଚ କରୁଛି । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟକୁ ଧମକ ମିଳିବ ପରେ ସଚିବାଳୟ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି । ଅତିରିକ୍ତ ଫୋର୍ସ ଏବଂ ବରିଷ୍ଠ ପୋଲିସ ଅଧିକାରୀ ସଚିବାଳୟରେ ପହଞ୍ଚିଛନ୍ତି । ରାଜସ୍ଥାନ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଅଞ୍ଚଳକୁ ଘେରି କରିଛି । ବର୍ତ୍ତମାନ ଘଟଣା ସ୍ଥଳରେ ସୁରକ୍ଷା ଏଜେନ୍ସୀ ଏବଂ ଅନ୍ୟ ସୁରକ୍ଷା ଟିମ୍ ଉପସ୍ଥିତ ରହିଛନ୍ତି । ଘଣ୍ଟାଏରୁ ଅଧିକ ସମୟ ହେଲାଣି ସନ୍ଧାନ ଜାରି ରଖିଛନ୍ତି । ଏଯାଏଁ କୌଣସି ବିସ୍ଫୋଟକ ଜିନିଷ ମିଳିନାହିଁ ।

## ଜମ୍ମୁ କଶ୍ମୀର ଡୋଡାରେ ଭୂକମ୍ପ ଝଟକା

ଜମ୍ମୁ କଶ୍ମୀର : ଜମ୍ମୁ କଶ୍ମୀରରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଭୂକମ୍ପର ତୀବ୍ରତା ୪.୧ ରହିଛି । ସୂଚନା ମୁତାବକ, ଭୂକମ୍ପ ଯୋଗୁଁ ଏଯାଏଁ କୌଣସି କ୍ଷୟକ୍ଷତି ଆକଳନ କରାଯାଇନାହିଁ । ଭୂକମ୍ପର କେନ୍ଦ୍ର ୫ କିମି ଗଭୀରତା ଜଣାପଡିଛି । ଜମ୍ମୁ କଶ୍ମୀର ସହିତ ହିମାଚଳ ପ୍ରଦେଶ ଧର୍ମଶାଳା ସହରରେ ମଧ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଶନିବାର ସକାଳ ସମୟରେ ଡୋଡା ଅଞ୍ଚଳରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଭୂକମ୍ପ ଆସିବା ପରେ ଉଦ୍ଧାରକାରୀ ଦଳ ସ୍ଥିତି ଉପରେ ନଜର ରଖିଛି । ଲୋକଙ୍କୁ ସତର୍କ ରହିବାକୁ ଅପିଲ କରାଯାଇଛି । କୌଣସି ଜରୁରୀ ସ୍ଥିତିରୁ ମୁକୁଳିବା ପାଇଁ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି । ଗତ ମାସ ୨୮ ଜୁନରେ ଜମ୍ମୁ କଶ୍ମୀରରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଭୂକମ୍ପର ତୀବ୍ରତା ୩.୬ ରହିଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ୯ କିମି ଗଭୀରତାରେ ରହିଥିଲା । ତେବେ ଭୂକମ୍ପରେ କୌଣସି କ୍ଷୟକ୍ଷତି ହୋଇନଥିଲା । ତେବେ ଗତ ୧୪ ଦିନରେ ଦିଲ୍ଲୀ ଏନସିଆରରେ ବାରମ୍ବାର ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଗତ ୧୪ ଦିନ ଭିତରେ ୫ ଥର ଭୂକମ୍ପ ଝଟକା ଆସିଛି ।

## ମୁମ୍ବାଇର କେମିକାଲ ଫ୍ୟାକ୍ଟ୍ରିରେ ଭୟଙ୍କର ଅଗ୍ନିକାଣ୍ଡ

ମୁମ୍ବାଇ : ନଭି ମୁମ୍ବାଇର ତୁର୍ବେ ଗଓଉଡ ଅଞ୍ଚଳରେ ଥିବା ଏକ କେମିକାଲ୍ କମ୍ପାନୀରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏହି ଘଟଣାଟି ଆଜି ଭୋର ଭୋର ପ୍ରାୟ ୩ ଟା ସମୟରେ ଘଟିଥିବା ସୂଚନା ମିଳୁଛି । ସୂଚନା ପାଇବା ମାତ୍ରେ ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏପର୍ଯ୍ୟନ୍ତ ଏହି ଘଟଣାରେ କୌଣସି ମୃତାହତଙ୍କର ରିପୋର୍ଟ ନାହିଁ । ଏପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ । ଯାହାକୁ ନେଇ ବର୍ତ୍ତମାନ ଅଧିକ ତଦନ୍ତ ଆରମ୍ଭ ହୋଇଛି । ଅଧିକ ସୂଚନା ପାଇଁ ଅପେକ୍ଷା କରାଯାଇଛି । ଆପଣଙ୍କୁ ଜଣାଇ ଦେଉଛୁ ଯେ, ବୁଧବାର ଦିନ ମଧ ଥାଣେ ଜିଲ୍ଲାର ଡୋମ୍ବିଭଲିର ଏମଆଇଡିସି ସ୍ଥିତ ପୋଷାକ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟିଥିଲା । ଅପରାହ୍ଣ ସମୟରେ ଅଗ୍ନିକାଣ୍ଡ ଘଟିଥିଲା । ଯାହା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ନିଆଁକୁ ଆୟତ୍ତ କରିବା ପାଇଁ ଡୋମ୍ବିଭଲି ଏବଂ ନିକଟବର୍ତ୍ତୀ ଷ୍ଟେସନରୁ ପାଞ୍ଚଟି ଦମକଳ ଗାଡ଼ି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଦଳର ଏକ ଦଳକୁ ମାନପଡ଼ା ପୋଲିସ ଷ୍ଟେସନ ପଛପଟେ ନିୟୋଜିତ କରାଯାଇଥିଲା । ଅଧିକାରୀମାନେ କହିଛନ୍ତି ଯେ, ଏବେ ବି ତଦନ୍ତ କାର୍ଯ୍ୟ ଜାରି ରହିଛି । କିନ୍ତୁ ଅଗ୍ନିକାଣ୍ଡର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ନିକଟରେ ଛତିଶଗଡ଼ରୁ ମଧ ଭୟଙ୍କର ଦୁର୍ଘଟଣା ଦେଖିବାକୁ ମିଳିଥିଲା । କାରରେ ନିଆଁ ଲାଗି ଯିବାରୁ ୪ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟ ୨ଜଣ ଗଭୀର ଭାବେ ଆହତ ହୋଇଥିଲେ । ଘଟଣା ପରେ ଚିକିତ୍ସା ପାଇଁ ଆହତଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କାର୍ ସର୍ଟ ସର୍କିଟ୍ କାରଣରୁ କାରରେ ଅଗ୍ନିକାଣ୍ଡ ଘଟିଥିଲା । ଯାହାର ତଦନ୍ତ ମଧ ବର୍ତ୍ତମାନ ପୋଲିସ୍ ଜାରି ରଖିଛି ।

# ବଢ଼ିଛି ଭାରତୀୟ ରେଳର ବେଗ, ଏବେ ପବନ ବେଗରେ ଚାଲୁଛନ୍ତି ଟ୍ରେନ୍



ନୂଆଦିଲ୍ଲୀ : ଗତ ୧୦ ବର୍ଷରେ ଭାରତୀୟ ରେଳ ନେଟୱାର୍କରେ ଅନେକ ସୁଧାର ଆସିଛି । ଏହା ସହିତ ଦେଶର ୭୮% ରେଳ ଟ୍ରାକ୍ ଘଣ୍ଟାପ୍ରତି ୧୧୦ କିଲୋମିଟର ଓ ଏହାଠୁ ଅଧିକ ବେଗରେ ଟ୍ରେନ ଚାଲିବା ପାଇଁ ଅପଗ୍ରେଡ ହୋଇସାରିଛି । ଲୋକସଭାରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଦେଶରେ ଟ୍ରେନ ଏବେ ପବନ ସହ କଥା ହେଉଛନ୍ତି । ରେଳମନ୍ତ୍ରୀ କହିଛନ୍ତି ଯେ ଟ୍ରାକ୍ ଅପଗ୍ରେଡ ଉପାୟ ମଧ୍ୟରେ ୬୦ କେଜିର ରେଲୱେ ଟ୍ରାକ୍, ଚୌଡା ବେସ୍ ଥିବା କଂକ୍ରିଟ ସ୍ଲିପର, ମୋଟା ୱେବସ୍ୱିଚ୍, ଲମ୍ବା ରେଳ ପ୍ୟାନେଲ, ଏଚ ବିମ ସ୍ଲିପର, ଆଡଭାନ୍ସ ଟ୍ରାକ୍ ରିନିୱାଲ ଓ ରକ୍ଷଣାବେକ୍ଷଣାରେ ମେସିନର ଉପଯୋଗ ମଧ ରହିଛି । ଟ୍ରେନ ଘଣ୍ଟା ପ୍ରତି ୧୩୦ କିମିରୁ ଅଧିକ ବେଗରେ ଚାଲିବା ପାଇଁ ୨୦୧୪ରେ ଥିବା ୫,୦୩୬ କିଲୋମିଟର ଦୀର୍ଘ ଟ୍ରାକ୍ କୁ ୪ ଗୁଣାରୁ ଅଧିକ ବଢାଇ ୨୦୨୫ ମସିହା ବେଳକୁ ୨୩,୦୧୦ କିଲୋମିଟର କରାଯାଇଛି, ଯାହା ମୋଟ ଟ୍ରାକ୍ ଦୀର୍ଘତାର ୨୧.୮%ରୁ ବି ଅଧିକ। ରାଜ୍ୟସଭାରେ ଉତ୍ତର ରଖି ବୈଷ୍ଣବ କହିଛନ୍ତି ଯେ ପ୍ରଥମେ ଏହି ହାଇ-ସ୍ପିଡ୍ ସେକ୍ସନର ମୋଟ ଦୀର୍ଘତା ୬.୩% ଥିଲା। ଏହା ସହିତ ଘଣ୍ଟା ପ୍ରତି ୧୧୦ରୁ ୧୩୦ କିଲୋମିଟର ବେଗରେ ଟ୍ରେନ ଚାଲିବା ପାଇଁ ୨୦୧୪ ମସିହାରେ ଥିବା ୨୬,୪୦୯ କିଲୋମିଟର ଟ୍ରାକ୍ ୨୦୨୫ ମସିହା ବେଳକୁ ୫୯,୮୦୦ କିଲୋମିଟରକୁ ପହଞ୍ଚା ଯାଇଛି। ଯାହା ଏବେ ମୋଟ ଟ୍ରାକ୍ ନେଟୱାର୍କର ୫୬.୬% କୁ ପହଞ୍ଚିଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ବର୍ତ୍ତମାନ ସମୟରେ ଇଣ୍ଡିଆନ ରେଲୱେ ନେଟୱାର୍କ ରେ ଚାଲୁଥିବା ବନ୍ଦେ ଭାରତ ଟ୍ରେନ ସେମି ହାଇ-ସ୍ପିଡ ଟ୍ରେନ ଅଟେ। ଏହି ଟ୍ରେନର ଡିଜାଇନ ସ୍ପିଡ ଘଣ୍ଟା ପ୍ରତି ୧୮୦କିଲୋମିଟର ଥିବା ବେଳେ ମ୍ୟାକ୍ସିମମ ଅପରେଟିଂ ସ୍ପିଡ ପ୍ରତି ଘଣ୍ଟା ୧୬୦ କିଲୋମିଟର ରହିଛି। ଟ୍ରେନର ହାରାହାରି ଗତି ଟ୍ରାକ୍ ର ଜ୍ୟାମିତି, ରାସ୍ତାରେ ରହଣୀ ଓ ସେକ୍ସନରେ ରକ୍ଷଣାବେକ୍ଷଣା କାର୍ଯ୍ୟ ଉପରେ ନିର୍ଭର କରୁଛି। ବନ୍ଦେଭାରତ ସ୍ଲିପର ଟ୍ରେନ ସେଟ୍ ର ପ୍ରଥମ ପ୍ରୋଟୋ ଟାଇପ୍ ର ନିର୍ମାଣ ପୂର୍ବରୁ ସରିଛି। ସେ କହିଛନ୍ତି ଯେ ବ୍ୟାପକ ଫିଲ୍ଡ ପରୀକ୍ଷଣ ଓ ଏଥିରୁ ପ୍ରାପ୍ତ ଅଭିଜ୍ଞତାକୁ ଆଧାର କରି ବନ୍ଦେ ଭାରତ ସ୍ଲିପର ଟ୍ରେନର ପ୍ରଥମ ରାକ୍ କୁ ଚାଲୁ କରାଯିବ।

## ଗୋଆର ରାଜ୍ୟପାଳ ଭାବେ ଶପଥ ନେଲେ ଅଶୋକ ଗଜପତି ରାଜୁ




ଗୋଆ : ଆଜି ଗୋଆର ନୂତନ ରାଜ୍ୟପାଳ ଭାବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଶୋକ ଗଜପତି ରାଜୁ ଶପଥ ଗ୍ରହଣ କରିଛନ୍ତି । ପୂର୍ବତନ ଟିଡିପି ନେତା ଏବଂ ନବନିଯୁକ୍ତ ଗୋଆର ରାଜ୍ୟପାଳ କହିଛନ୍ତି କି ସେ ଗୋଆ ଆସି ବହୁତ ଖୁସି ଅଛନ୍ତି । ବିଶେଷକରି ଗୋଆର ଲୋକଙ୍କ ସେବା କରିବା ପାଇଁ ଭାରତର ସମ୍ବିଧାନ ଉପରେ ଶପଥ ନେଉଛି କହିଛନ୍ତି ନବାଗତ ରାଜପାଳ । ଏପରି ପଦବୀରେ ସେ ପ୍ରଥମ ଥର ପାଇଁ କାମ କରୁଛନ୍ତି , କିନ୍ତୁ ରାଜନୀତିରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି । ଅଧିକ ଅଭିଜ୍ଞତା ସହିତ ଅଧିକ ଧନୀ ହେବାକୁ ଆଶା କରୁଛି ବୋଲି କହିଛନ୍ତି ନବାଗତ ରାଜପାଳ । ସେହି ସମୟରେ ସେ ଲୋକମାନଙ୍କୁ ସରକାରଙ୍କ ସହିତ ମିଶି କାମ କରିବାକୁ ବିଶେଷ ଭାବରେ ନିବେଦନ କରିଛନ୍ତି ଯାହା ଦ୍ୱାରା ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିପାରିବ । ପୁଷପତି ଅଶୋକଙ୍କ ଜନ୍ମ ୨୬ ଜୁନ୍ ୧୯୫୧ ମସିହାରେ ଚେନ୍ନାଇରେ ହୋଇଥିଲା । ସେ ଗୋଆର ୨୦ତମ ରାଜ୍ୟପାଳ ଭାବରେ ଦାୟିତ୍ୱ ଗ୍ରହଣ କରିବେ । ବରିଷ୍ଠ ଟିଡିପି ନେତା ପୁଷପତି ଅଶୋକ ପିଏସ ଶ୍ରୀଧରନ ପିଲ୍ଲାଇଙ୍କ ସ୍ଥାନ ନେଇଛନ୍ତି । ପୂର୍ବତନ ରାଜ୍ୟପାଳ ପିଲ୍ଲାଇଙ୍କୁ ଗୁରୁବାର ବିଦାୟ ଦିଆଯାଇଥିଲା । ସେ ୨୦୧୪ ରୁ ୨୦୧୮ ପର୍ଯ୍ୟନ୍ତ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଭାବରେ କାମ କରିଥିଲେ । ସେ ଆନ୍ଧ୍ର ପ୍ରଦେଶ ସରକାରରେ ମନ୍ତ୍ରୀ ପଦରେ ମଧ କାର୍ଯ୍ୟ କରିଛନ୍ତି। ଅଶୋକ ଗଜପତି ରାଜୁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ମନ୍ତ୍ରୀ ଭାବରେ କାମ କରିଛନ୍ତି । ୨୦୧୪ ଲୋକସଭା ନିର୍ବାଚନରେ ସେ ବିଜୟନଗରମ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଥମ କାର୍ଯ୍ୟକାଳରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ୨୦୧୮ରେ ଅଶୋକ ଗଜପତି ରାଜୁ ମୋଦି ସରକାରରୁ ଇସ୍ତଫା ଦେଇଥିଲେ । ଅଶୋକ ଗଜପତି ରାଜୁ ତେଲୁଗୁ ଦେଶମ ବିଧାୟକ ଏବଂ ଆନ୍ଧ୍ରପ୍ରଦେଶରେ ୫ ଥର ପଲିଟବ୍ୟୁରୋ ଦଳର ସଦସ୍ୟ ରହିସାରିଛନ୍ତି ।

## ଚଳନ୍ତା ଆମ୍ବୁଲାନ୍ସରେ ମହିଳାଙ୍କୁ ଗଣଦୁଷ୍କର୍ମ




ବିହାର: ବିହାରୁ ରୁ ଏକ ଏକ ଆଶ୍ଚର୍ଯ୍ୟଜନକ ଓ ଲଜ୍ଜାକର ଘଟଣା ସାମନାକୁ ଆସିଛି । ଘଟଣାଟି ଘଟିଛି ଗୟା ଜିଲ୍ଲାରେ । ହୋମଗାର୍ଡ ନିଯୁକ୍ତି ଅଭିଯାନରେ ଅଂଶଗ୍ରହଣ କରୁଥିବା ଜଣେ ୨୬ ବର୍ଷୀୟ ମହିଳା ଶାରୀରିକ ପରୀକ୍ଷା ସମୟରେ ଚେତାଶୂନ୍ୟ ହୋଇ ପଡିଥିଲେ । ଏହାପରେ ଉକ୍ତ ମହିଳାଙ୍କୁ ଚଳନ୍ତା ଆମ୍ବୁଲାନ୍ସରେ ଗଣ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଜୁଲାଇ ମାସ ୨୪ ତାରିଖରେ ବୋଧଗୟାର ବିହାର ସାମରିକ ପୋଲିସ ପଡ଼ିଆରେ ଏହି ଘଟଣା ଘଟିଥିଲା, ଯେଉଁଠାରେ ନିଯୁକ୍ତି ଅଭ୍ୟାସ ଚାଲିଥିଲା । ପୋଲିସର ସୂଚନା ଅନୁଯାୟୀ, ମହିଳା ଜଣକ ଶାରୀରିକ ପରୀକ୍ଷା ସମୟରେ ଅଚେତ ହୋଇଯାଇଥିଲେ ଏବଂ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା ଯେଉଁ ସମୟରେ ତାଙ୍କ ସହିତ ଏହି ଘଟଣା ହୋଇଥିଲା । ମହିଳା ଜଣକ ହସ୍ପିଟାଲ କର୍ମଚାରୀ ଏବଂ ପୋଲିସକୁ ଏହି ଘଟଣା ସମ୍ପର୍କରେ ଜଣାଇଥିଲେ । ସେ ଅଚେତ ଥିବା ସମୟରେ ଆମ୍ବୁଲାନ୍ସ ଭିତରେ ଅନେକ ବ୍ୟକ୍ତି ତାଙ୍କ ସହ ଦୁଷ୍କର୍ମ କରିଥିଲେ । ବୋଧଗୟା ପୋଲିସ ଷ୍ଟେସନରେ ଏକ ରିପୋର୍ଟ କରାଯାଇଥିଲା। ଏହାପରେ ତୁରନ୍ତ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ ହୋଇଥିଲା । ଏକ ଫୋରେନସିକ୍ ଦଳ ନିୟୋଜିତ କରାଯାଇଥିଲା। କିଛି ଘଣ୍ଟା ମଧ୍ୟରେ, ଦୁଇ ସନ୍ଦିଗ୍ଧ – ଆମ୍ବୁଲାନ୍ସ ଡ୍ରାଇଭର ବିନୟ କୁମାର ଏବଂ ଟେକ୍ନିସିଆନ୍ ଅଜିତ କୁମାର -ଙ୍କୁ ଗିରଫ କରାଯାଇଥିଲା । ଉଭୟ ବର୍ତ୍ତମାନ ପୋଲିସ ହେପାଜତରେ ଅଛନ୍ତି ଏବଂ ପଚରାଉଚରା କରାଯାଉଛି । ମହିଳା ଜଣକ ପୋଲିସକୁ କହିଥିଲେ ଯେ ଯାତ୍ରାର ଅଧିକାଂଶ ସମୟ ସେ ଚେତାଶୂନ୍ୟ ଥିଲେ ମଧ, ତାଙ୍କର ଆଂଶିକ ଚେତା ଫେରିଆସିଥିଲା । ତାଙ୍କୁ ତିନିରୁ ଚାରି ଜଣ ପୁରୁଷ ଗଣ ଦୁଷ୍କର୍ମ କରିଥିଲେ ବୋଲି କହିଛନ୍ତି ମହିଳା । ତେବେ ଏହି ଘଟଣା ଉତ୍ତେଜନା ସୃଷ୍ଟି କରିଛି । ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ସାଂସଦ ଚିରାଗ ପାସୱାନ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପାଇଁ ବିହାର ସରକାରଙ୍କୁ ନିନ୍ଦା କରିଛନ୍ତି । ଏହି ଭୟଙ୍କର ଅପରାଧ ରାଜ୍ୟର ପୋଲିସ ବ୍ୟବସ୍ଥାର ବିଫଳତାକୁ ପ୍ରମାଣ କରୁଛି ବୋଲି କହିଛନ୍ତି । ଏହି ଘଟଣାର ତଦନ୍ତ ଜାରି ରହିଛି, ଦୋଷୀ ସାବ୍ୟସ୍ତ ହୋଇଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶୃତି ଦେଇଛନ୍ତି ।

## ଥାଇଲାଣ୍ଡ-କମ୍ବୋଡ଼ିଆ ସୀମା ବିବାଦ, ଭାରତୀୟ ଦୂତାବାସ ନାଗରିକଙ୍କ ପାଇଁ ଜାରି କଲା ଆଡଭାଇଜରୀ



ନୂଆଦିଲ୍ଲୀ : ଥାଇଲାଣ୍ଡ-କମ୍ବୋଡ଼ିଆ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାରୁ କମ୍ବୋଡିଆରେ ଥିବା ଭାରତୀୟ ଦୂତାବାସ ତରଫରୁ ଆଡଭାଇଜରୀ ଜାରି ହୋଇଛି । ସୀମାବର୍ତ୍ତୀ ଅଂଚଳକୁ ନ ଯିବା ପାଇଁ କମ୍ବୋଡ଼ିଆରେ ରହୁଥିବା ଭାରତୀୟଙ୍କୁ ଦିଆଯାଇଛି ପରାମର୍ଶ । ଜରୁରୀକାଳୀନ କ୍ଷେତ୍ରରେ ଦୂତାବାସ ସହ ଯୋଗାଯୋଗ କରିବାକୁ କୁହାଯାଇଛି । ଏହାପୂର୍ବରୁ ଥାଇଲାଣ୍ଡରେ ଥିବା ଭାରତୀୟ ଦୂତାବାସ ମଧ ଆଡଭାଇଜରୀ ଜାରି କରିଥିଲା । ଉତ୍ତେଜନା ଦୃଷ୍ଟିରୁ ଥାଇଲାଣ୍ଡର ୭ଟି ପ୍ରଦେଶକୁ ଭ୍ରମଣ ନ କରିବାକୁ ପରାମର୍ଶ ଦିଆଯାଇଥିଲା । ଜାରି ହୋଇଥିବା ଆଡଭାଇଜରୀରେ କୁହାଯାଇଛି, “କମ୍ବୋଡିଆ-ଥାଇଲାଣ୍ଡ ସୀମାରେ ଚାଲିଥିବା ସଂଘର୍ଷ ଯୋଗୁଁ, ଭାରତୀୟ ନାଗରିକମାନଙ୍କୁ ସୀମାବର୍ତ୍ତୀ ଅଞ୍ଚଳକୁ ଯାତ୍ରା ନକରିବାକୁ ପରାମର୍ଶ ଦିଆଯାଇଛି ।” ଦୂତାବାସ ଏହା ମଧ କହିଛି ଯେ, କୌଣସି ଜରୁରୀକାଳୀନ ପରିସ୍ଥିତିରେ, ଭାରତୀୟ ନାଗରିକମାନେ +୮୫୫ ୯୨୮୮୧୬୭୬ ନମ୍ବରରେ କିମ୍ବା ଇମେଲ୍ କରି ଫୋମ ପେନସ୍ଥିତ ଭାରତୀୟ ଦୂତାବାସ ସହିତ ଯୋଗାଯୋଗ କରିପାରିବେ। ଥାଇଲ୍ୟାଣ୍ଡ ଏବଂ କାମ୍ବୋଡିଆର ସୀମାବର୍ତ୍ତୀ ଅଞ୍ଚଳରେ ସଂଘର୍ଷ ଘଟିବା ପରେ କମ୍ବୋଡିଆ ଏବଂ ଥାଇଲ୍ୟାଣ୍ଡର ସୀମାରେ ଏହି ଘଟଣା ଘଟିଛି, ଯାହା ଏକ ବଡ଼ ମାନବିକ ସଙ୍କଟ ସୃଷ୍ଟି କରିଛି । ମାତ୍ର ଦୁଇ ଦିନର ସଂଘର୍ଷରେ ଏକ ଲକ୍ଷରୁ ଅଧିକ ଲୋକ ନିଜ ଘର ଛାଡି ପଳାଇବାକୁ ବାଧ ହୋଇଛନ୍ତି । ଦୁଇ ଦିନ ଧରି ସୀମାପାର ଯୁଦ୍ଧ ପରେ କମ୍ବୋଡିଆ ଏବଂ ଥାଇଲ୍ୟାଣ୍ଡ ଉଭୟ ଜାତିସଂଘ ସୁରକ୍ଷା ପରିଷଦ (ଟଘଝଡ)କୁ ଚିଠି ଲେଖିଛନ୍ତି, ଉଭୟ ଦକ୍ଷିଣପୂର୍ବ ଏସୀୟ ଦେଶର ସ୍ଥାନୀୟ ଗଣମାଧ୍ୟମ ଶନିବାର ରିପୋର୍ଟ କରିଛି । ଏହି ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ୧୫ ସଦସ୍ୟ ବିଶିଷ୍ଟ ଜାତିସଂଘ ସଂସ୍ଥା ଶନିବାର ଏକ ଜରୁରୀକାଳୀନ ବୈଠକ ସ୍ଥିର କରିଛି ।

## ଲିବିଆଇ ଉପକୂଳ ନିକଟରେ ଅଭାବନୀୟ ଘଟଣା, ୟୁରୋପ ଯାଉଥିବା ଡଙ୍ଗା ବୁଡ଼ି ୧୫ ପ୍ରବାସୀ ମୃତ



ନୂଆଦିଲ୍ଲୀ : ଗତକାଲି ଲିବିଆଇ ଉପକୂଳ ନିକଟରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଡ଼ଙ୍ଗା ବୁଡ଼ି ସେଥିରେ ୧୫ଜଣ ପ୍ରବାସୀଙ୍କ ମୃତ୍ୟୁ ଘଟିଛି । ଏହା ସମ୍ପର୍କରେ ଲିବିଆଇର ଜଣେ ଅଧିକାରୀ ସ୍ପଷ୍ଟ କରି କହିଛନ୍ତି । ସମସ୍ତ ମୃତକ ମିଶରର ବାସିନ୍ଦା ବୋଲି ଜଣାପଡିଛି । ଗତକାଲି ବିଳମ୍ବିତ ରାତି ପ୍ରାୟ ୨ଟାରେ ଏପରି ଘଟଣା ସାମ୍ନାକୁ ଆସିଛି । କିନ୍ତୁ ଏପର୍ଯ୍ୟନ୍ତ ଡଙ୍ଗା ବୁଡ଼ିବାର କାରଣ ଜଣାପଡିନାହିଁ । ଦୁଇ ଜଣ ସୁଦାନୀ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରାଯାଇଥିବାବେଳେ ତୃତୀୟ ଜଣ ଏପର୍ଯ୍ୟନ୍ତ ନିଖୋଜ ରହିଛନ୍ତି । ଏହି ଦୁର୍ଘଟଣାରେ କେତେଜଣ ନିଖୋଜ ରହିଛନ୍ତି ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଏହି ଦୁର୍ଘଟଣାରେ ୧୦ଜଣ ବଞ୍ଚିଯାଇଥିବା ସ୍ଥାନୀୟ ସହାୟତା ଗୋଷ୍ଠୀ ଆର୍ବ୍ରିନ୍ ଗତକାଲି ଅପରାହ୍ଣରେ ସୋସିଆଲ ମିଡିଆରେ କହିଛି । ନିକଟରେ ଲିବିଆଇ ଉପକୂଳରେ ୩୨ ଜଣଙ୍କୁ ନେଇ ଯାଉଥିବା ଏକ ପ୍ରବାସୀ ଡଙ୍ଗା ଇଞ୍ଜିନ୍ ଖରାପ ହେବା କାରଣରୁ ଡଙ୍ଗା ଓଲଟି ପଡ଼ିଥିଲା । ଯେଉଁଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨୨ ଜଣ ନିଖୋଜ ରହିଛନ୍ତି । କିନ୍ତୁ ଏଥିରୁ ନଅ ଜଣଙ୍କୁ ଉଦ୍ଧାର କରାଯାଇଛି ବୋଲି ତୋବ୍ରୁକର ତଟରକ୍ଷୀ ବାହିନୀ କହିଛି । ଅନ୍ତର୍ଜାତୀୟ ସଂଗଠନ ଏପିକୁ କହିଛି ଯେ, ବର୍ତ୍ତମାନ ସୁଦ୍ଧା ଭୂମଧ୍ୟସାଗରୀୟ ରାସ୍ତାରେ ୫୩୧ ପ୍ରବାସୀ ମୃତ୍ୟୁବରଣ କରିଛନ୍ତି ଏବଂ ୭୫୪ ଜଣ ନିଖୋଜ ପ୍ରବାସୀ ରହିଥିବା ରିପୋର୍ଟରେ ରହିଛି । ୨୦୨୩ ପୂର୍ବରୁ ପ୍ରାୟ ୧୭,୨୦୦ ପ୍ରବାସୀଙ୍କୁ ଅଟକାଇ ଲିବିୟାକୁ ଫେରାଇ ଦିଆଯାଇଥିଲା ।

# ନାବାଳକଙ୍କୁ ଯୌନ ନିର୍ଯାତନା ଦେଲେ ୧୩ ଦୁର୍ବୃତ୍ତ , ପରେ କଲେ ହତ୍ୟା

ନୂଆଦିଲ୍ଲୀ : ଦିଲ୍ଲୀରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଯେଉଁଥିରେ ୧୩ ଜଣ ଲୋକ ଜଣେ ୧୪ ବର୍ଷୀୟ ବାଳକକୁ ଯୌନ ନିର୍ଯାତନା ଦେଇଥିଲେ । ଏହା ପରେ ସେମାନେ ତାଙ୍କୁ ୨୪ ଥର ଛୁରୀ ଭୁସି ହତ୍ୟା କରି ତାଙ୍କ ମୃତଦେହକୁ କେନାଲରେ ଫିଙ୍ଗି ଦେଇଥିଲେ । ପୋଲିସ ଜୁଲାଇ ୧ ତାରିଖରେ ବାଳକର ମୃତଦେହ ଉଦ୍ଧାର କରିଥିଲା । ଏହା ପରେ ପୋଲିସ ତଦନ୍ତ କରିବା ସମୟରେ ଏହି ମାମଲାରେ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ୩ ଜଣ ଅଭିଯୁକ୍ତ ଏବେ ବି ଫେରାର୍ ଅଛନ୍ତି । ଏହି ଜଘନ୍ୟ ହତ୍ୟାକାଣ୍ଡର ଅଭିଯୁକ୍ତ ସନ୍ଦେହ କରୁଥିଲେ ଯେ ବାଳକଟି ଅନ୍ୟ ଏକ ଗ୍ୟାଙ୍ଗର ସୂଚନାଦାତା । ପୋଲିସ ଏହା ମଧ କହିଛି ଯେ ତିନି ଜଣ ଅଭିଯୁକ୍ତ ଏକ କନୱାର କ୍ୟାମ୍ପରେ ଲୁଚି ରହିଥିଲେ । ଏଥି ସହ ଏହି ତିନି ଜଣଙ୍କୁ ଏଠାରୁ ଗିରଫ କରାଯାଇଥିଲା । ଜୁଲାଇ ୧ ତାରିଖରେ ଦିଲ୍ଲୀର ଏକ କେନାଲରୁ କିଶୋରର ମୃତଦେହ ମିଳିଥିଲା । ମୃତଦେହର ୨୪ଟି ଛୁରାମାଡ଼ ଏବଂ ଗୁପ୍ତାଙ୍ଗରେ ଗୁରୁତର ଆଘାତ ଥିଲା ବୋଲି ଶୁକ୍ରବାର ଜଣେ ପୋଲିସ ଅଧିକାରୀ କହିଛନ୍ତି । ଜୁନ୍ ୨୯ ଏବଂ ୩୦ ମଧ ରାତିରେ ଏହି ଅପରାଧ ଘଟିଥିବା ଅଭିଯୋଗ ହୋଇଛି । ପୋଲିସ ଅଧିକାରୀ କହିଛନ୍ତି ଯେ ମୁଖ୍ୟ ଅଭିଯୁକ୍ତ କୃଷ୍ଣ ଓରଫ ଭୋଲା, ସମେତ ଅପରାଧରେ ସମ୍ପୃକ୍ତ ୧୦ ଜଣଙ୍କୁ ହେପାଜତକୁ ନିଆଯାଇଛି । ଅଟକ ଥିବା ତିନି ଜଣଙ୍କୁ ଉତ୍ତର ପ୍ରଦେଶର ମେରଠର ଏକ କନୱାର ଶିବିରରୁ ପୋଲିସ ଗିରଫ କରିଥିଲା । ପୋଲିସ କନୱାରିଆ ବେଶରେ କନୱାର ଶିବିରକୁ ଯାଇଥିଲା । ପୋଲିସର କହିବା ଅନୁଯାୟୀ, ମୃତ କିଶୋର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ‘ବାଧୱାର ଭାଇ’ ମୋନୁ ଏବଂ ସୋନୁଙ୍କ ସୂଚନାଦାତା ବୋଲି ସନ୍ଦେହ କରି କୃଷ୍ଣ ହତ୍ୟା ଯୋଜନା କରିଥିଲେ ବୋଲି ଅଭିଯୋଗ ହୋଇଛି । ମୋନୁ ଏବଂ ସୋନୁ ଗତ ବର୍ଷ କୃଷ୍ଣଙ୍କୁ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଛି । ଜୁଲାଇ ୧ ତାରିଖ ଭୋର ୩.୧୦ ରେ ସମୟପୁର ବଦଲି ପୋଲିସ ଷ୍ଟେସନକୁ ଏକ ମୃତଦେହ ମିଳିବା ସମ୍ପର୍କରେ ଏକ ପିସିଆର କଲ୍ ମିଳିଥିଲା । ଏଥି ସହ ଜାଣିରଖନ୍ତୁ ଯେ, ମୁନାକ କେନାଲରେ ଜଣେ ନାବାଳକର ପଚିଯାଇଥିବା ଏବଂ ସମ୍ପୂର୍ଣ୍ଣ ଉଲଗ୍ନ ମୃତଦେହ ମିଳିଥିଲା, ଯାହା ବେକରେ ସ୍କାର୍ଫ ଗୁଡ଼ାଯାଇଥିଲା ଏବଂ ତାଙ୍କ ଶରୀରରେ ଅନେକ ଛୁରି ମାରାତ୍ମକ କ୍ଷତ ଥିଲା,” ପୋଲିସ ଡେପୁଟି କମିଶନର ହରେଶ୍ୱର ସ୍ୱାମୀ କହିଛନ୍ତି । ପରେ ତାଙ୍କୁ ଜଣେ ୧୪ ବର୍ଷୀୟ ନାବାଳକ ଭାବରେ ଚିହ୍ନଟ କରାଯାଇଥିଲା ଏବଂ ଭାରତୀୟ ଦଣ୍ଡ ସଂହିତା (ଇଘଝ)ର ଧାରା ୧୦୩ (୧) (ହତ୍ୟା) ଏବଂ ୨୩୮ (ଇ) (ପ୍ରମାଣ ହଜିଯିବା କିମ୍ବା ଅପରାଧୀକୁ ସୁରକ୍ଷା ଦେବା ପାଇଁ ଭୁଲ ସୂଚନା ଦେବା) ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିଲା । ହେଲେ, ପୋଷ୍ଟମର୍ଟମ୍ ରିପୋର୍ଟ ଅପରାଧର ନିର୍ମମତା ପ୍ରକାଶ କରିଥିଲା । “ପୋଷ୍ଟମର୍ଟମ୍ ରିପୋର୍ଟରୁ ଜଣାପଡ଼ିଥିଲା ଯେ ନାବାଳକର ଶରୀରରେ ୨୪ଟି ଛୁରି ମାରାତ୍ମକ କ୍ଷତ ଥିଲା,” ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ପୋଷ୍ଟମର୍ଟମ ରିପୋର୍ଟରେ ନାବାଳକଙ୍କ ବିଭତ୍ସ ଯୌନ ନିର୍ଯାତନା ମଧ ପ୍ରକାଶ ପାଇଛି । ଏବେ ମାମଲାରେ ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଆଇନର ଧାରା ୬ ଯୋଡାଯାଇଛି । ପୋଲିସ ଅଧିକାରୀ କହିଛନ୍ତି, “ଆମେ ସୋସିଆଲ ମିଡିଆରେ ତାଙ୍କ କାର୍ଯ୍ୟକଳାପ ମାଧ୍ୟମରେ ଜଣେ ନାବାଳକ ଅଭିଯୁକ୍ତଙ୍କୁ ଖୋଜି ପାଇଲୁ । ହରିଦ୍ୱାରର ତିନି ଜଣ ଅଭିଯୁକ୍ତ ମୋନୁ ଏବଂ ଦୁଇ ଜଣ ନାବାଳକ କନୱାର ଯାତ୍ରା ପାଇଁ ମେରଠ ଆସିଥିଲେ । ସେମାନେ ମେରଠର କନୱାର ଶିବିରରେ ରହୁଥିଲେ ।” କୌଣସି ଅପ୍ରୀତିକର ଘଟଣା ଏଡାଇବା ପାଇଁ ପୋଲିସ ମଧ କାନୱାରିଆଙ୍କ ବେଶରେ ଶିବିରରେ ପ୍ରବେଶ କରିଥିଲା । ପୋଲିସ ଅଧିକାରୀ କହିଛନ୍ତି, “ଆମେ ସେମାନଙ୍କୁ ୧୮ ଜୁଲାଇ ରାତିରେ ସ୍ଥାନୀୟ ପୋଲିସ ଏବଂ ଦିଲ୍ଲୀରୁ ପଠାଯାଇଥିବା ଏକ ଦଳ ସହାୟତାରେ ଧରିଥିଲୁ ।” ପଚରାଉଚରା ସମୟରେ, ସେମାନେ ଅପରାଧ ସ୍ୱୀକାର କରିଥିବା ଏବଂ ଅନ୍ୟ ତିନି ଅଭିଯୁକ୍ତ ଦୀପକ, ଚନ୍ଦନ ଏବଂ ସଚିନଙ୍କ ପରିଚୟ ପ୍ରକାଶ କରିଥିବା ଜଣାପଡିଛି । ଏଥି ସହ ସେମାନଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଜାରି ରହିଛି ।

# ରୁଟଙ୍କ ପରେ ଷ୍ଟୋକ୍ସଙ୍କ ଶତକ : ମଜବୁତ ସ୍ଥିତିରେ ଇଂଲଣ୍ଡ

**ମାଞ୍ଚେଷ୍ଟର,୨୬।୭:** ମାଞ୍ଚେଷ୍ଟର ଟେଷ୍ଟରେ ସମସ୍ତଙ୍କୁ ନିରାଶ କରିଛନ୍ତି ଭାରତୀୟ ବୋଲର। ତୃତୀୟ ଦିନ ଭଳି ୪ର୍ଥ ଦିବସର ପ୍ରଥମ କିଛି ଘଣ୍ଟା ଭାରତୀୟ ବୋଲରଙ୍କୁ କଡ଼ା ପ୍ରହାର କରିବା ପରେ ଇଂଲଣ୍ଡ ପ୍ରଥମ ଇନିଂସରେ ଅଲଆଉଟ ହୋଇ ଯାଇଛି। ତୃତୀୟ ଦିନରେ ଜୋ ରୁଟ ୧୫୦ ରନର ଇନିଂସ ଖେଳିଥିବା ବେଳେ ଆଜି ଅଧିନାୟକ ବେନ ଷ୍ଟୋକ୍ସଙ୍କ ବ୍ୟାଟରୁ ବାହାରିଛି ଶତକ। ଷ୍ଟୋକ୍ସଙ୍କ ଶତକ ସହ ଇଂଲଣ୍ଡ ଏବେ ମଜବୁତ ସ୍ଥିତିରେ ପହଞ୍ଚି ଯାଇଛି। ଭାରତର ପ୍ରଥମ ଇନିଂସ ସ୍କୋର ୩୫୮ ରନର ଜବାବରେ ଇଂଲଣ୍ଡ ୩୧୧ ରନର ବିଶାଳ ଲିଡ ହାସଲ କରି ନେଇଛି। ଇଂଲଣ୍ଡ ତା'ର ପ୍ରଥମ ଇନିଂସରେ ସମସ୍ତ ୱିକେଟ ହରାଇ ୬୬୯ ରନ କରି ନେଇଛି। ଭାରତୀୟ ବୋଲର ଓ ଫିଲ୍ଡରଙ୍କୁ ୧୫୦ରୁ ଅଧିକ ଓଭର ପଡ଼ିଆରେ କାଟିବାକୁ ଇଂଲଣ୍ଡ ବାଧ୍ୟ କରିଛି। ଦ୍ୱିତୀୟ ଦିନରେ ଇଂଲଣ୍ଡର ଦୁଇ ଓପନର ବେନ ଡକେଟ(୯୪) ଓ ଜ୍ୟାକ କ୍ରଉଲୀ (୮୪) ଭାରତୀୟ ବୋଲରଙ୍କୁ କଡ଼ା ପ୍ରହାର କରିଥିଲେ। ତୃତୀୟ ଦିନରେ ଜୋ ରୁଟ(୧୫୦), ଓଲି ପପୋ (୭୧) ଓ ବେନ ଷ୍ଟୋକ୍ସ (୭୭) ନିରାଶ କରିଥିଲେ। ୪ର୍ଥ ଦିନରେ ବେନ ଷ୍ଟୋକ୍ସ ଓ ଇଂଲଣ୍ଡର ଟେଲେଣ୍ଡର ଭାରତୀୟ ବୋଲରଙ୍କ



ଝାଳ ବାହାର କରି ଦେଇଛନ୍ତି।

ଇଂଲଣ୍ଡ ୪ର୍ଥ ଦିନର ପ୍ରଥମ ଦେଢ଼ ଘଣ୍ଟା ବ୍ୟାଟିଂ କରିବା ପରେ ଅଲଆଉଟ ହୋଇ ଯାଇଛି। ଦେଢ଼ ଘଣ୍ଟା ଇଂଲଣ୍ଡ ଦ୍ରୁତ ଗତିରେ ରନ ସଂଗ୍ରହ କରିଥିଲା। ଗତକାଲି ଖେଳ ଶେଷ ସୁଦ୍ଧା ଇଂଲଣ୍ଡ ୭ ୱିକେଟ ହରାଇ ୫୪୪ ରନ କରିଥିଲା। ଏବେ ଦଳ ୬୬୯ ରନ କରିବା ପରେ ଅଲଆଉଟ ହୋଇଛି। ସେହିପରି ଲିଡକୁ ୧୮୬ରୁ ୩୧୧ରେ ପହଞ୍ଚାଇ ଦେଇଛି। ଭାରତକୁ ଏବେ ମ୍ୟାଚ ବଞ୍ଚାଇବାକୁ ପୂରା ଦୁଇ ଦିନ ବ୍ୟାଟିଂ କରିବ। ଇଂଲିଶ କଣ୍ଡିସନରେ ଭାରତୀୟ ବ୍ୟାଟର ଏତେ ସମୟ ବ୍ୟାଟିଂ କରି ପାରୁଛନ୍ତି କି ନାହିଁ, ତା' ମଧ୍ୟ ବଡ଼ ପ୍ରଶ୍ନବାଚୀ ହୋଇ ଛିଡ଼ା ହୋଇଛି। ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଇଂଲଣ୍ଡ ୧୮୬ ରନର ଲିଡ ହାସଲ କରି ନେଇଥିଲା। ଗତକାଲିର ଦୁଇ ଅପରାଜି ବ୍ୟାଟର ଲିଆମ ଡାୱସନ ଓ ବେନ ଷ୍ଟୋକ୍ସ ଆଜି ଇଂଲଣ୍ଡର ରନର ଗତିକୁ ଆଗକୁ ବାଢ଼ାଇଥିଲେ। ତେବେ ୨୬ ରନ କରିଥିବା ଡାୱସନଙ୍କୁ ବୋଲ୍ଡ କରି ଯଶପ୍ରୀତ ବୁମ୍ରା ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ଏହାପରେ ଷ୍ଟୋକ୍ସଙ୍କ ସହ ବ୍ରାୟଡନ କାର୍ସ ଯୋଗ ଦେଇଥିଲେ।

ଉଭୟ ବେଶ ସତର୍କତାର ସହ ବ୍ୟାଟିଂ କରିବା ସହ ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ। ଷ୍ଟୋକ୍ସ ମଧ୍ୟ ନିଜ ଶତକ ଅଭିମୁଖେ ଯାଇଥିଲେ। ଶେଷରେ ସେ ମହମ୍ମଦ ସିରାଜଙ୍କ ବଲରେ ଚୌକା ମାରି ନିଜ ଟେଷ୍ଟ କ୍ୟାରିୟରର ୧୪ତମ ଶତକ ହାସଲ କରିଥିଲେ। ମାଞ୍ଚେଷ୍ଟର ଟେଷ୍ଟର ପ୍ରଥମ ଇନିଂସରେ ଷ୍ଟୋକ୍ସ ୫ ୱିକେଟ ବି ନେଇଥିଲେ। ଗୋଟିଏ ଟେଷ୍ଟରେଳ ଶତକ ସହ ୫ ୱିକେଟ ନେବା ବିରଳ କ୍ଲବରେ ଷ୍ଟୋକ୍ସ ନିଜକୁ ସାମିଲ କରିପାରିଛନ୍ତି। ଷ୍ଟୋକ୍ସଙ୍କ ଶତକ ବେଳେ ଇଂଲଣ୍ଡର ସ୍କୋର ୫୯୩ ରନ ଥିଲା। ଏହାପରେ କାର୍ସ ଓ ଷ୍ଟୋକ୍ସ ବଡ଼ବଡ଼ ଶଟ ଖେଳିବା ଆରମ୍ଭ କରିଥିଲେ। ବିଶେଷ କରି ୱାଶିଂଟନ ସୁନ୍ଦରଙ୍କୁ ଷ୍ଟୋକ୍ସ ଛକା ଓ ଚୌକା ମାରିଥିଲେ। ଏଥିସହ ଦଳୀୟ ସ୍କୋରକୁ ଦ୍ରୁତ ଗତିରେ ଆଗକୁ ନେଇଥିଲେ। ତାଙ୍କ ପ୍ରହାରରୁ ରବୀନ୍ଦ୍ର ଜାଡେଜା ମଧ୍ୟ ବର୍ତ୍ତି ପାରି ନଥିଲେ। କିନ୍ତୁ ସେହି ଜାଡେଜା ୧୪୧ ରନ କରିଥିବା ଷ୍ଟୋକ୍ସଙ୍କୁ ଆଉଟ କରିଥିଲେ। ଷ୍ଟୋକ୍ସ ତାଙ୍କ ଇନିଂସରେ ୧୧ଟି ଚୌକା ଓ ୩ଟି ଛକା ମାରିଛନ୍ତି।

# ସୁରକ୍ଷିତ ନୁହେଁ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ



**ବେଙ୍ଗାଲୁର,୨୬।୭:** ଆଇପିଏଲ୍ ୨୦୨୫ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଟାଇଟଲ ଜିତିବା ପରେ, ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏକ ବିଜୟ ପରେଡ୍ ଅନୁଷ୍ଠିତ ହୋଇଥିଲା। ବିଜୟ ପରେଡ୍ ସମୟରେ, ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ହୋଇଥିଲା ଯେଉଁଥିରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା। ଯେତେବେଳେ ୫୦ରୁ ଅଧିକ ଲୋକ ଆହତ ହୋଇଥିଲେ।

ଚିନ୍ନାସ୍ୱାମୀ ଦଳାଚକଟା ଘଟଣାର ତଦନ୍ତ ପାଇଁ ଜଷ୍ଟିସ୍ ଜନ୍ ମାଇକେଲ୍ ଡି'କୁନହାଙ୍କ ନେତୃତ୍ୱରେ ଏକ କମିସନ ଗଠନ କରାଯାଇଥିଲା। ଏହି ନ୍ୟାୟିକ କମିଶନର ରିପୋର୍ଟକୁ କର୍ଣ୍ଣାଟକ କ୍ୟାବିନେଟ୍ ନିକଟରେ ଅନୁମୋଦନ କରିଛି। ନ୍ୟାୟିକ କମିସନର ରିପୋର୍ଟରେ କିଛି ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶ କରିଛନ୍ତି। ରିପୋର୍ଟରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ମୌଳିକ ଭାବରେ ଅସୁରକ୍ଷିତ ବୋଲି କୁହାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଚିନ୍ନାସ୍ୱାମୀ ଷ୍ଟାଡିୟମର ବର୍ତ୍ତମାନର ଗଠନ ବଡ଼ କାର୍ଯ୍ୟକ୍ରମ ପାଇଁ ଅନୁପଯୁକ୍ତ ଏବଂ ବିପଜ୍ଜନକ। ଷ୍ଟାଡିୟମରେ ନା ପର୍ଯ୍ୟାପ୍ତ ପ୍ରବେଶ/ପ୍ରସ୍ଥାନ ଗେଟ୍ ଅଛି, ନା ଏଥିରେ ଆନ୍ତର୍ଜାତୀୟ ସ୍ତରୀୟ ଜରୁରୀକାଳୀନ ସ୍ଥାନାନ୍ତର ଯୋଜନା ଅଛି। ଷ୍ଟାଡିୟମ ଚାରିପାଖରେ ରାସ୍ତାଗୁଡ଼ିକ ବହୁତ ବ୍ୟସ୍ତ।

# ଅକ୍ଟୋବର ୨୨ରୁ 'ଥାର୍ଡ ଆଇ' କର୍ପୋରେଟ ପ୍ରିମିୟର ଲିଗ

**ଭୁବନେଶ୍ୱର,୨୬।୭:** ଆସନ୍ତା ଅକ୍ଟୋବର ୨୨ରୁ ଆରମ୍ଭ ହେବ ଓଡ଼ିଶାର ଅନ୍ୟତମ ବଡ଼ କର୍ପୋରେଟ ଟୁର୍ଣ୍ଣାମେଣ୍ଟ। ଥାର୍ଡ ଆଇ କର୍ପୋରେଟ




ପ୍ରିମିୟର ଲିଗ (ସିପିଏଲ) ଅକ୍ଟୋବର ୨୨ ତାରିଖରୁ ୫ ଦିନ ଧରି ଭୁବନେଶ୍ୱରର ଘାଟିକିଆ ହାଇସ୍କୁଲ ପଡ଼ିଆରେ ଆୟୋଜିତ ହେବ। ସିପିଏଲ ଗୋଟିଏ ପ୍ରିମିୟମ କର୍ପୋରେଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏଥିରେ ୧୬ଟି ଦଳ ଭାଗ ନେବେ। କର୍ପୋରେଟ ପ୍ରଫେସନାଲଙ୍କ ମଧ୍ୟରେ ଖେଳୁଆଡ଼ ମନୋଭାବ, ଟିମୱର୍କ ଓ ବନ୍ଧୁତ୍ୱର ଭାବନାକୁ ପ୍ରସାର ପ୍ରଚାର କରିବା ଏହି ଟୁର୍ଣ୍ଣାମେଣ୍ଟର ମୂଳ ଉଦ୍ଦେଶ୍ୟ।

ସିପିଏଲ ଫ୍ରାଞ୍ଚାଇଜ ଭିତ୍ତିରେ ଆୟୋଜିତ ହେବ। ଅର୍ଥାତ ଖେଳାଳିଙ୍କ ନିଲାମ ହେବ। ଖେଳାଳି ନିଲାମୀ ପାଇଁ ପଞ୍ଜିକରଣ ଆରମ୍ଭ ହୋଇ ସାରିଛି। ସିପିଏଲରେ ପ୍ରତିଟି ମ୍ୟାଚ୍ ୧୦ ଓଭର ବିଶିଷ୍ଟ ହେବ। ଟେନିସ ବଲରେ ମ୍ୟାଚ୍ ଗୁଡ଼ିକ ଖେଳାଯିବ। ୫ ଦିନ ଧରି ଚାଲିବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ମୋଟ ୩୨ଟି ମ୍ୟାଚ ଖେଳିବେ। ଟୁର୍ଣ୍ଣାମେଣ୍ଟରେ ମୋଟ ୩ ଲକ୍ଷ ୩୦ ହଜାର ଟଙ୍କାର ପୁରସ୍କାର ରାଶି ରହିଛି। ଚାମ୍ପିୟନଙ୍କୁ ୧ ଲକ୍ଷ ୫୦ ହଜାର ସହ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ସେହିପରି ରନର୍ସ ଅପ ଦଳକୁ ୮୦ ହଜାର ଓ ଟ୍ରଫି ଦିଆଯିବ। ପ୍ରତି ମ୍ୟାଚରେ ମ୍ୟାନ ଅଫ ଦ ମ୍ୟାଚ ପାଇଁ ୩ ହଜାର, ଶ୍ରେଷ୍ଠ ବ୍ୟାଟର ଓ ଶ୍ରେଷ୍ଠ ବୋଲରଙ୍କୁ ୧୦ ହଜାର ଲେଖାଏ ପ୍ରଦାନ କରାଯିବ। ସାମ୍ବାଦିକ ସମ୍ମିଳନୀରେ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗର ବରିଷ୍ଠ ଉପଦେଷ୍ଟା ପ୍ରମୋଦ ପ୍ରଧାନ, ରାଜୀବ ପଣ୍ଡା, ଜ୍ଞାନଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତା ଦରିଦ୍ର ନାରାୟଣ ନାୟକ, ସଭାପତି ସୋନାଲ ସାହୁ, ଉପ ସଭାପତି ଆଶୀଷ ଦାସ, ସମ୍ପାଦକ ଆଶୀଷ କୁମାର ସାମଲ, ଯୁଗ୍ମ ସମ୍ପାଦକ ନିର୍ମାଲ୍ୟ ଦାଶ, ସ୍ନେହାଂଶୁ ମହାନ୍ତି, ଶ୍ରୀବଲ୍ଲଭ ବେହେରା ଓ ସୌରଭ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଏସିଆ କପ : ସେପ୍ଟେମ୍ବର ୧୪ରେ ଭାରତ-ପାକିସ୍ତାନ ଟକ୍କର

**ମୁମ୍ବାଇ,୨୬।୭:** ଆସନ୍ତା ସେପ୍ଟେମ୍ବର ୧୧ରେ ଏସିଆ କପରେ ମୁହାଁମୁହିଁ ହେବେ ଭାରତ ଓ ପାକିସ୍ତାନ। ଏସିଆ କପ ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ବେଳେ ୧୪ ତାରିଖ (ରବିବାର)ରେ ଖେଳାଯିବ ଟୁର୍ଣ୍ଣାମେଣ୍ଟର ସବୁଠାରୁ ବଡ଼ ମୁକାବିଲା। ଏହି ମ୍ୟାଚରେ ଭାରତ ଓ ପାକିସ୍ତାନ ଲଢ଼େଇ ଦେଖିବାକୁ ମିଳିବ।

ଆଇସିସି ଚାମ୍ପିୟନ୍ସ ଟ୍ରଫି ପରେ ଦୁଇ ଦେଶ ପରସ୍ପର ବିରୋଧରେ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ସେହିପରି ପହଲଗାମ ନରସଂହାର ଓ ଅପରେସନ ସିନ୍ଦୂର ପରେ ଭାରତ-ପାକିସ୍ତାନ କୌଣସି କ୍ରିକେଟ ମ୍ୟାଚ୍ ଖେଳିବେ।

ଏସିଆ କପ ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ବେଳେ ଫାଇନାଲ ସେପ୍ଟେମ୍ବର ୨୮ରେ ଖେଳାଯିବ। ପାକିସ୍ତାନକୁ ଭେଟିବା ପୂର୍ବରୁ ଭାରତ ନିଜର ପ୍ରଥମ ମ୍ୟାଚ୍ ୧୦ ତାରିଖରେ ୟୁଏଇ ବିରୋଧରେ ଖେଳି ନିଜର ଏସିଆ କପ ଅଭିଯାନ ଆରମ୍ଭ କରିବ। ସେହିପରି ୧୨ ତାରିଖରେ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ



ଷ୍ଟାଡିୟମରେ ଭାରତ ଓ ପାକିସ୍ତାନ ଲଢେଇ କରିବେ। ଭାରତ ତା'ର ଶେଷ ଗ୍ରୁପ ମ୍ୟାଚ୍ ୧୯ ତାରିଖରେ ଓମାନ ବିରୋଧରେ ଖେଳିବ। ଭାରତ, ପାକିସ୍ତାନ, ଓମାନ ଓ ୟୁଏଇ ଏସିଆ କପର ଗ୍ରୁପ ଏରେ ରହିଛନ୍ତି।

ଗ୍ରୁପ ବି'ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଂକଂ ରହିଛନ୍ତି। ଗ୍ରୁପ ପର୍ଯ୍ୟାୟରେ ପ୍ରତିଟି ଦଳ ୩ଟି ଲେଖାଏ ମ୍ୟାଚ୍ ଖେଳିବେ। ଏହାପରେ ପ୍ରତିଟି ଗ୍ରୁପରୁ ଶ୍ରେଷ୍ଠ ୨ଟି ଲେଖାଏ ଦଳ ପରବର୍ତ୍ତୀ ରାଉଣ୍ଡକୁ ଯିବେ। ସେଠାରେ ରାଉଣ୍ଡ ରବିନ ଫର୍ମାଟରେ ପ୍ରତି ଦଳ ପରସ୍ପର ସହ ୨ଟି ଲେଖାଏ ମ୍ୟାଚ୍ ଖେଳିବେ। ଏହାପରେ ଟପ୍ ୨ଟି ଦଳ ମଧ୍ୟରେ ଟ୍ରଫି ଟକ୍କର ହେବ।

ଭାରତ ଏସିଆ କପ ଆୟୋଜନ କରୁଛି। କିନ୍ତୁ ଭାରତ ବଦଳରେ ଏସିଆ କପ ୨୦୨୫ ଟି-୨୦ ଫର୍ମାଟରେ ୟୁଏଇରେ ଖେଳାଯିବ। ଏସିଆ କପ ୨୦୨୫ର ସମସ୍ତ ମ୍ୟାଚ୍ ଦୁବାଇ ଓ ଅବୁଧାବିରେ ଖେଳାଯିବ। ଭାରତ ଯଦିଓ ଏସିଆ କପର ହୋଷ୍ଟ, କିନ୍ତୁ ମ୍ୟାଚ୍ ଗୁଡ଼ିକ ବିସିସିଆଇ ନିରପେକ୍ଷ ଭେନ୍ୟୁରେ ଆୟୋଜନ କରିବ। ଏସିଆ କପ ଏଥର ଟି-୨୦ ଫର୍ମାଟରେ ଖେଳାଯିବ। ଭାରତ ସମେତ ମୋଟ ୮ଟି ଟିମ ଏଥିରେ ଭାଗ ନେବେ। ଭାରତ ବ୍ୟତୀତ ଶ୍ରୀଲଙ୍କା, ପାକିସ୍ତାନ, ଆଫଗାନିସ୍ତାନ, ବାଂଲାଦେଶ, ହଂକଂ, ୟୁଏଇ ଓ ଓମାନ ଏସିଆ କପ ୨୦୨୫ରେ ନଜର ଆସିବେ। ଭାରତ ଓ ପାକିସ୍ତାନ ସମାନ ଗ୍ରୁପରେ ରହିଛନ୍ତି। ଏହାର ଅର୍ଥ ଦୁଇ ଦଳ ମଧ୍ୟରେ ୩ ଥର ଲଢେଇ ହେବାର ସମ୍ଭାବନା ରହିଛି। ଲିଗ ଷ୍ଟେଜ, ସୁପର ୪ ଓ ଫାଇନାଲରେ ଦୁଇ ଦଳର ଟକ୍କର ଦେଖିବାକୁ ମିଳିପାରେ। କିନ୍ତୁ ସବୁ କିଛି ଯୋଗ୍ୟତା ଅର୍ଜନ ଉପରେ ନିର୍ଭର କରୁଛି।

# ଗିଲ୍ କରୁଛନ୍ତି ମନମାନୀ, ଅଭିଯୋଗ ଆଣିଲେ ସାଥୀ ଖେଳାଳି

**ମାଞ୍ଚେଷ୍ଟର,୨୬।୭:** ଭାରତ ବନାମ ଇଂଲଣ୍ଡ ଇଂଲଣ୍ଡ ଚତୁର୍ଥ ଟେଷ୍ଟରେ ଇଂଲଣ୍ଡ ଏକ ଦୃଢ଼ ସ୍ଥିତିରେ ଅଛି, ଏହା ଟିମ ଇଣ୍ଡିଆ ପାଇଁ କର ବା ମର ମ୍ୟାଚ। ଦ୍ୱିତୀୟ ଦିନର ଖେଳ ଶେଷ ହେବା ପରେ, ଶାର୍ଦ୍ଦୁଳ ଠାକୁର ସାମ୍ବାଦିକ ସମ୍ମିଳନୀକୁ ଆସିଥିଲେ। ଏହି ସମୟରେ ସେ ଶୁବମନ ଗିଲ ବିଷୟରେ ଯାହା କହିଥିଲେ, ତାହା ଆଲୋଚନାର ବିଷୟ ପାଲଟିଥିଲା। ଦ୍ୱିତୀୟ ଦିନରେ, ଜସପ୍ରିତ ବୁମରାଙ୍କ ସମେତ ଭାରତୀୟ ବୋଲରମାନେ ପ୍ରଭାବହୀନ ଦେଖାଯାଉଥିଲେ। ଠାକୁର ଏକ ବଡ଼ ବୟାନ ଦେଇ କହିଥିଲେ, ବୋଲିଂ ମୋର କାମ ନୁହେଁ।

ଦ୍ୱିତୀୟ ଦିନରେ, ସମସ୍ତେ ରିଷଭ ପନ୍ତଙ୍କ ସାହସକୁ ପ୍ରଶଂସା କରିଥିଲେ, କାରଣ ସେ ତାଙ୍କ ପାଦ ଆଙ୍ଗୁଠିରେ ଫ୍ରାକ୍ଚର ସତ୍ତ୍ୱେ ପଡ଼ିଆରେ ଖେଳିବାକୁ ଆସିଥିଲେ। ସେ ୧୭ ରନ ଯୋଡ଼ିଥିଲେ ଏବଂ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ପ୍ରଥମ ଇନିଂସରେ ଭାରତୀୟ ଦଳ ୩୫୮ ରନରେ ଅଲଆଉଟ ହୋଇଯାଇଥିଲା। ଏହା ପରେ, ଜ୍ୟାକ କ୍ରଲି (୮୪) ଏବଂ ବେନ ଡକେଟ (୯୪) ମିଳିତ ଭାବରେ ପ୍ରଥମ ଉଇକେଟ ପାଇଁ ୧୬୬ ରନର ପାର୍ଟନରଶିପ କରିଥିଲେ। ଜସପ୍ରିତ ବୁମରା, ମହମ୍ମଦ ସିରାଜଙ୍କ ସମେତ ଭାରତୀୟ ବୋଲରମାନେ ପ୍ରଭାବହୀନ ଦେଖାଯାଉଥିଲେ।



ଏହା ପରେ, ସାମ୍ବାଦିକ ସମ୍ମିଳନୀରେ ଶାର୍ଦ୍ଦୁଳ ଠାକୁରଙ୍କୁ ଏ ବିଷୟରେ ପଚରାଯାଇଥିଲା। ଶାର୍ଦ୍ଦୁଳ ଠାକୁରଙ୍କୁ ଭାରତୀୟ ବୋଲରଙ୍କ ଖରାପ ପ୍ରଦର୍ଶନ ବିଷୟରେ ପଚରାଗଲା, ସେ କହିଥିଲେ,ବୋଲିଂ କାହାକୁ ଦେବା ଅଧିନାୟକଙ୍କ ନିଷ୍ପତ୍ତି। କେବେ କାହାକୁ ବଲ ଦେବେ, ଏହା ଅଧିନାୟକଙ୍କ ନିଷ୍ପତ୍ତି, ମୋର ନୁହେଁ। ଆଜି ମୁଁ ଆଉ ୨ ଓଭର ବୋଲିଂ କରିପାରିଥାନ୍ତି, କିନ୍ତୁ ଏହା ଅଧିନାୟକଙ୍କ ନିଷ୍ପତ୍ତି। ସେ ସ୍ୱୀକାର କରିଛନ୍ତି, ବୋଲରମାନେ ଭଲ ପ୍ରଦର୍ଶନ କରିପାରିଥାନ୍ତେ। ସେ କହିଛନ୍ତି, ଆମେ ନୂତନ ବଲ ସହିତ ଭଲ ପ୍ରଦର୍ଶନ କରିପାରିଥାନ୍ତୁ, ରନ ଆସିବା ଜାରି ରହିଲା। ବୋଲରମାନଙ୍କ ପାଇଁ କଷ୍ଟକର ନଥିଲା। ଆମେ ଧୈର୍ଯ୍ୟ ରଖିପାରିଥାନ୍ତୁ, ଆମକୁ କେଉଁ ବଲ ବୋଲିଂ କରିବାକୁ ପଡିବ। ତାହା ମୂଲ୍ୟାଙ୍କନ କରିବାକୁ ପଡିବ।

ପନ୍ତଙ୍କ ସମ୍ପର୍କରେ, ଶାର୍ଦ୍ଦୁଳ ଠାକୁର କହିଛନ୍ତି, ସେ ହସ୍ପିଟାଲରେ ଥିବାରୁ ଆମ ସହିତ ଟିମ ବସରେ ଷ୍ଟାଡିୟମକୁ ଆସି ନ ଥିଲେ। ଯେତେବେଳେ ଆମେ ଦିନର ଖେଳ ଆରମ୍ଭ କରିବା ପୂର୍ବରୁ ଅଭ୍ୟାସ କରୁଥିଲୁ, ସେ ପଡ଼ିଆରେ ନ ଥିଲେ। ତାଙ୍କ ଆଙ୍ଗୁଠିରେ ଏକ ଫ୍ରାକ୍ଚର ଅଛି ଏବଂ ତାଙ୍କୁ ସୁସ୍ଥ ହେବାକୁ ୨ ମାସ ଲାଗିପାରେ। ସେ ଚତୁର୍ଥ ଟେଷ୍ଟର ପ୍ରଥମ ଦିନରେ ଆହତ ହୋଇଥିଲେ, ଯାହା ପରେ ସେ ପଡ଼ିଆ ଛାଡି ଦେଇଥିଲେ।

# ଟିମ୍ ଇଣ୍ଡିଆକୁ ଚିନ୍ତା ଆହତ ସମସ୍ୟା

**ମୁମ୍ବାଇ,୨୬।୭:** ଟିମ୍ ଇଣ୍ଡିଆକୁ ଘାରିଛି ଆହତ ସମସ୍ୟାର ସଙ୍କଟ। ଜଣକ ପରେ ଜଣେ ଖେଳାଳି ଆହତ ହେଉଛନ୍ତି। ଯାହା ଟିମ୍ ଇଣ୍ଡିଆକୁ ବ୍ୟାକଫୁଟକୁ ନେଇଯାଉଛି। ମାଞ୍ଚେଷ୍ଟର ଟେଷ୍ଟ ପୂର୍ବରୁ ଟିମ୍ ଇଣ୍ଡିଆର ୨ ଜଣ ଖେଳାଳି ଆହତ ହୋଇ ଟିମରୁ ବାଦ ପଡ଼ିଥିଲେ। ଏହାପରେ ଖେଳ ମଝିରେ ରିଷବ ପନ୍ତ ଆହତ ହୋଇ ଟିମର ଟେନସନ ବଢ଼ାଇ ଦେଇଥିଲେ। ତେବେ ରିଷଭଙ୍କ ସ୍ଥାନରେ ଯେତେବେଳେ ଇଶାନ କିଷାନଙ୍କୁ ଦଳରେ ସାମିଲ ପାଇଁ ମ୍ୟାନେଜମେଣ୍ଟ ଚିନ୍ତା କରିଥିଲା ସେତେବେଳେ ଜଣା ପଡ଼ିଥିଲା ସେ ବି ଆହତ ହୋଇଛନ୍ତି। ଆଉ ମାଞ୍ଚେଷ୍ଟର ଟେଷ୍ଟର ତୃତୀୟ ଦିନରେ ବୁମରାହଙ୍କ ବୋଲିଂ ଉପରେ ବି ପ୍ରଶ୍ନ ଉଠିଥିଲା। ଆଉ




କୁହାଯାଉଥିଲା ସେ ପୂରାପୂରି ଫିଟ୍ ନାହାନ୍ତି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ପଛରେ ଥିବା ଟିମ୍ ଇଣ୍ଡିଆକୁ ମାଞ୍ଚେଷ୍ଟର ଟେଷ୍ଟରେ ମଧ୍ୟ ଲଗାତାର ସଂଘର୍ଷ କରିବାକୁ ପଡିଥିଲା। ଟେଷ୍ଟ ସିରିଜର ଏହି ଚତୁର୍ଥ ମ୍ୟାଚରେ ଟପ ଅର୍ଡର ବ୍ୟାଟ୍ସମ୍ୟାନମାନେ ନିରାଶ କରିଥିବା ବେଳେ, ବୋଲରମାନେ ମଧ୍ୟ ସହଜରେ ସଫଳତା ପାଇ ନଥିଲେ। କିନ୍ତୁ ଟିମ୍ ଇଣ୍ଡିଆକୁ କେବଳ ପ୍ରଦର୍ଶନ ଦୃଷ୍ଟିରୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିନଥିଲା, ବରଂ ଏହି ମ୍ୟାଚର ମାତ୍ର ୩ ଦିନରେ ତିନି ଜଣ ଭାରତୀୟ ଖେଳାଳି ମଧ୍ୟ ଆହତ ହୋଇଥିଲେ।

# ହିରୋ ମୋଟୋକର୍ପ ଏଚ୍‌ଏଫ ଡ଼ିଲକ୍ସ ପ୍ରୋର ଶୁଭାରମ୍ଭ

**ମୁମ୍ବାଇ,୨୬।୭:** ହିରୋ ମୋଟୋକର୍ପ, ପୃଥିବୀର ସର୍ବବୃହତ୍ ମୋଟର ସାଇକେଲ ତଥା ସ୍କୁଟର ଉତ୍ପାଦନକାରୀ, ବିଶେଷତ୍ୱ ଯୁକ୍ତ ଏଚ୍‌ଏଫ ଡ଼ିଲକ୍ସ ପ୍ରୋର ଉପସ୍ଥାପନ କରିଛି ଯାହାକି ଭାରତର ସବୁଠାରୁ ବିଶ୍ୱସନୀୟ ମୋଟୋର ସାଇକେଲର ଏକ ମଜବୁତ ଷ୍ଟାଇଲିସ ଗଠନର ଅଭିବ୍ୟକ୍ତ। ବ୍ରାଣ୍ଡ ଏଚ୍‌ଏଫ ଡ଼ିଲକ୍ସ ନୂତନ ଯୁଗର ଭାରତୀୟ ଯେଉଁମାନେ ଆତ୍ମବିଶ୍ୱାସୀ, ମୂଲ୍ୟ ସଚେତନ ଏବଂ ପ୍ରଗତିଶୀଳ ସେମାନଙ୍କର ଏହି ଆବେଗତାର ପାଳନ କରୁଅଛି। ଏଚ୍ ଏଫ ଡ଼ିଲକ୍ସ ପ୍ରୋ ହିରୋ ମୋଟୋକର୍ପର ନିର୍ଭରଶୀଳତଥା ଦକ୍ଷ ପରିଚାଳନା ସମାଧାନର ବଚନ ବଦ୍ଧତାକୁ ପ୍ରଦାନ କରୁଅଛି।

ସେଗମେଂଟ ଅଗ୍ରଣୀ ବିଶେଷତ୍ୱ ସହିତ, ଭଳି ଭଳି ଡ଼ିଜାଇନ ଏବଂ ଉନ୍ନତ ମାନର ଇନ୍ଧନ ସଂରକ୍ଷଣକୁ ନେଇ ଏହି ନୂତନ ଏଚ୍‌ଏଫ ଡ଼ିଲକ୍ସ ପ୍ରୋ ପ୍ରବେଶ ସ୍ତରୀୟ ମୋଟୋର ସାଇକେଲ ସେଗମେଂଟର ଉତ୍ସାହ ପ୍ରଦତାକୁ ଏଥିରେ ସାମିଲ କରିଛି। ଆଇ ୩ଏସ (ଆଇଡ଼ଲ ଷ୍ଟପ-ଷ୍ଟାଟ ସିଷ୍ଟମ) କ୍ଷମତାଯୁକ୍ତ ଉନ୍ନତ ଜ୍ଞାନକୌଶଳ, ନିମ୍ନ-ଘର୍ଷଣଯୁକ୍ତ ଇଞ୍ଜିନ, ବିଶେଷ ଭାବରେ ପ୍ରସ୍ତୁତ ଯାନ୍ତ୍ରିକୀ ଟାୟାରସକୁ ନେଇ ଏହା ଏକ ପ୍ରଭାବଶାଳୀ ସର୍ବୋତମ-ଶ୍ରେଣୀ ମାଇଲେଜ ପ୍ରଦାନ କରୁଅଛି। ଏଚ୍‌ଏଫ ଡ଼ିଲକ୍ସ ପ୍ରୋ ବାଧାହୀନ ଦୈନିକ ଚାଳନା ତଥା ଅତୁଳନୀୟ ମୂଲ୍ୟକୁ ନେଇ ନିର୍ମିତ ହୋଇଛି। ଏଚ୍‌ଏଫ ଡ଼ିଲକ୍ସ ପ୍ରୋ ସମଗ୍ର ଦେଶରେ ରହିଥିବା ହିରୋକର୍ପ ବିକ୍ରେତା ମାନଙ୍କ ପାଖରେ ୭୩,୫୫୦ ଟଙ୍କା ମୂଲ୍ୟରେ ଉପଲବ୍ଧ ହେଉଅଛି।

ଶୁଭାରମ୍ଭର ଏହି ଅବସରରେ ମନ୍ତବ୍ୟ ପ୍ରଦାନ କରି ଆଶୁତୋଷ ବର୍ମା, ଚିଫ୍ ବିଜିନେସ ଅଫିସର – ଇଣ୍ଡିଆ ବିଜିନେଓ ୟୁନିଟ୍, ହିରୋ ମୋଟୋକର୍ପ, କହିଛନ୍ତି, "ସମଗ୍ର ଭାରତରେ ଏଚ୍‌ଏଫ ଡ଼ିଲକ୍ସ ନିଜର ବିଶ୍ୱସ୍ଥ ସହଭାଗୀତାକୁ ନେଇ ଲକ୍ଷ ଲକ୍ଷ ଗ୍ରାହକ ମାନଙ୍କ ପାଖରେ ଆଦୃତ ହୋଇପାରିଛି ଏବଂ ଏହାର ନିର୍ଭରଯୋଗ୍ୟ ଇନ୍ଧନ ସଂରକ୍ଷଣ ପାଳନ କରୁଅଛି। ଏହି ନୂତନ ଏଚ୍‌ଏଫ ଡ଼ିଲକ୍ସ ପ୍ରୋ ସହିତ, ଆମେ ଏକ ବିଶ୍ୱାସକୁ ଆଗେଇ ନେଇପାରିଛୁ ଯାହାକି ଯଥାର୍ଥରେ ଏକ ମଜବୁତ ଡ଼ିଜାଇନ, ଉନ୍ନତ ମାନର ବିଶେଷତ୍ୱ ଏବଂ ବର୍ଦ୍ଧିତ ଇନ୍ଧନ ସଂରକ୍ଷଣକୁ ନେଇ ନୂତନ ଯୁଗର ଭାରତୀୟ ଚାଳକଙ୍କ ଜ୍ଞାନକୌଶଳର ଆବଶ୍ୟକତାକୁ ନେଇ ଏହାକୁ ଉପସ୍ଥାପିତ କରିପାରିଛି।

# ସାମସଙ୍ଗ ଏକ୍ସପେରିଏନ୍ସ ଷ୍ଟୁଡିଓ

**ନୂଆଦିଲ୍ଲୀ,୨୬।୭:** ଭାରତର ସର୍ବବୃହତ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ସାମସଙ୍ଗ, ଓବେରୟ କମର୍ଜ-୨, ଇଂଟରନ୍ୟାସନାଲ ବିଜନେସ୍ ପାର୍କ, ଗୋରେଗାଁ ପୂର୍ବ, ମୁମ୍ବାଇର ୨୮ତମ ମହଲାରେ ଏକ ଅତ୍ୟାଧୁନିକ ବ୍ୟବସାୟ ଅଭିଜ୍ଞତା ଷ୍ଟୁଡିଓ (ବିଇଏସ) ଶୁଭାରମ୍ଭ କରିଛି। ଏହି ଭବିଷ୍ୟତ-କେନ୍ଦ୍ରିତ ସ୍ଥାନ ବି୨ବି ଅଂଶୀଦାରମାନଙ୍କୁ ସମନ୍ୱିତ ବ୍ୟବସାୟ ସମାଧାନର ଏକ ବିସ୍ତୃତ ପରିସର ପ୍ରଦାନ କରିବା ପାଇଁ ଅତ୍ୟାଧୁନିକ ସାମସଙ୍ଗ ଡିଭାଇସଗୁଡ଼ିକ ମଧ୍ୟରେ ସୁଗମ କାର୍ଯ୍ୟକ୍ଷମତା ପ୍ରଦର୍ଶନ କରେ। ୬,୫୦୦ ବର୍ଗଫୁଟ ବିଶିଷ୍ଟ ଏହି ଶୋ'ରୁମ୍ କମର୍ସିଆଲ୍ ଲ୍ୟାଣ୍ଡସ୍କେପର ବିସ୍ତୃତ ପରିସରକୁ ଅନୁସନ୍ଧାନ, ଯୋଜନା ଏବଂ ନବସୃଜନ କରିବାରେ ବ୍ୟବସାୟଗୁଡ଼ିକୁ ସହାୟତା କରିବା ପାଇଁ ଡିଜାଇନ୍ କରାଯାଇଛି। ବିଇଏସ, ମୁମ୍ବାଇ ଗୁରୁଗ୍ରାମରେ ସାମସଙ୍ଗର ବିସ୍ତୃତ ଏକ୍‌ଜିକ୍ୟୁଟିଭ୍ ବ୍ରିଫିଂ ସେଂଟର (ଇବିସି) ସହିତ ଯୋଗ ଦେଇଛି, ଯାହା କମ୍ପାନୀର ଅଭିନବ ଉତ୍ପାଦ ଏବଂ ବି୨ବି ସମାଧାନ ପ୍ରଦର୍ଶନ କରେ। "ସାମସଙ୍ଗରେ, ଆମେ ବିଶ୍ୱାସ କରୁ ଯେ ବ୍ୟବସାୟର ଭବିଷ୍ୟତ ମାନବ-କେନ୍ଦ୍ରିକ, ସଂଯୁକ୍ତ ଏବଂ ସ୍ଥାୟୀ ବୁଦ୍ଧିମାନ ଅଭିଜ୍ଞତାରେ ନିହିତ। ମୁମ୍ବାଇର ବ୍ୟବସାୟ ଅଭିଜ୍ଞତା ଷ୍ଟୁଡିଓ ଏହି ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ଏହା ଏକ ସ୍ଥାନ ଯେଉଁଠାରେ ଉଦ୍ୟୋଗଗୁଡ଼ିକ ବାସ୍ତବ-ବିଶ୍ୱ ପରିବେଶରେ ଆମର ସବୁଠାରୁ ଉନ୍ନତ ଏଆଇ-ଚାଳିତ ନବସୃଜନ ସହିତ ଜଡିତ ହୋଇପାରିବେ। ସ୍ମାର୍ଟ କ୍ଲାସରୁମ୍ ରୁ ଅଟୋମେଟେଡ୍ ହୋଟେଲ, ବୁଦ୍ଧିମାନ ସ୍ୱାସ୍ଥ୍ୟସେବା ଉପକରଣ ଠାରୁ କାଗଜବିହୀନ ବ୍ୟାଙ୍କିଂ ପର୍ଯ୍ୟନ୍ତ, ଆମେ ଡିଜିଟାଲ୍ ପରିବର୍ତନକୁ ସକ୍ଷମ କରୁଛୁ ଯାହା ଅର୍ଥପୂର୍ଣ୍ଣ, ଦକ୍ଷ ଏବଂ ସ୍କେଲ୍ ପାଇଁ ନିର୍ମିତ। ଏହି ଷ୍ଟୁଡିଓ କେବଳ ପ୍ରଯୁକ୍ତିର ପ୍ରଦର୍ଶନ ନୁହେଁ ବରଂ ଭାରତ ଏବଂ ସାରା ବିଶ୍ୱରେ ଆମର ଅଂଶୀଦାରମାନଙ୍କ ସହିତ ଉଦ୍ୟୋଗର ଭବିଷ୍ୟତ ନିର୍ମାଣ ପାଇଁ ଆମର ପ୍ରତିବଦ୍ଧତାର ପ୍ରମାଣ" ବୋଲି କହିଛନ୍ତି ଜେବି ପାର୍କ, ସାମସଙ୍ଗ ଦକ୍ଷିଣ-ପଶ୍ଚିମ ଏସିଆର ପ୍ରେସିଡେଂଟ ଏବଂ ସିଇଓ।

# କୋଟାକ ମହିନ୍ଦ୍ରା ବ୍ୟାଙ୍କ କୋଟାକ ସଲିଟେଆର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୬।୭:** କୋଟାକ ମହିନ୍ଦ୍ରା ବ୍ୟାଙ୍କ ଆଜି କୋଟାକ ସଲିଟେଆର ଶୁଭାରମ୍ଭର ଘୋଷଣା କରିଛି, ଯାହାକି ଏକ ଅଗ୍ରଣୀ ବ୍ୟାଙ୍କିଙ୍ଗ ଉପସ୍ଥାପନା ଅତି ସ୍ୱତନ୍ତ୍ର ଭାବରେ ଭାରତର ପ୍ରକୃତ ଧର୍ଣ୍ଣାଢ଼୍ୟତାର କାରୁକାର୍ଯ୍ୟକୁ ପ୍ରସ୍ତୁତ କରିପାରିଛି ଏହା କେବଳ ଏକ ଉତ୍ପାଦନ ନୁହେଁ – ଏହା ମଧ୍ୟ ଏକ ସୁବିଧା ଅଟେ।

ସଲିଟେଆର କେବଳ ଏକ ନିମନ୍ତ୍ରଣ ଅଟେ, ଯାହାକି ବ୍ୟକ୍ତି ଏବଂ ପରିବାର ପାଇଁ କୋଟାକ ସହିତ ଏକ ଗଭୀରତମ ବିବିଧ - ଆର୍ଥିକ ସମ୍ପର୍କର ଦିଗକୁ ନେଇ ସଂରକ୍ଷଣ ଅଟେ। ଏହା କେବଳ ଖାତାର ହିସାବକୃତ ଅର୍ଥରାଶି ନୁହେଁ – ଏହା ସମୁଦାୟ ସଂଚିତ ଅର୍ଥରାଶିର ସଂଯୋଗୀକରଣ ମୂଲ୍ୟ, ପୁଞ୍ଜି ଲଗାଣ, ରଣ, ବୀମା, ବ୍ୟାଙ୍କ ଦ୍ୱାରା ଡ଼ିମାଟ ଗ୍ରହଣକାରୀ ଅଫର ସହିତ ପରିବାର ସ୍ତରରେ ଏହାକୁ ଗଣନା କରାଯାଏ। "ଭାରତର ଧର୍ଣ୍ଣାଢ଼୍ୟ ସେଗମେଂଟ ଦୃତ ଭାବରେ ବୃଦ୍ଧି ପାଉଛି, କିନ୍ତୁ ଏହାର ବ୍ୟାଙ୍କିଙ୍ଗ ଅଭିଜ୍ଞତା ଅବସ୍ଥିତିକୁ ରଖିପାରୁ ନାହିଁ," ମତବ୍ୟକ୍ତ କରି କହିଛନ୍ତି, ରୋହିତ ଭାସିନ, ସଭାପତି, ହେଡ଼ ଅଫ ଆଫ୍ଲୁଏଂଟ, ଏନଆରଆଇ ଆଣ୍ଡ ବିଜିନେଓ ବ୍ୟାଙ୍କିଙ୍ଗ ଆଣ୍ଡ ଚିଫ୍ ମାର୍କେଟିଂଙ୍ଗ ଅଫିସର କୋଟାକ ମହିନ୍ଦ୍ରା ବ୍ୟାଙ୍କ। "ସେହି ଦୂରତା ପାଇଁ ସଲିଟେଆର ଆମର ଦାୟିତ୍ୱ ଅଟେ ଏହା କେବଳ ଉତ୍ପାଦ ନୁହେଁ – ଏହା ଏକ ପ୍ରସ୍ତାବନ ଅଟେ। ସଲିଟେଆର ସଫଳତା, ଲକ୍ଷ୍ୟକୁ ସମ୍ମାନ, ବ୍ୟାଙ୍କିଙ୍ଗ କ୍ଷେତ୍ର କାହାକୁ ନେଇ ପୁନଃକଳ୍ପନା କରିଥାଏ ସେ ସବୁକୁ ନିଶ୍ଚିତ ଭାବରେ ଅନୁଭବ କରିବା।"

ଧର୍ଣ୍ଣାଢ଼୍ୟ ଗ୍ରାହକ ତଥା ସେମାନଙ୍କର ବ୍ୟାଙ୍କ ଗୁଡ଼ିକ ମଧ୍ୟରେ ସ୍ୱଷ୍ଟ ବିଚ୍ଛିନ୍ନତାକୁ ବିସ୍ତୃତ ଅନୁସନ୍ଧାନ ପ୍ରକାଶ କରିଥାଏ। ସେମାନେ ବିଶେଷ ଭାବରେ ଅଦୃଶ୍ୟତା, ନିଶ୍ଚିତତା ଏବଂ ଭାବପ୍ରବଣ ବିଚ୍ଛିନ୍ନତାକୁ ସେମାନଙ୍କର ବ୍ୟାଙ୍କରୁ ଅନୁଭବ କରିଥାନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ